ଓଡ଼ିଶା ସରକାର

# ବାର୍ଷିକ କାର୍ଯ୍ୟାବଳୀ ବିବରଣୀ

## କୃଷିକ୍ଷେତ୍ରରେ ମହିଳା ସଶକ୍ତିକରଣ ଏବଂ ଜୈବ ବିବିଧତା ସରଂକ୍ଷଣ

## ୨୦୨୫-୨୬



କୃଷି ଓ କୃଷକ ସଶକ୍ତିକରଣ ବିଭାଗ





ଓଡ଼ିଶା ସରକାର

# ବାର୍ଷିକ କାର୍ଯ୍ୟାବଳୀ ବିବରଣୀ

## ୨୦୨୫-୨୬

କୃଷି ଓ କୃଷକ ସଶକ୍ତିକରଣ ବିଭାଗ





# ମୁଖବନ୍ଧ

ଓଡ଼ିଶାର କୃଷି ସମୟ ସହିତ ତାଳ ଦେଇ ବିକଶିତ ଏବଂ ସମୃଦ୍ଧ ହେଉଛି । ଏକ ଅନ୍ତର୍ଭୁକ୍ତ, ସ୍ଥିର, ଲିଙ୍ଗଗତ ସମାନତା କ୍ଷେତ୍ର ଭାବରେ ରୂପାନ୍ତରିତ ହେବା ସହିତ କୃଷି ଜୈବ ବିବିଧତା ଏବଂ କୃଷି ଐତିହ୍ୟ ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ଏକ ଦାୟିତ୍ୱପୂର୍ଣ୍ଣ କ୍ଷେତ୍ର ଭାବରେ ବିବେଚନା କରାଯାଉଛି । କୃଷିକ୍ଷେତ୍ର ରାଜ୍ୟ ଜନସଂଖ୍ୟାର ଏକ ବଡ଼ ଅଂଶର ଖାଦ୍ୟ ଏବଂ ପୁଷ୍ଟି ସୁରକ୍ଷା ନିମନ୍ତେ ଜୀବନରେଖା ହୋଇ ରହିଛି । ଅଗ୍ରୀମ ଆକଳନ OES- ୨୦୨୪-୨୫ ଅନୁଯାୟୀ ରାଜ୍ୟର ମୋଟ ଉତ୍ପାଦରେ (GVA) କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରର ଅବଦାନ ପ୍ରାୟ ୧୮.୯ ପ୍ରତିଶତ ରହିଛି । ରାଜ୍ୟ GVAରେ ଫସଲ କ୍ଷେତ୍ରର ଅଂଶ ୧୧.୬ ପ୍ରତିଶତ । ଏହା ପରେ ପଶୁପାଳନ, ଜଙ୍ଗଲ ଏବଂ ବୃକ୍ଷ ରୋପଣ, ମତ୍ସ୍ୟ ଏବଂ ଜଳଜ ଚାଷ ରହିଛି, ଯାହାର ଅଂଶ ଯଥାକ୍ରମେ ୨.୬ ପ୍ରତିଶତ, ୨.୭ ପ୍ରତିଶତ ଏବଂ ୨.୧ ପ୍ରତିଶତ ରହିଛି । ରାଜ୍ୟରେ ପ୍ରାୟ ୪୯ ପ୍ରତିଶତ ଶ୍ରମଶକ୍ତି ସିଧାସଳଖ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ନିୟୋଜିତ ଅଛନ୍ତି । ଏକ ସମୀକ୍ଷାରୁ ଜଣାପଡ଼ିଛି ଓଡ଼ିଶାରେ ଖାଦ୍ୟ ଶସ୍ୟ ଉତ୍ପାଦନ ବିଗତ ବର୍ଷ ତୁଳନାରେ ଲଗାତାର ବୃଦ୍ଧି ପାଇଛି । ୨୦୨୪ -୨୫ ମସିହାରେ ରାଜ୍ୟର ଖାଦ୍ୟ ଶସ୍ୟ ଉତ୍ପାଦନ ୧୫୦.୪୮ ଲକ୍ଷ ଟନ୍‌ରେ ପହଞ୍ଚି ପାରିଛି ।

ଓଡ଼ିଶା ସରକାର କୃଷି କ୍ଷେତ୍ରର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ନୀତିରେ ଅନ୍ତର୍ଭୁକ୍ତ କୃଷି ରୂପାନ୍ତରଣ (IAT) ଢାଞ୍ଚାକୁ ଗ୍ରହଣ କରି ଏହି କ୍ଷେତ୍ରର ସାମଗ୍ରିକ ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ସମନ୍ୱୟ ଏହାର ନୀତି ପ୍ରଣୟନର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଛି । ବିଜ୍ଞାନ-ସମ୍ୱଳିତ, ପ୍ରମାଣ-ଆଧାରିତ ପଦ୍ଧତି ସହିତ ଅନ୍ତର୍ଜାତୀୟ ଗୁଣାତ୍ମକ ସହଯୋଗ ହେଉଛି ବିଭାଗର କାର୍ଯ୍ୟକାରିତାର ମାର୍ଗଦର୍ଶୀ ନୀତି । ମୂଲ୍ୟ ବୃଦ୍ଧି ଏବଂ ରପ୍ତାନି ସଂଯୋଗ ମାଧ୍ୟମରେ କୃଷକମାନଙ୍କ କଲ୍ୟାଣ ହେବା ସହିତ ସେମାନଙ୍କର ଆୟବୃଦ୍ଧି କରି କୃଷି କ୍ଷେତ୍ରକୁ ଏକ ନିଯୁକ୍ତି ସୃଷ୍ଟିକାରୀ ଏବଂ କୃଷକମାନଙ୍କ କଲ୍ୟାଣ ସାଧନକାରୀ କ୍ଷେତ୍ର ଭାବରେ ପ୍ରତିପାଦନ କରାଯାଇପାରିଛି । ଏହି କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ସରକାର କୃଷକ ହିତରେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଏହି ବାର୍ଷିକ କାର୍ଯ୍ୟାବଳୀ ବିବରଣୀ ରାଜ୍ୟର କୃଷି କ୍ଷେତ୍ରରେ ଏକ ସମୟୋପଯୋଗୀ ପରିବର୍ତ୍ତନ ଆଣିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାର ଏକ ପ୍ରମାଣ, ଯାହା ତୃଣମୂଳ ସ୍ତରରେ ମଧ୍ୟ ପ୍ରଦର୍ଶିତ ହୋଇପାରିଛି ।

# ରାଜ୍ୟସ୍ତରୀୟ କୃଷକ ଦିବସ ପାଳନ





# ସିଏମ୍ -କିଷାନ ବିତରଣ ସମାରୋହ






# ପିଏମ୍ - କିଷାନ ବିତରଣ ସମାରୋହ





## ପ୍ରଧାନମନ୍ତ୍ରୀ - ଧନ ଧାନ୍ୟ କୃଷି ଯୋଜନା




## ବିକଶିତ କୃଷି ସଂକଳ୍ପ ଅଭିଯାନ





## କୃଷକ ଶକ୍ତି ସମାବେଶ





## ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଏବଂ ମହିଳା କୃଷକ ସମ୍ମିଳନୀ ୨୦୨୫





# କୃଷି ଓଡ଼ିଶା ୨୦୨୬










# ବିଭାଗୀୟ କାର୍ଯ୍ୟାବଳୀର ଦୃଶ୍ୟପଟ



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କୃଷି ଭବନ ସ୍ଥିତ ମିଲେଟ ଶକ୍ତି କାଫେ ପରିଦର୍ଶନ



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟରେ ସାର ବିକ୍ରି ଏବଂ ଉପଲବ୍ଧତାର ସମୀକ୍ଷା



ନୂଆଦିଲ୍ଲୀରେ ଆୟୋଜିତ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା (IITF)ରେ ଓଡ଼ିଶା ପାଭିଲିୟନରେ ଥିବା ବିଭାଗୀୟ ଷ୍ଟଲ୍‌କୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ



ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଚାଷୀ ଏବଂ ଅଧିକାରୀମାନଙ୍କ ମାଲେସିଆ ଅନୁଭୂତି ଯାତ୍ରାର ଶୁଭାରମ୍ଭ



ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଛାତ ଉପର ବଗିଚା ସଚେତନତା ରଥର ଶୁଭାରମ୍ଭ



ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱରଠାରେ ଓଡ଼ିଶା କୃଷି ଶିଳ୍ପ ନିଗମର ଭିତ୍ତିପ୍ରସ୍ତର ସ୍ଥାପନ

# ବିଭାଗୀୟ କାର୍ଯ୍ୟାବଳୀର ଦୃଶ୍ୟପଟ



କୃଷି ଭବନଠାରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ



ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟସ୍ତରୀୟ ପ୍ରାରମ୍ଭିକ କର୍ମଶାଳା (NDMF ଅଧୀନରେ OADMP)ର ଉଦ୍‌ଘାଟନ



କୃଷି ଭବନଠାରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରବି ସମ୍ମିଳନୀ ୨୦୨୫-୨୬ର ଉଦ୍‌ଘାଟନ



ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମୋବାଇଲ ମାଇଗ୍ରେସନ ରିସୋର୍ସ ସେଣ୍ଟର (ଭ୍ରାମ୍ୟମାଣ ପ୍ରବାସୀ ସମ୍ବଳ କେନ୍ଦ୍ର)ର ଶୁଭାରମ୍ଭ



ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା LRI ଯାତ୍ରା ରଥର ଶୁଭାରମ୍ଭ



କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଗେଟ୍‌ସ ଫାଉଣ୍ଡେସନ ମଧ୍ୟରେ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ

# ବିଭାଗୀୟ କାର୍ଯ୍ୟାବଳୀର ଦୃଶ୍ୟପଟ



ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀରସ୍ଥିତ ଦେଶୀ ବିହନ ପରୀକ୍ଷଣ କ୍ଷେତ୍ର ପରିଦର୍ଶନ




ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ଠାରେ ଜଳଛାୟା ମହୋତ୍ସବର ଉଦ୍‌ଘାଟନ




'ବିଲ୍ଡିଂ ରେଜିଲିଏନ୍ସ' ଉପରେ ଆୟୋଜିତ ଜାତୀୟ ସମ୍ମିଳନୀରେ ଅଂଶଗ୍ରହଣକାରୀଙ୍କୁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ସମ୍ବୋଧନ



ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ କନ୍ଧମାଳସ୍ଥିତ 'କାସାମ'କୁ ପରିଦର୍ଶନ




କୃଷି ଭବନଠାରେ 'ଡେୟାର' (DARE)ର ସଚିବ ତଥା ଆଇ.ସି.ଏ.ଆର ର ମହାନିର୍ଦ୍ଦେଶକ ଡକ୍ଟର. ଏମ୍.ଏଲ୍. ଜାଟ୍‌ଙ୍କ ଦ୍ୱାରା 'କୃଷି ଜ୍ଞାନ' ବକ୍ତୃତା ମାଳା




ଗେଟ୍‌ସ ଫାଉଣ୍ଡେସନ ପ୍ରତିନିଧି ଦଳଙ୍କ କୃଷି ଭବନ ପରିଦର୍ଶନ

# ନୋଡାଲ ଅଧିକାରୀଙ୍କ ବିଭିନ୍ନ ଜିଲ୍ଲା ପରିଦର୍ଶନ



କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କ କେନ୍ଦୁଝର ଜିଲ୍ଲା ପରିଦର୍ଶନ



ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କଳାହାଣ୍ଡି ଜିଲ୍ଲା ପରିଦର୍ଶନ



ମୃତ୍ତିକା ସରଂକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶକଙ୍କ କୋରାପୁଟ ଜିଲ୍ଲା ପରିଦର୍ଶନ



କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ଶାସନ ସଚିବଙ୍କ କଟକ ଜିଲ୍ଲା ପରିଦର୍ଶନ



କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ (ସମ୍ପ୍ରସାରଣ)ଙ୍କ ଢେଙ୍କାନାଳ ଜିଲ୍ଲା ପରିଦର୍ଶନ



ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକଙ୍କ ସମ୍ବଲପୁର ଜିଲ୍ଲା ପରିଦର୍ଶନ

# କାର୍ଯ୍ୟାବଳୀର ମୁଖ୍ୟାଂଶ




## ୧ ଡିଜିଟାଲ କୃଷିର ସଫଳତା

ଆଗ୍ରିଷ୍ଟାକ୍ ଓ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିର ବିକାଶରେ ଦକ୍ଷତା ପ୍ରଦର୍ଶନ ପାଇଁ ରାଜ୍ୟକୁ ଭାରତ ସରକାର ୧୫୫.୪୮ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ମଞ୍ଜୁର କରିଛନ୍ତି ।

## ୨ ଧାନ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା (CRFM)

ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ ଯାହା ୩୦ଟି ଜିଲ୍ଲାରେ ଏକ ପୁନଃସୃଜନ କୃଷି ପଦ୍ଧତି ଭାବରେ କାର୍ଯ୍ୟକାରୀ କରାଯାଉଛି । ଏହା ଦ୍ୱାରା ଖାଦ୍ୟ ସୁରକ୍ଷା, ରୋଜଗାର ବୃଦ୍ଧି ଏବଂ ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ସୁନିଶ୍ଚିତ କରିବା ପ୍ରୟାସକୁ ସୁଦୃଢ଼ କରାଯାଇପାରୁଛି ।





## ୩ ଶ୍ରୀ ଅନ୍ନ ଅଭିଯାନ

୨୦୨୪-୨୫ ଖରିଫ ମାର୍କେଟିଂ ଋତୁରେ (KMS) ୭.୫ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ କିଣାଯାଇଥିଲା ଏବଂ ଏଥିପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଠାରୁ କ୍ୱିଣ୍ଟାଲ ପିଛା ଅଧିକ ୨୧୦ ଟଙ୍କା ପ୍ରୋତ୍ସାହନ ସହାୟତା ପ୍ରଦାନ କରାଯାଇଥିଲା । ୫.୯୩ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ରେସନ୍ କାର୍ଡ ଧାରକମାନଙ୍କୁ ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଛି ।

## ୪ ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଏବଂ ମହିଳା କୃଷକ ସମ୍ମିଳନୀ ୨୦୨୫

୨୦୨୬ ଆନ୍ତର୍ଜାତିକ ମହିଳା କୃଷକ ବର୍ଷ ଅବ୍ୟବହିତ ପୂର୍ବରୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା "କୃଷି ଐତିହ୍ୟ ଏବଂ କୃଷି-ଜୈବ ବିବିଧତାର ସଂରକ୍ଷଣରେ ମହିଳାମାନଙ୍କର ଭୂମିକା" ବିଷୟବସ୍ତୁ ଆଧାରିତ ଆନ୍ତର୍ଜାତିକ ଆଲୋଚନା ଚକ୍ର ୨୦୨୫, ନଭେମ୍ବର ୧୦ ଏବଂ ୧୧ ତାରିଖରେ ଆୟୋଜନ କରାଯାଇଥିଲା ।





## ୫ ଅମୃତ ଅନ୍ନ ଯୋଜନା

ଶ୍ରୀ ଜଗନ୍ନାଥ ମନ୍ଦିରରେ କୋଠ ଭୋଗ ପ୍ରସ୍ତୁତି ପାଇଁ ବ୍ୟାପକ ପରିମାଣରେ ସୁଗନ୍ଧିତ ଜୈବିକ ଧାନ ଚାଷ କରିବା ନିମନ୍ତେ ରାଜ୍ୟ ସରକାର"ଅମୃତ ଅନ୍ନ" ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି, ଯାହାକି ଶ୍ରୀଜଗନ୍ନାଥ ମନ୍ଦିରରେ କୋଠଭୋଗ ଏବଂ ମହାପ୍ରସାଦ ପ୍ରସ୍ତୁତି ପାଇଁ ଯୋଗାଇ ଦିଆଯିବ । ଏହି ପଦକ୍ଷେପ ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ପବିତ୍ରତାକୁ ମହିମାନ୍ୱିତ କରିବ ।

## ୬ କୃଷି ଶକ୍ତି ଉପଲବ୍ଧତା

ବ୍ୟାପକ ଯାନ୍ତ୍ରିକୀକରଣ ପ୍ରୟାସ ଯୋଗୁଁ, ରାଜ୍ୟରେ ପ୍ରତି ହେକ୍ଟର ପିଛା କୃଷି ଶକ୍ତି ଉପଲବ୍ଧତା ୨୦୦୦-୦୧ରେ ହେକ୍ଟର ପିଛା ୦.୬୧ କିଲୋୱାଟ୍‌ରୁ ୨୦୨୪-୨୫ରେ ହେକ୍ଟର ପିଛା ୨.୬୧ କିଲୋୱାଟ୍‌କୁ ବୃଦ୍ଧି ପାଇଛି । ୨୦୩୬ ସୁଦ୍ଧା ପ୍ରତି ହେକ୍ଟର ପିଛା ୩.୫୦ କିଲୋୱାଟ୍‌ରେ ପହଞ୍ଚିବାର ଲକ୍ଷ୍ୟ ରଖାଯାଇଛି ।






## ୭ ସିଏମ୍ - କିଷାନ

କୃଷିଭିତ୍ତିକ ଗଣପର୍ବ ନୂଆଁଖାଇର ପବିତ୍ର ଅବସରରେ ସରକାର ୫୧.୧୫ ଲକ୍ଷ ଯୋଗ୍ୟ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଏବଂ ୩୯,୨୩୯ ଭୂମିହୀନ କୃଷି ପରିବାରଙ୍କୁ ୧୦୪୧ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷରେ ସମୁଦାୟ ୨୦୬୬ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି ।

## ୮ କୃଷି ବିଦ୍ୟା ନିଧି ଯୋଜନା

୨୦୨୪-୨୫ ଶିକ୍ଷାବର୍ଷରେ କୃଷି ବିଦ୍ୟା ନିଧି ଯୋଜନା ଅଧୀନରେ ୧୩,୯୨୩ ଜଣ ଛାତ୍ରଛାତ୍ରୀ ୫୩.୬୦ କୋଟି ଟଙ୍କାର ବୃତ୍ତି ପାଇଛନ୍ତି, ଯାହାକି ପୂର୍ବ ବର୍ଷ ତୁଳନାରେ ପାଞ୍ଚ ଗୁଣ ଅଧିକ । ୨୦୨୫-୨୬ ଶିକ୍ଷାବର୍ଷ ମଧ୍ୟରେ ଅଦ୍ୟାବଧି ପ୍ରାୟ ୭୨,୦୦୦ ଛାତ୍ରଛାତ୍ରୀ ଏହି ଯୋଜନା ଅଧୀନରେ ଛାତ୍ରବୃତ୍ତି ନିମନ୍ତେ ଆବେଦନ କରିଛନ୍ତି ।





## ୯ ସମୃଦ୍ଧ କୃଷକ ଯୋଜନା

୨୦୨୪ -୨୫ ଖରିଫ ଋତୁରେ ୧୬.୬୦ ଲକ୍ଷ ଚାଷୀଙ୍କଠାରୁ ୭୩.୪୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇ ଚାଷୀମାନଙ୍କୁ ୫୮୭୭.୫୭ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଏହା ବ୍ୟତୀତ, ୨୦୨୪ -୨୫ ରବି ଋତୁରେ ୩.୧୨ ଲକ୍ଷ ଚାଷୀଙ୍କଠାରୁ ୧୯.୧୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି ଏବଂ ଏହା ବାବଦକୁ ୧୫୩୪.୪୩ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି ।

## ୧୦ ଶୀତଳ ଭଣ୍ଡାର ସମ୍ମିଳନୀ

ଶୀତଳ ଭଣ୍ଡାର ଏବଂ କ୍ରେତା-ବିକ୍ରେତା ସମ୍ମିଳନୀ ଡିସେମ୍ବର ୧୩, ୨୦୨୫ରେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀ ମାଧ୍ୟମରେ ଏକ ସ୍ଥାୟୀ ଶୀତଳ ଭଣ୍ଡାର ଶୃଙ୍ଖଳ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ଚେଷ୍ଟା କରାଯାଇଛି । ଏହାର ଲକ୍ଷ୍ୟ ହେଉଛି କୃଷକମାନଙ୍କ ଆୟ ବୃଦ୍ଧି କରିବା ଏବଂ କୃଷି କ୍ଷେତ୍ରରେ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ।





## ୧୧ କୃଷକ ଉତ୍ପାଦକ ସଂଗଠନ

ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦର, ଭୁବନେଶ୍ୱର ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ବିମାନବନ୍ଦର, କୋଲକାତା ମାଧ୍ୟମରେ ୟୁରୋପର ୧୦ ଟି ଦେଶ ସମେତ ମଧ୍ୟ-ପୂର୍ବ ଦେଶ ଯଥା ୟୁକେ, ଫ୍ରାନ୍ସ, ବେଲଜିୟମ୍, ସ୍ୱିଡେନ, ପୋଲାଣ୍ଡ, ଆୟରଲ୍ୟାଣ୍ଡ, ଇଟାଲୀ, ଜର୍ମାନୀ, ୟୁଏଇ ଏବଂ କାତାରକୁ ୧୫୪.୭ ମେଟ୍ରିକ ଟନ୍ ଉଦ୍ୟାନକୃଷି ଉତ୍ପାଦ ରପ୍ତାନି କରାଯାଇଥିଲା ।

## ୧୨ କୃଷି ଉତ୍ପାଦନ ପୁଞ୍ଜି (APC)

କୃଷି ପୁଞ୍ଜ ଉତ୍ପାଦନ କ୍ଷେତ୍ରରେ ଉତ୍ପାଦକ ଗୋଷ୍ଠୀମାନଙ୍କର ଉତ୍ପାଦର ବଜାରୀକରଣ ନିମନ୍ତେ ପ୍ରସ୍ତୁତ ଅମଳ ଦ୍ରବ୍ୟକୁ ଗ୍ରେଡିଂ, ସର୍ଟିଂ ଏବଂ ପ୍ୟାକେଜିଙ୍ଗ ବ୍ୟବସ୍ଥାର ସୃଜନୀକରଣ କରାଯାଇ ୭୨୪ଟି ଅମଳ ପରବର୍ତ୍ତୀ ଭିତ୍ତିଭୂମିର ପରିଚାଳନା କରାଯାଇ ୧୭,୩୧୧ ମେଟ୍ରିକ ଟନ୍ ଉତ୍ପାଦକୁ ବଜାରକୁ ପଠାଯାଇ ୭୩ କୋଟି ଟଙ୍କା ମୂଲ୍ୟର ଉତ୍ପାଦକ ଚାଷୀମାନଙ୍କୁ ପ୍ରଦାନ କରାଯାଇଛି ।





## ୧୩ ଜଳଧାରା

୨୦୨୪-୨୫ ରୁ ୨୦୨୬-୨୭ ମଧ୍ୟରେ ଛଅଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରି ମୋଟ ୨୨୫୦ଟି କୃଷି ପୋଖରୀ ଖନନ କରାଯିବାର ଲକ୍ଷ୍ୟ ରହିଛି । ଯାହା ଘରୋଇ ଏବଂ ପ୍ରାଣୀପାଳନ ନିମନ୍ତେ ଜଳର ଆବଶ୍ୟକତାକୁ ପୂରଣ କରିବ ଏବଂ ପ୍ରତିକୂଳ ପାଣିପାଗ ପରିସ୍ଥିତିରେ ଉଚ୍ଚ ମୂଲ୍ୟର ଫସଲ ଏବଂ ପନିପରିବା ପାଇଁ ଜଳସେଚନ କରିବାରେ ସହାୟକ ହେବ । ଡିସେମ୍ବର ୨୦୨୫ ସୁଦ୍ଧା ୯୦ ଟି କ୍ଷେତ ପୋଖରୀ ଖନନ କରାଯାଇଛି ।

## ୧୪ ଲିଙ୍ଗଗତ ସମ୍ବେଦନଶୀଳ କକ୍ଷ

ରାଜ୍ୟ କୃଷିନୀତି ପ୍ରଣୟନ, କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି, କାର୍ଯ୍ୟାନ୍ୱୟନ ଏବଂ ତଦାରଖରେ ଏକ ଲିଙ୍ଗଗତ ସମ୍ବେଦନଶୀଳ ଆଭିମୁଖ୍ୟକୁ ସଂସ୍ଥାଗତ କରିବା ପାଇଁ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗରେ ଲିଙ୍ଗ-ଗତ ସମ୍ବେଦନଶୀଳ ପ୍ରକୋଷ୍ଠ (GRC), ୨୯ ନଭେମ୍ବର ୨୦୨୫ ରେ କାର୍ଯ୍ୟକ୍ଷମ କରାଯାଇଛି ।





## ୧୫ ଏକ୍ ପେଡ୍ ମା' କେ ନାମ୍ ୨.୦

“ଏକ ପେଡ୍ ମା' କେ ନାମ୍” ଯୋଜନାର ମହତ୍ତ୍ୱ ହେଉଛି ନିଜ ମାଆଙ୍କ ନାମରେ ଗଛଟିଏ ଲଗାଇବାର ଏକ ପ୍ରତୀକାତ୍ମକ ଭୂମିକା । କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ଏହି ପ୍ରୟାସ ମାଧ୍ୟମରେ ବୃକ୍ଷ ରୋପଣ ଅଭିଯାନ ପାଇଁ ରାଜ୍ୟର ବିଭିନ୍ନ ହିତାଧିକାରୀଙ୍କୁ ଆମ୍ବ, ଲେମ୍ବୁ, ନଡ଼ିଆ ଏବଂ ପଣସର ୪୧ ଲକ୍ଷ ଚାରା ମାଗଣା ବଣ୍ଟନ କରାଯାଇଛି ।



## ୧୬ ବିକଶିତ କୃଷି ସଂକଳ୍ପ ଅଭିଯାନ (VKSA)

କେନ୍ଦ୍ର ସରକାରଙ୍କ ଏହି ୧୫ ଦିନିଆ ଅଭିଯାନର ଜାତୀୟସ୍ତରୀୟ ଶୁଭାରମ୍ଭ, ୨୯.୦୫.୨୦୨୫ରେ ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଶ୍ରୀଯୁକ୍ତ ଶିବରାଜ ସିଂହ ଚୌହାନ, ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ବିଭାଗ ତଥା ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା।

## ୧୭ ପ୍ରାକୃତିକ କୃଷି

ପ୍ରାକୃତିକ କୃଷି ଏକ ରାସାୟନିକ ମୁକ୍ତ କୃଷି, ଯାହା ଭାରତୀୟ ପାରମ୍ପରିକ ଜ୍ଞାନ ଉପରେ ଆଧାରିତ ପଶୁପାଳନ ସମନ୍ୱିତ ପ୍ରାକୃତିକ କୃଷି ପଦ୍ଧତି ଏବଂ ଫସଲ ବିବିଧିକରଣ ପ୍ରଣାଳୀକୁ ଅନ୍ତର୍ଭୁକ୍ତ କରେ । ଏହି ମିଶନ ୧୦ଟି ଜିଲ୍ଲାର ୨୪,୧୫୦ ହେକ୍ଟର ଜମିରେ କାର୍ଯ୍ୟକାରୀ ହେଉଛି।





## ୧୮ ପରମ୍ପରାଗତ କୃଷି ବିକାଶ ଯୋଜନା (PKVY)

ପାରମ୍ପରିକ ଜ୍ଞାନ ଏବଂ ଆଧୁନିକ ବିଜ୍ଞାନର ସମ୍ମିଶ୍ରଣରେ ଜୈବିକ କୃଷିର ସ୍ଥାୟୀ ମଡେଲ ବିକାଶ ପାଇଁ PKVYର ଲକ୍ଷ୍ୟ ରହିଛି । ଏହି ଯୋଜନା ରାଜ୍ୟର ୪ଟି ଜିଲ୍ଲା ଅନ୍ତର୍ଗତ ୧୩ଟି ବ୍ଲକର ୬୫୦୦ ହେକ୍ଟର ଜମିରେ କାର୍ଯ୍ୟକାରୀ କରାଯାଉଛି।

## ୧୯ ବଳଭଦ୍ର ଜୈବିକ ଚାଷ ମିଶନ୍

ଓଡ଼ିଶା ସରକାର ୮ଟି ଜିଲ୍ଲାରେ କୃଷକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୂତନ କାର୍ଯ୍ୟକ୍ରମ "ବଳଭଦ୍ର ଜୈବିକ ଚାଷ ମିଶନ୍" ଆରମ୍ଭ କରିଛନ୍ତି। ରବି ୨୦୨୫-୨୬ ଋତୁରେ ପ୍ରାୟ ୧୬,୬୦୦ ହେକ୍ଟର ଜମିରେ ଜୈବିକ କୃଷି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଅଛି।





## ୨୦ ମହିଳା-କୈନ୍ଦ୍ରିକ କୃଷି ଯନ୍ତ୍ରପାତିର ପରୀକ୍ଷଣ

ମହିଳା-କୈନ୍ଦ୍ରିକ ମାନ ଏବଂ ବୃତ୍ତିଗତ ବିପଦ ଉପରେ ଧ୍ୟାନ ଦେଇ କୃଷି ଉପକରଣ/ଯନ୍ତ୍ରପାତି ପରୀକ୍ଷା, ପ୍ରମାଣୀକରଣ ଏବଂ ଉନ୍ନତି ପାଇଁ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଏକ SOP ପ୍ରସ୍ତୁତ କରିଛି।

# ଓଡ଼ିଶା କୃଷିର ଏକ ଅବଲୋକନ

| କ୍ର. ନଂ | ବିଷୟ | ଏକକ | ଓଡ଼ିଶା |
|---|---|---|---|
| ୧ | ଭୌଗୋଳିକ କ୍ଷେତ୍ର | ଲକ୍ଷ ହେକ୍ଟର | ୧୫୫.୭୧ |
| ୨ | ଜଙ୍ଗଲ କ୍ଷେତ୍ର | ଲକ୍ଷ ହେକ୍ଟର | ୫୮.୧୩ |
| ୩ | ଚାଷ ଜମି | ଲକ୍ଷ ହେକ୍ଟର | ୬୧.୮୦ |
| | ଉଚ୍ଚ ଜମି | ଲକ୍ଷ ହେକ୍ଟର | ୨୯.୧୪ (୪୭ %) |
| | ମଧ୍ୟମ ଜମି | ଲକ୍ଷ ହେକ୍ଟର | ୧୭.୫୫ (୨୮%) |
| | ଖାଲ ଜମି | ଲକ୍ଷ ହେକ୍ଟର | ୧୫.୧୧ (୨୫%) |
| | ବାସ୍ତବିକ ବୁଣାଯାଇଥିବା କ୍ଷେତ୍ର | ଲକ୍ଷ ହେକ୍ଟର | ୫୩.୫୬ |
| | ସମୁଦାୟ ଶସ୍ୟ କ୍ଷେତ୍ର | ଲକ୍ଷ ହେକ୍ଟର | ୮୩.୬୧ |
| ୪ | ଫସଲ ତୀବ୍ରତା | ଶତକଡ଼ା | ୧୬୫ |
| ୫ | କୃଷି-ଜଳବାୟୁ ଅଞ୍ଚଳ | ସଂଖ୍ୟା | ୧୦ |
| ୬ | ପ୍ରଶାସନିକ ବିଭାଜନ | | |
| | ଜିଲ୍ଲା | ସଂଖ୍ୟା | ୩୦ |
| | କୃଷି -ଜିଲ୍ଲା | ସଂଖ୍ୟା | ୯୭ |
| | କୃଷି ବିଜ୍ଞାନ କେନ୍ଦ୍ର | ସଂଖ୍ୟା | ୩୩ |
| ୭ | ସମୁଦାୟ ଚାଷ ଜୋତ ସଂଖ୍ୟା (କୃଷିଗଣନା, ୨୦୧୫-୧୬ ) | ସଂଖ୍ୟା (ଲକ୍ଷରେ) | ୪୮.୬୬ |
| | କ୍ଷୁଦ୍ର ଏବଂ ନାମ ମାତ୍ର | ସଂଖ୍ୟା (ଲକ୍ଷରେ) | ୪୫.୨୪ |
| | ମଧ୍ୟମ | ସଂଖ୍ୟା (ଲକ୍ଷରେ) | ୩.୩୮ |
| | ବଡ଼ | ସଂଖ୍ୟା (ଲକ୍ଷରେ) | ୦.୦୪ |
| ୮ | ଲିଜ୍ ଦିଆଯାଇଥିବା ଚାଷ ଜୋତ | ସଂଖ୍ୟା (ଲକ୍ଷରେ) | ୯.୦୫ |
| ୯ | ହାରାହାରି ଚାଷ ଜୋତ | ହେକ୍ଟର | ୦.୯୫ |
| ୧୦ | କୃଷି ଶ୍ରମିକ (ଜନ ଗଣନା ,୨୦୧୧ ) | | |
| | ମୁଖ୍ୟ କୃଷି ଶ୍ରମିକ | | |
| | କୃଷକ | ସଂଖ୍ୟା (ଲକ୍ଷରେ) | ୩୨.୮୦ |
| | କୃଷି ଶ୍ରମିକ | ସଂଖ୍ୟା (ଲକ୍ଷରେ) | ୨୪.୨୧ |
| | ନାମମାତ୍ର କୃଷି ଶ୍ରମିକ | | |
| | କୃଷକ | ସଂଖ୍ୟା (ଲକ୍ଷରେ) | ୮.୨୪ |
| | କୃଷି ଶ୍ରମିକ | ସଂଖ୍ୟା (ଲକ୍ଷରେ) | ୪୩.୧୯ |
| | ମୋଟ କୃଷି ଶ୍ରମିକ | | |
| | କୃଷକ | ସଂଖ୍ୟା (ଲକ୍ଷରେ) | ୪୧.୦୪ |
| | କୃଷି ଶ୍ରମିକ | ସଂଖ୍ୟା (ଲକ୍ଷରେ) | ୬୭.୪୦ |
| ୧୧ | ସୃଷ୍ଟି ହୋଇଥିବା ଜଳସେଚନ କ୍ଷମତା (୨୦୨୪-୨୫)(ସୂଚନା -ଜଳ ସଂପଦ ବିଭାଗ) | | |
| | ଖରିଫ୍ | ଲକ୍ଷ ହେକ୍ଟର | ୫୧.୩୪ |
| | ରବି | ଲକ୍ଷ ହେକ୍ଟର | ୨୨.୮୪ |
| | ମୋଟ୍ | ଲକ୍ଷ ହେକ୍ଟର | ୭୪.୧୮ |

| | | | |
|---|---|---|---|
| ୧୨ | ରାଜ୍ୟ ମୋଟ ଉତ୍ପାଦରେ କୃଷି ଓ ଆନୁଷଙ୍ଗିକ କୃଷିର ଅଂଶଦାର (Adv.Est. of 2024-25 at current prices) | ଶତକଡ଼ା | ୧୮.୯ |
| ୧୩ | ବିହନ ପରିବର୍ତ୍ତନ ହାର (ଧାନ ) ୨୦୨୪-୨୫ | ଶତକଡ଼ା | ୨୯ |
| ୧୪ | ସାର ବ୍ୟବହାର (NPK) ୨୦୨୪-୨୫ | କି.ଗ୍ରା ପ୍ରତି ହେକ୍ଟର | ୭୮.୨୧ |
| ୧୫ | କୀଟନାଶକ ବ୍ୟବହାର ୨୦୨୪-୨୫ | ଗ୍ରାମ ପ୍ରତି ହେକ୍ଟର | ୧୫୩.୨୬ |
| ୧୬ | କୃଷି କ୍ଷେତ୍ରରେ ଶକ୍ତିର ଉପଲବ୍ଧତା | କିଲୋୱାଟ୍ ପ୍ରତି ହେକ୍ଟର | ୨.୬୧ |
| ୧୭ | ନିବେଶ ବ୍ୟବସ୍ଥା (୩୧.୧୨.୨୫ ପର୍ଯ୍ୟନ୍ତ ) | | |
| | ବିହନ ବିକ୍ରେତା | ସଂଖ୍ୟା | ୯୮୬୦ |
| | ସାର ବିକ୍ରେତା | ସଂଖ୍ୟା | ୧୩୪୭୪ |
| | ରାଜ୍ୟସ୍ତରୀୟ | ସଂଖ୍ୟା | ୧୫୯ |
| | ହୋଲସେଲର | ସଂଖ୍ୟା | ୧୦୦୮ |
| | ଖୁଚୁରା ବିକ୍ରେତା | ବେସରକାରୀ | ୯୯୦୭ |
| | | ପ୍ରାଥମିକ କୃଷି ସମବାୟ ସମିତି / ବୃହତ ବହୁମୁଖୀ ସମବାୟ ସମିତି | ୨୫୫୯ |
| | | ମୋଟ୍ | ୧୨୪୬୬ |
| | କୀଟନାଶକ ବିକ୍ରେତା | ସଂଖ୍ୟା | ୭୧୪୨ |
| ୧୮ | ରେକ୍ ପଏଣ୍ଟ ସଂଖ୍ୟା | | ୨୪ |
| ୧୯ | ଭଡ଼ା ସୂତ୍ରରେ କୃଷି ଯନ୍ତ୍ରପାତି ଯୋଗାଣ କେନ୍ଦ୍ର / କୃଷି ସେବା କେନ୍ଦ୍ର ସଂଖ୍ୟା (୨୦୧୩-୧୪ ରୁ ଡିସେମ୍ବର -୨୦୨୫ ) | | ୩୪୫୮ |
| ୨୦ | ଫସଲ ଉତ୍ପାଦନ | | (୨୦୨୪-୨୫ ) |
| | ଚାଉଳ | ଲକ୍ଷ ମେଟ୍ରିକ ଟନ୍ | ୧୧୮.୬୪ |
| | ମୋଟ ଡାଲି | ଲକ୍ଷ ମେଟ୍ରିକ ଟନ୍ | ୧୬.୫୬ |
| | ମୋଟ ଖାଦ୍ୟ ଶସ୍ୟ | ଲକ୍ଷ ମେଟ୍ରିକ ଟନ୍ | ୧୫୦.୪୮ |
| | ମୋଟ ତୈଳବୀଜ | ଲକ୍ଷ ମେଟ୍ରିକ ଟନ୍ | ୬.୨୦ |
| | ତୁଳା | ଲକ୍ଷ (ବେଲସରେ) | ୮.୨୨ |
| | ଆଖୁ | ଲକ୍ଷ ମେଟ୍ରିକ ଟନ୍ | ୧୪.୫୩ |
| ୨୧ | ଉଦ୍ୟାନ କୃଷି ଉତ୍ପାଦନ | | |
| | ମୋଟ ପନିପରିବା | ଲକ୍ଷ ମେଟ୍ରିକ ଟନ୍ | ୧୧୧.୦୨ |
| | ମୋଟ ମସଲା | ଲକ୍ଷ ମେଟ୍ରିକ ଟନ୍ | ୧୫.୯୫ |
| | ମୋଟ ଫଳ | ଲକ୍ଷ ମେଟ୍ରିକ ଟନ୍ | ୨୭.୧୮ |
| | ମୋଟ ନଡ଼ିଆ | ସଂଖ୍ୟା (ଲକ୍ଷରେ) | ୪୦୫୦.୩୭ |
| | ଝରା ଫୁଲ ଉତ୍ପାଦନ | ଲକ୍ଷ ମେଟ୍ରିକ ଟନ୍ | ୦.୬୨ |
| | କଟା ଫୁଲ ଉତ୍ପାଦନ | ସଂଖ୍ୟା (ଲକ୍ଷରେ) | ୪୬୩୦.୪୪ |
| | **ସମୁଦାୟ ଉଦ୍ୟାନ କୃଷି ଉତ୍ପାଦନ** | | ୧୫୪.୭୭ ଲକ୍ଷ ମେଟ୍ରିକ ଟନ୍<br>୮୬୮୦.୮୧ ସଂଖ୍ୟା (ଲକ୍ଷରେ). |



# ସୂଚୀପତ୍ର


| | |
|---|---|
| କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ | ୧ |
| ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ | ୨୪ |
| ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ | ୩୬ |
| ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ | ୪୩ |
| ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ନିଗମ ଲିମିଟେଡ୍ (ଆପିକଲ) | ୫୦ |
| ଓଡ଼ିଶା ରାଜ୍ୟ  ବିହନ ନିଗମ ଲିମିଟେଡ୍ | ୫୪ |
| ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ | ୫୭ |
| ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ | ୬୩ |
| ଓଡ଼ିଶା ରାଜ୍ୟ ବିହନ ଓ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥା (ଓସୋପକା) | ୬୬ |
| କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ (IMAGE) | ୬୯ |



# ସଶକ୍ତ ମହିଳା ଚାଷୀ, ସୁନିଶ୍ଚିତ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା

## କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ



## ଫସଲ କ୍ଷେତ୍ର

ଓଡ଼ିଶାର ଫସଲ କ୍ଷେତ୍ର ରାଜ୍ୟର କୃଷିଭିତ୍ତିକ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ଗ୍ରାମାଞ୍ଚଳର ଏକ ବଡ଼ ଜନସଂଖ୍ୟାକୁ ନିଯୁକ୍ତି ଦେବା ସହ ରାଜ୍ୟର ଅଭିବୃଦ୍ଧି ଏବଂ ଖାଦ୍ୟ ନିରାପତ୍ତାରେ ପ୍ରମୁଖ ଅବଦାନ ଦେଇଥାଏ । ଓଡ଼ିଶା ମୁଖ୍ୟତଃ ଏକ ଧାନ ଚାଷ ପ୍ରଧାନ ଅଞ୍ଚଳ ହୋଇଥିଲେ ମଧ୍ୟ ରାଜ୍ୟରେ ଡାଲି ଜାତୀୟ ଶସ୍ୟ, ତୈଳବୀଜ, ପନିପରିବା, ଫଳ ଏବଂ କପା ଓ ଆଖୁ ଭଳି ଅର୍ଥକାରୀ ଫସଲ ମଧ୍ୟ ଉତ୍ପାଦନ ହୁଏ । ବର୍ତ୍ତମାନ ଉଚ୍ଚ ମୂଲ୍ୟର ଉଦ୍ୟାନ କୃଷି ଏବଂ ମସଲା ଚାଷ କ୍ଷେତ୍ରରେ ବିବିଧତା ଆଣିବା ପାଇଁ ପ୍ରୟାସ ଜାରି ରହିଛି । ରାଜ୍ୟର ମୋଟ ମୂଲ୍ୟଯୁକ୍ତ ଅଭିବୃଦ୍ଧି (GSVA) ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅବଦାନ ୧୮.୯ ପ୍ରତିଶତ ଏବଂ ମୌସୁମୀ ଉପରେ ନିର୍ଭରଶୀଳତା ତଥା ପ୍ରାକୃତିକ ବିପର୍ଯ୍ୟୟ ଭଳି ଆହ୍ୱାନ ସତ୍ତ୍ୱେ ଏହି କ୍ଷେତ୍ର ଜୀବିକା ନିର୍ବାହର ମୁଖ୍ୟ ମାଧ୍ୟମ ହୋଇ ରହିଛି । ଫସଲ ବିବିଧକରଣ, ଉନ୍ନତ କୃଷି ସାମଗ୍ରୀର ବ୍ୟବହାର ବଜାର ସହାୟତା ପାଇଁ ସରକାରୀ ପଦକ୍ଷେପଗୁଡ଼ିକ ଫସଲ ଉତ୍ପାଦିକା ଶକ୍ତି ଓ ଚାଷୀଙ୍କ ଆୟ ବୃଦ୍ଧି କରିବାରେ ସହାୟକ ହେଉଛି, ଯାହା ଫସଲ କ୍ଷେତ୍ରକୁ ରାଜ୍ୟର ଗ୍ରାମୀଣ ବିକାଶ ଏବଂ ଅର୍ଥନୈତିକ ସ୍ଥିରତାର କେନ୍ଦ୍ର କରିପାରିଛି ।

ପରିସଂଖ୍ୟାନ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର ମୋଟ ଫସଲ କ୍ଷେତ୍ର ୮୬.୫୫ ଲକ୍ଷ ହେକ୍ଟର ଥିଲା । ଏଥିରେ ମୁଖ୍ୟତଃ ଧାନ, ଡାଲି, କପା, ପୁଷ୍ଟିଶସ୍ୟ, ତୈଳବୀଜ ଏବଂ ପନିପରିବା ଇତ୍ୟାଦି ଚାଷ କରାଯାଏ । ସରକାର ଅଣ-ଧାନ ଫସଲ ଯଥା ପୁଷ୍ଟିଶସ୍ୟ ଏବଂ ଡାଲି ଜାତୀୟ ଶସ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି । ସେହି ଅନୁଯାୟୀ ୨.୭୧ ଲକ୍ଷ ହେକ୍ଟରରେ ପୁଷ୍ଟିଶସ୍ୟ, ୩.୦୨ ଲକ୍ଷ ହେକ୍ଟରରେ ମକା, ୨୧.୦୭ ଲକ୍ଷ ହେକ୍ଟରରେ ଡାଲି ଜାତୀୟ ଶସ୍ୟ ଓ ୨.୩୯ ଲକ୍ଷ ହେକ୍ଟର ଜମିରେ କପା ଚାଷ କରାଯାଇପାରିଛି ।

କପା ଚାଷରେ ଅଭିବୃଦ୍ଧି ନିମନ୍ତେ ଉପଯୁକ୍ତ ସଂଗ୍ରହ ସହାୟତା ଏବଂ ଭଲ ବଜାର ମୂଲ୍ୟ ମିଳିବାର ପ୍ରତିଶ୍ରୁତି ଯୋଗୁଁ ରାଜ୍ୟରେ କପା ଚାଷର କ୍ଷେତ୍ରଫଳ କ୍ରମାଗତ ଭାବେ ବୃଦ୍ଧି ପାଉଛି । କପା ଚାଷର କ୍ଷେତ୍ର ବିସ୍ତାର ସର୍ବକାଳୀନ ରେକର୍ଡ ସୃଷ୍ଟି କରି ୨.୩୯ ଲକ୍ଷ ହେକ୍ଟରରେ ପହଞ୍ଚିଛି ଏବଂ ଆଗାମୀ ବର୍ଷଗୁଡ଼ିକରେ ଏହା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି । ସରକାର 'ଟେକ୍ନୋଲୋଜି ମିଶନ', 'ଇଣ୍ଟେନ୍ସିଭ୍ ଏଗ୍ରିକଲଚର ପ୍ରୋଗ୍ରାମ' (IAP) ଏବଂ NFSM (Commercial Crops) ଭଳି ବିଭିନ୍ନ ଯୋଜନା ମାଧ୍ୟମରେ କପା ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସହାୟକ ପଦକ୍ଷେପମାନ ଗ୍ରହଣ କରୁଛନ୍ତି ।

## ଫସଲ ଉତ୍ପାଦନ

ଦେଶର ସ୍ୱାଧୀନତା ପରବର୍ତ୍ତୀ ସ୍ଥିତିରୁ ଆଗକୁ ବଢ଼ି ରାଜ୍ୟ ଆଜି କେବଳ ଖାଦ୍ୟଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇନାହିଁ, ବରଂ ଖାଦ୍ୟଶସ୍ୟ ଉତ୍ପାଦନରେ ଏକ ବଳକା ରାଜ୍ୟରେ ପରିଣତ ହୋଇଛି । ଏଥିସହିତ, ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ଖାଦ୍ୟଶସ୍ୟ ଉତ୍ପାଦନ ସର୍ବକାଳୀନ ରେକର୍ଡ ସୃଷ୍ଟି କରି ୧୫୦.୪୮ ଲକ୍ଷ ମେଟ୍ରିକ ଟନ୍ ପହଞ୍ଚିଛି । ମକା, ଡାଲିଜାତୀୟ ଶସ୍ୟ ଏବଂ ଚିନାବାଦାମର ଉତ୍ପାଦନ ଗତ ବର୍ଷ ତୁଳନାରେ ଯଥେଷ୍ଟ ଅଧିକ ରହିଛି । ଏହି ସ୍ୱୟଂ ସମ୍ପୂର୍ଣ୍ଣତାକୁ ଆଧାର କରି ଧାନ ଚାଷ ହେଉଥିବା ଜମିର ଏକ ବଡ଼ ଅଂଶକୁ ଅଧିକ ଲାଭଦାୟକ ଅଣ-ଧାନ ଚାଷ ଯଥା: ଡାଲିଜାତୀୟ ଶସ୍ୟ, ତୈଳବୀଜ, ପନିପରିବା ଏବଂ ଅନ୍ୟାନ୍ୟ ଅର୍ଥକାରୀ ଫସଲକୁ ପରିବର୍ତ୍ତନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଫସଲ ବିବିଧକରଣ (crop diversification) ଉପରେ ଗୁରୁତ୍ୱ ଦେଇ ରାଜ୍ୟର ଖାଦ୍ୟଶସ୍ୟ ଜନିତ ଆତ୍ମନିର୍ଭରଶୀଳତା ବଜାୟ ରଖିବା ସହିତ ଚାଷୀଙ୍କ ଆୟ ବୃଦ୍ଧି କରିବା ଏହାର ମୂଳ ଉଦ୍ଦେଶ୍ୟ । ୨୦୨୪-୨୫ ବର୍ଷରେ ରାଜ୍ୟର ଫସଲ ସଘନତା (cropping intensity) ୧୬୫%ରେ ପହଞ୍ଚିଛି ।



## ବିହନ ଯୋଗାଣ

୨୦୨୫ ଖରିଫ୍ ଋତୁ ପାଇଁ ଓଡ଼ିଶା ରାଜ୍ୟ ବିହନ ନିଗମ ଜରିଆରେ ୩ ଲକ୍ଷ ୩୦ ହଜାର କ୍ୱିଣ୍ଟାଲର ଶୁଦ୍ଧ ଓ ଗୁଣବତ୍ତା ସମ୍ପନ୍ନ ପ୍ରାମାଣିକ ବିହନ ଚାଷୀମାନଙ୍କୁ ଯୋଗାଇ ଦେବା ପାଇଁ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଥିଲା । ବିଶେଷ କରି ମୌସୁମୀ ଆରମ୍ଭ ହେବା ପରେ ଅପହଞ୍ଚ ହୋଇଯାଉଥିବା ଅଞ୍ଚଳଗୁଡ଼ିକ ସମେତ ସାରା ରାଜ୍ୟରେ ବିଭିନ୍ନ ଗୁଣବତ୍ତା ସମ୍ପନ୍ନ ବିହନ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲା । ବିଭିନ୍ନ ସରକାରୀ ଓ ଘରୋଇ ବିକ୍ରୟ କେନ୍ଦ୍ର ମାଧ୍ୟମରେ ୨୦୨୫ ଖରିଫ ଋତୁରେ ୪,୦୨,୬୭୫ କ୍ୱିଣ୍ଟାଲ ଗୁଣାତ୍ମକ ବିହନ ରାଜ୍ୟର ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି। ସେଥିମଧ୍ୟରୁ, ରାଜ୍ୟ ବିହନ ନିଗମର ପଞ୍ଜିକୃତ ବିହନ ବିକ୍ରେତା /PACS/LAMPCS ଦ୍ୱାରା DBT ମାଧ୍ୟମରେ ୧,୬୨,୦୯୨ କ୍ୱିଣ୍ଟାଲ ବିହନ, ବିଭିନ୍ନ ପ୍ରଦର୍ଶନ କାର୍ଯ୍ୟକ୍ରମ ଅଧୀନରେ ୫୩,୩୦୮ କ୍ୱିଣ୍ଟାଲ ବିହନ ଏବଂ ବିଭିନ୍ନ ଘରୋଇ ବିକ୍ରେତାମାନଙ୍କ ମାଧ୍ୟମରେ ୧,୮୭,୨୭୫ କ୍ୱିଣ୍ଟାଲ ବିହନ ଯୋଗାଇ ଦିଆଯାଇଛି । ୨୦୨୫-୨୬ ରବିଋତୁ ନିମନ୍ତେ ବିଭାଗ ଦ୍ୱାରା ୧,୫୨,୮୨୦ କ୍ୱିଣ୍ଟାଲ ଗୁଣାତ୍ମକ ପ୍ରାମାଣିକ ବିହନ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ଏବଂ ଅଦ୍ୟାବଧି ୧,୨୦,୦୦୭ କ୍ୱିଣ୍ଟାଲ ବିହନ ଯୋଗାଇ ଦିଆଯାଇଛି । ରାଜ୍ୟର ଚାଷୀମାନଙ୍କୁ ଠିକ୍ ସମୟରେ ବିହନ ଯୋଗାଣ ନିମନ୍ତେ ଓଡ଼ିଶା ବିହନ ନିଗମକୁ ୧୦୦ କୋଟିର କର୍ପସ ଫଣ୍ଡ ରାଶି ଯୋଗାଇ ଦିଆଯାଇଛି ।



## ଶ୍ରୀ ଅନ୍ନ ଅଭିଯାନ

ଓଡ଼ିଶା ସରକାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମାଧ୍ୟମରେ ପୁଷ୍ଟିଶସ୍ୟ/ଶ୍ରୀ ଅନ୍ନକୁ ପ୍ରୋତ୍ସାହନ ଦେଇ ଚାଷକ୍ଷେତରୁ ଆଣି ଖାଦ୍ୟ ଥାଳିରେ ସାମିଲ କରିବା ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି, ଯାହାକି 'ଶ୍ରୀ ଅନ୍ନ ଅଭିଯାନ' ନାମରେ ଅଭିହିତ । ବର୍ଷାପୁଷ୍ଟ ଅଞ୍ଚଳରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା, ସ୍ଥାୟୀ ଓ ପରିବର୍ତ୍ତିତ ଜଳବାୟୁ ସହନଶୀଳ ପୁଷ୍ଟିଶସ୍ୟ ଭିତ୍ତିକ ଚାଷପଦ୍ଧତି ମାଧ୍ୟମରେ ପୁଷ୍ଟିସାଧନ ଓ ଆର୍ଥିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ଏବଂ ସାମାଜିକ ସମାନତା ସହିତ ମହିଳା ଓ ଆଦିବାସୀ ସମ୍ପ୍ରଦାୟଙ୍କୁ ସଶକ୍ତ କରିବା ହେଉଛି ଶ୍ରୀ ଅନ୍ନ ଅଭିଯାନର ମୁଖ୍ୟ ଲକ୍ଷ୍ୟ ।

ବର୍ତ୍ତମାନ ଶ୍ରୀ ଅନ୍ନ ଅଭିଯାନ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ୧୭୭ଟି ବ୍ଲକରେ କାର୍ଯ୍ୟ କରୁଅଛି । ଏହା କୃଷକ ଉତ୍ପାଦକ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ଏବଂ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହଭାଗୀତରେ କାର୍ଯ୍ୟକାରୀ ହେଉଅଛି ।

## ଯୋଜନାର ମୁଖ୍ୟ କାର୍ଯ୍ୟକ୍ରମ

ଖରିଫ୍ ଋତୁ ୨୦୨୫-୨୬ରେ ୨.୩୯ ଲକ୍ଷ ଚାଷୀଙ୍କ ଦ୍ୱାରା ୧.୪୨ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ମାଣ୍ଡିଆ ଫସଲ କ୍ଷେତ ପ୍ରଦର୍ଶନ କରଯାଇଥିଲା । ଖରିଫ ମାର୍କେଟିଙ୍ଗ ଋତୁ (KMS) ୨୦୨୪-୨୫ରେ ୭.୫ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଛି । ୨୦୨୫-୨୬ ମସିହାରେ ୮ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରିବାର କାର୍ଯ୍ୟକ୍ରମ ରହିଛି। MPAS ପୋର୍ଟାଲ ଜରିଆରେ ମାଣ୍ଡିଆ ବିକ୍ରୟ ପାଇଁ ୧.୫୨ ଲକ୍ଷ ଚାଷୀ ପଞ୍ଜୀକୃତ ହୋଇଛନ୍ତି ।



## ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ମାଣ୍ଡିଆ ଯୋଗାଣ

୫.୯୩ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆକୁ ସାଧାରଣ ବଣ୍ଟନ ବ୍ୟବସ୍ଥା(PDS) ମାଧ୍ୟମରେ ରାସନ କାର୍ଡ ଧାରୀଙ୍କୁ ବଣ୍ଟନ ପାଇଁ ଅନୁମୋଦନ କରାଯାଇଛି । ଭାରତୀୟ ଖାଦ୍ୟ ନିଗମ କେନ୍ଦ୍ରୀୟ ପୁଲକୁ ମାଣ୍ଡିଆ ଯୋଗାଣ ନିମନ୍ତେ ୨୦୨୪-୨୫ରୁ ସଂଗୃହିତ ୪ ଲକ୍ଷ କ୍ୱିଣ୍ଟାଲ ବଳକା ମାଣ୍ଡିଆକୁ ଯୋଗାଣ ପାଇଁ ଅନୁମୋଦନ କରାଯାଇଛି ।



## ଭୂପ୍ରଜାତି ସଂରକ୍ଷଣ ଏବଂ ପ୍ରୋତ୍ସାହନ

ମାଣ୍ଡିଆର ଭୂପ୍ରଜାତି ବିହନ ପ୍ରଣାଳୀ ଉପରେ ମାନକ କାର୍ଯ୍ୟ ପ୍ରକ୍ରିୟା (SOP) ପ୍ରସ୍ତୁତ କରାଯାଇଛି । ବିହନ ଶୃଙ୍ଖଳରେ ସାମିଲ ୪ଟି ମାଣ୍ଡିଆ ଭୂ-ପ୍ରଜାତଗୁଡ଼ିକର ଦ୍ୱିତୀୟ ବିହନ ଉତ୍ପାଦନ ଏବଂ ବିସ୍ତାର କାର୍ଯ୍ୟକ୍ରମ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (OUAT) ଦ୍ୱାରା ଗ୍ରହଣ କରାଯାଇଛି ।



## PPVFRA ପଞ୍ଜୀକରଣ

କୋରାପୁଟ ଏବଂ ମାଲକାନଗିରିରୁ ମାଣ୍ଡିଆର ୩୩ଟି ପ୍ରଜାତି କିସମ ସୁରକ୍ଷା ଏବଂ କୃଷକ ଅଧିକାର ପ୍ରାଧିକରଣ (PPVFRA) ନିକଟରେ ଦାଖଲ କରାଯାଇଛି, ଯେଉଁଥିରୁ ୨୯ଟି ପ୍ରଜାତି ଗ୍ରହଣ କରାଯାଇଛି ଏବଂ PPVFRA ଦ୍ୱାରା ପାର୍ଥକ୍ୟ ଏକରୂପତା ଏବଂ ସ୍ଥିରତା (DUS) ବର୍ଣ୍ଣାକରଣ କରାଯାଉଛି ।



## ଜିଆଇ ଟ୍ୟାଗିଂ

ଓୟୁଏଟି ମାଧ୍ୟମରେ ବାଟି ମାଣ୍ଡିଆର ଜିଆଇ ଟ୍ୟାଗିଂ ପାଇଁ ବ୍ୟବସ୍ଥା କରାଯାଇଛି । ବୁଢ଼ା ମାଣ୍ଡିଆ (ମାଣ୍ଡିଆର ଭୂ-ପ୍ରଜାତି) ଏବଂ ଝାଟି ଗୁର୍ଜି ମାଣ୍ଡିଆର (ସୁଆଁର ଭୂ-ପ୍ରଜାତି) ଜିଆଇ ଟ୍ୟାଗିଂ ଆବେଦନ ପାଇଁ ଡକ୍ୟୁମେଣ୍ଟେସନ୍ ପ୍ରକ୍ରିୟା ଆରମ୍ଭ କରାଯାଇଛି ।

## ଲିଙ୍ଗଗତ ସମ୍ବେଦନଶୀଳ ଯନ୍ତ୍ରପାତିର ବିକାଶ

"କୃଷି ଯନ୍ତ୍ରପାତିର ମହିଳା-କୈନ୍ଦ୍ରିକ ସୁବିଧାଯୁକ୍ତ ପରୀକ୍ଷଣ" ଉପରେ ଏକମାନଙ୍କ କାର୍ଯ୍ୟ ପ୍ରଣାଳୀ (SOP) ଜାରି କରାଯାଇ କାର୍ଯ୍ୟକାରୀ ହେଉଛି ।



## ଅନନ୍ୟ ଗୁଣ ସମ୍ପନ୍ନ ଚାଉଳ ଏବଂ ପୁଷ୍ଟିଶସ୍ୟର ମୂଲ୍ୟ ଯୁକ୍ତ କାରଖାନା

ଓଡ଼ିଶାକୁ ଭାରତର ପୁଷ୍ଟିଶସ୍ୟ କେନ୍ଦ୍ର ଭାବରେ ଗଢ଼ି ତୋଳିବା ଦିଗରେ ସ୍ୱତନ୍ତ୍ର ଚାଉଳ ଏବଂ ପୁଷ୍ଟିଶସ୍ୟ ମୂଲ୍ୟଯୁକ୍ତ କାରଖାନା ପ୍ରତିଷ୍ଠା ଏକ ପ୍ରମୁଖ ପଦକ୍ଷେପ ଭାବରେ ବିବେଚନା କରାଯାଇଛି ଏବଂ ଏଥିନିମନ୍ତେ ଆନୁଷଙ୍ଗିକ କାର୍ଯ୍ୟ ମିଶନ ଶକ୍ତି ଏବଂ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (IRRI) ଦ୍ୱାରା କରାଯାଉଛି ।

## ମାଣ୍ଡିଆ ଦିବସ ୨୦୨୫

ମାଣ୍ଡିଆର ବ୍ୟବହାରିତା ଏବଂ ଆଦୃତିକୁ ଦୃଷ୍ଟିରେ ରଖି କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ୧୦ ଏବଂ ୧୧ ନଭେମ୍ବର ୨୦୨୫ରେ ଭୁବନେଶ୍ୱର ଲୋକସେବା ଭବନଠାରେ ଶ୍ରୀ ଅନ୍ନ ଏବଂ ଅନ୍ତର୍ଜାତୀୟ ମାଣ୍ଡିଆ ଦିବସ ଏବଂ ମହିଳା କୃଷକ ୨୦୨୫ ଉପରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା । ଏହି ଆଲୋଚନାଚକ୍ରର ବିଷୟବସ୍ତୁ ଥିଲା "କୃଷି ଐତିହ୍ୟ ଏବଂ କୃଷି-ଜୈବ ବିବିଧତାର ସଂରକ୍ଷଣରେ ମହିଳାମାନଙ୍କ ଭୂମିକା" । ଏହି କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଏବଂ ମାନ୍ୟବର କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ, ଭାରତ ସରକାର ଉପସ୍ଥିତ ଥିଲେ । ସଂଯୁକ୍ତ ରାଷ୍ଟ୍ର ସଂସ୍ଥା, CGIAR ପ୍ରତିଷ୍ଠାନ, ICAR ପ୍ରତିଷ୍ଠାନ, ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ, ଅନ୍ତର୍ଜାତୀୟ ଏବଂ ଜାତୀୟ ବକ୍ତା, ଗବେଷକ, ନୀତି ନିର୍ଦ୍ଧାରକ ଏବଂ ପ୍ରତିନିଧିମାନେ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ । ଆଲୋଚନାଚକ୍ରରୁ ପ୍ରାପ୍ତ ଅନ୍ତର୍ଦୃଷ୍ଟି ଏବଂ ପରାମର୍ଶ ଉପରେ ଆଧାର କରି, ଓଡ଼ିଶା ସରକାରଙ୍କ ଦ୍ୱାରା ମହିଳା କୃଷକ ଏବଂ କୃଷି ଐତିହ୍ୟ ସଂରକ୍ଷଣ ଉପରେ "ଭୁବନେଶ୍ୱର ଘୋଷଣାପତ୍ର" ପ୍ରକାଶ କରାଯାଇଛି ।





## ଫସଲ ବିବିଧକରଣ କାର୍ଯ୍ୟକ୍ରମ

ଧାନ ଚାଷ ପରିବର୍ତ୍ତେ ଅଣ-ଧାନ ଫସଲ ଚାଷ କରିବା ଏକ ବଡ଼ ଆହ୍ୱାନ, କିନ୍ତୁ ମୃତ୍ତିକାର ସ୍ୱାସ୍ଥ୍ୟ ରକ୍ଷା, ଚାଷୀଙ୍କ ଆୟ ବୃଦ୍ଧି ଏବଂ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଆବଶ୍ୟକ । ତାଲିମ ପ୍ରଦାନ, ବିଭିନ୍ନ ରାଜ୍ୟକୁ କ୍ଷେତ୍ର ପରିଦର୍ଶନ ଏବଂ ସଚେତନତା ସୃଷ୍ଟି କରିବା ଦ୍ୱାରା ଚାଷୀମାନେ ସଠିକ୍ ନିଷ୍ପତ୍ତି ନେବାକୁ ସମର୍ଥ ହେଉଛନ୍ତି । ଏହା ସହିତ ଫସଲ ବିବିଧକରଣ ସହ ଜଡ଼ିତ ବିପଦକୁ ହ୍ରାସ କରିବା ଏବଂ ଧାନରୁ ଅଣ-ଧାନ ଫସଲକୁ ସ୍ଥାୟୀ ଭାବେ ଆପଣେଇବା ପାଇଁ ସେମାନେ ଉତ୍ସାହିତ ହେଉଛନ୍ତି । ଏହାବ୍ୟତୀତ, ଏହି ପଦକ୍ଷେପଗୁଡ଼ିକ ଚାଷୀଙ୍କ ମଧ୍ୟରେ ସହଯୋଗ ବୃଦ୍ଧି କରିବା ସହ ମୂଲ୍ୟ ବୃଦ୍ଧି (value addition), କୃଷି-ପ୍ରକ୍ରିୟାକରଣ ଏବଂ ବଜାର ସଂଯୋଗ ପାଇଁ ସୁଯୋଗ ସୃଷ୍ଟି କରୁଛି ।

୨୦୨୫-୨୬ ବର୍ଷ ରାଜ୍ୟର ୨୩ଟି ଜିଲ୍ଲାର ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ଆୟକଟ୍ (ayacut) ଅଞ୍ଚଳରେ କ୍ଲଷ୍ଟର ଆଭିମୁଖ୍ୟରେ ଫସଲ ବିବିଧକରଣକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ରମୁଖ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି । ଫସଲ ବିବିଧକରଣ ଆପଣାଉଥିବା ଚାଷୀମାନଙ୍କୁ ପ୍ରୋତ୍ସାହନ ରାଶି ମାଧ୍ୟମରେ ସହାୟତା ପ୍ରଦାନ କରାଯାଇଛି । ଚଳିତ ବର୍ଷଠାରୁ ରବି ଋତୁରେ ପନିପରିବା ଚାଷ ମାଧ୍ୟମରେ ବିବିଧକରଣ ପାଇଁ ଯୋଜନା କରାଯାଇଛି । ୨୦୨୫ ଖରିଫ୍ ଋତୁରେ ବୃହତ ଉଠା ଜଳସେଚନ ପ୍ରକଳ୍ପର ଆୟକଟ୍ ଅଞ୍ଚଳରେ ୪୫,୨୯୫ ହେକ୍ଟର ଜମିକୁ ଫସଲ ବିବିଧକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ସେହିପରି ୨୦୨୫-୨୬ ରବି ଋତୁରେ ୨୦,୦୦୦ ହେକ୍ଟର ଜମିକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।



## ମୁଖ୍ୟମନ୍ତ୍ରୀ ମକା ମିଶନ୍

ମୁଖ୍ୟମନ୍ତ୍ରୀ ମକା ମିଶନ (MMM)ର ଲକ୍ଷ୍ୟ ହେଉଛି ରାଜ୍ୟର ମକା ଚାଷର ପରିସଂସ୍ଥାନକୁ ପରିବର୍ତ୍ତନ କରିବା, ଯାହାକି ବିଭାଗର ଏକ ଅଭିନବ ପଦକ୍ଷେପ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମକା ଚାଷକୁ ବୃଦ୍ଧି କରିବା ସହ ମକା-ଭିତ୍ତିକ କୃଷି ବ୍ୟବସାୟକୁ ପ୍ରୋତ୍ସାହିତ କରିବା ।

୨୦୨୪-୨୫ ଆର୍ଥିକ ବର୍ଷରେ, ମୋଟ ୭୪ ଜଣ ମକା କ୍ରେତାଙ୍କୁ ଚିହ୍ନଟ ଏବଂ ସଂଯୋଗ କରାଯାଇଥିଲା, ଯାହାଦ୍ୱାରା ୪୯.୫୪ କୋଟି ଟଙ୍କାର ସମୁଦାୟ ବାଣିଜ୍ୟ ମୂଲ୍ୟ ସହିତ ୨.୨୧ ଲକ୍ଷ କ୍ୱିଣ୍ଟାଲ ହଳଦିଆ ମକାର ବ୍ୟବସାୟକୁ ସହଜ କରିଥିଲା । ଏହି ଯୋଜନାରେ ସଫଳତାର ସହ ବେବି କର୍ଣ୍ଣ ପାଇଁ କ୍ରେତାମାନଙ୍କ ସହିତ ନେଟୱାର୍କିଂ କରାଯାଇଥିଲା, ଯାହାର ଫଳସ୍ୱରୂପ ୧.୭୮ ଲକ୍ଷ ଟଙ୍କା ମୂଲ୍ୟର ୨୭.୫୩ କ୍ୱିଣ୍ଟାଲ ବ୍ୟବସାୟ ହୋଇଥିଲା । ୨୦୨୫-୨୬ ଆର୍ଥିକ ବର୍ଷରେ ଏହି କାର୍ଯ୍ୟକ୍ରମ ରାଜ୍ୟର ୪୫ଟି ବ୍ଲକରେ ୪୫ଟି କୃଷକ ଉତ୍ପାଦକ କମ୍ପାନୀ (FPCs) ମାଧ୍ୟମରେ ୧୬,୫୦୦ ହେକ୍ଟର କ୍ଲଷ୍ଟର ପ୍ରଦର୍ଶନ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଉଛି ।



## ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା: ମୃତ୍ତିକା ସ୍ୱାସ୍ଥ୍ୟର ପୁନରୁଦ୍ଧାର ପାଇଁ ଏକ ସାମଗ୍ରିକ ଆଭିମୁଖ୍ୟ

ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା (CRFM) ପ୍ରକଳ୍ପ ହେଉଛି ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ଯୋଜନା, ଯାହା ୩୦ଟି ଜିଲ୍ଲାରେ ଏକ ପୁନଃସୃଜନ କୃଷି ପଦ୍ଧତି ଭାବରେ କାର୍ଯ୍ୟକାରୀ କରାଯାଉଛି । ଏହି ପଦକ୍ଷେପ କେବଳ ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରେ ନାହିଁ ବରଂ ଶସ୍ୟର ସଘନତାକୁ ମଧ୍ୟ ବୃଦ୍ଧି କରେ । ଏହା ଚାଷୀଙ୍କ ଆୟକୁ ମଧ୍ୟ ବୃଦ୍ଧି କରିବ କାରଣ ମୂଲ୍ୟ ସମର୍ଥନ ଯୋଜନା (Price Support Scheme) ମାଧ୍ୟମରେ ଡାଲି ଏବଂ ତୈଳବୀଜ ଶସ୍ୟ କ୍ରୟ କରାଯାଉଛି ।

୨୦୨୩-୨୪ କାର୍ଯ୍ୟକ୍ରମର ସଫଳତାକୁ ଭିତ୍ତି କରି, ୨୦୨୪-୨୫ ମସିହାରେ ସମାନ ସଫଳତା ଆଭିମୁଖ୍ୟରେ ୪୦୭.୩୦ କୋଟି ଟଙ୍କାର ଆର୍ଥିକ ବ୍ୟୟ ଅଟକଳ ସହିତ ଏହି ଯୋଜନାରେ ୪.୫୫ ଲକ୍ଷ ହେକ୍ଟର ଜମିରେ କ୍ଷେତ୍ର ପ୍ରଦର୍ଶନ କରାଯାଇଛି । ୨୦୨୫-୨୬ ବର୍ଷ ରବିଋତୁରେ ୨୩ଟି ଜିଲ୍ଲାରେ ୩.୫ ଲକ୍ଷ  ହେକ୍ଟର ଜମିରେ କ୍ଷେତ୍ର ପ୍ରଦର୍ଶନ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଉନ୍ନତମାନର ପରିବେଶ ଅନୁକୂଳ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଯଥା ବିହନ, ଜୈବସାର, ଅଣୁସାର (Micro Nutrient) ଏବଂ ଜୈବିକ କୀଟ ନିୟନ୍ତ୍ରଣ ବ୍ୟବସ୍ଥା ଯୋଗାଇ ଦିଆଯାଉଛି । ଏହା ଖାଦ୍ୟ ନିରାପତ୍ତା, ଜୀବିକା ବୃଦ୍ଧି ଏବଂ ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପ୍ରୟାସକୁ ଶକ୍ତିଶାଳୀ କରୁଛି ।



## ଡାଲି ଜାତୀୟ ଶସ୍ୟରେ ଆତ୍ମନିର୍ଭରଶୀଳତା ପାଇଁ ମିଶନ



ଧାନ ଅମଳ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା (CRFM) ବ୍ୟତୀତ, ଭାରତ ସରକାର ଡାଲି ଉତ୍ପାଦନରେ ଆତ୍ମନିର୍ଭରଶୀଳତା ହାସଲ କରିବା ପାଇଁ ଏକ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଭାବରେ "ଡାଲି ଜାତୀୟ ଶସ୍ୟରେ ଆତ୍ମନିର୍ଭରଶୀଳତା ମିଶନ" ଆରମ୍ଭ କରିଛନ୍ତି, ଯେଉଁଥିରେ ବିଭିନ୍ନ ଡାଲି ଜାତୀୟ ଫସଲ ଯଥା- ହରଡ଼, ବିରି ଏବଂ ମସୁର ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଏହି ମିଶନର ଲକ୍ଷ୍ୟ ହେଉଛି ଉତ୍ପାଦକତା ବୃଦ୍ଧି କରିବା, ଡାଲି ଚାଷ ଅଞ୍ଚଳ ସମ୍ପ୍ରସାରଣ କରିବା, ଅମଳ ପରବର୍ତ୍ତୀ ପରିଚାଳନାରେ ଉନ୍ନତି ଆଣିବା ଏବଂ NAFED ଦ୍ୱାରା ନିଶ୍ଚିତ ସଂଗ୍ରହ ମାଧ୍ୟମରେ ଉଚିତ ମୂଲ୍ୟ ପ୍ରଦାନ କରିବା । ରବି ଋତୁ ୨୦୨୫-୨୬ ସମୟରେ ଧାନ ଅମଳ ପରବର୍ତ୍ତୀ ଖାଲି ପଡୁଥିବା ୪୮,୯୦୦ ହେକ୍ଟର ଜମିରେ ବିରି ଏବଂ ମୁଗ ଚାଷ କରିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।

## ମୂଲ୍ୟ ସହାୟକ ଯୋଜନା (PSS)

ପ୍ରଧାନମନ୍ତ୍ରୀ ଅନ୍ନଦାତା ଆୟ ସଂରକ୍ଷଣ ଅଭିଯାନ (PM-AASHA) ମାଧ୍ୟମରେ ପରିଚାଳିତ ଡାଲି ଏବଂ ତୈଳବୀଜ ଫସଲ ପାଇଁ ମୂଲ୍ୟ ସହାୟକ ଯୋଜନା (PSS) ସହାୟତାରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ ଅଧିସୂଚିତ ଫସଲ କ୍ରୟ କରି ଅଭାବି ବିକ୍ରୟକୁ ବନ୍ଦ କରିବାର ଲକ୍ଷ୍ୟ ରଖାଯାଇଛି ।

ଭାରତୀୟ ଜାତୀୟ କୃଷି ସମବାୟ ବିପଣନ ମହାସଂଘ (NAFED) ଏହି ଯୋଜନାର କେନ୍ଦ୍ରୀୟ ନୋଡାଲ ଏଜେନ୍ସି ଏବଂ MARKFED ରାଜ୍ୟ ସ୍ତରୀୟ ସହାୟକ ଏଜେନ୍ସି (SLS) ଭାବରେ କାର୍ଯ୍ୟ କରୁଛି ।

୨୦୨୪-୨୫ ରବିଋତୁରେ, ରାଜ୍ୟରେ ମୁଗ-୧୦,୨୯୨ ମେଟ୍ରିକ ଟନ୍, ବିରି - ୨୬୭ ମେଟ୍ରିକ ଟନ୍, ଚିନାବାଦାମ - ୧୮୯୬ ମେଟ୍ରିକ ଟନ୍, ଏବଂ ସୂର୍ଯ୍ୟମୁଖୀ - ୫୦ ମେଟ୍ରିକ ଟନ୍ ସଂଗ୍ରହରେ ଏକ ମାଇଲଖୁଣ୍ଟ ହାସଲ କରିଛି ।

ହରଡ଼ ଡାଲି କ୍ରୟ ପାଇଁ ଚାଷୀଙ୍କ ପଞ୍ଜୀକରଣ ଆରମ୍ଭ କରାଯାଇଛି । ୧୪ ଫେବୃଆରୀ ୨୦୨୬ରୁ ୨୨ଟି ଜିଲ୍ଲାରେ କାର୍ଯ୍ୟ କରୁଥିବା ୧୩୫ଟି କ୍ରୟ କେନ୍ଦ୍ରରେ କ୍ରୟ ଅବଧିକୁ ସର୍ବାଧିକ ୯୦ ଦିନ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ଯୋଜନାରେ ଖରିଫ ୨୦୨୫ ଋତୁରେ ହରଡ଼ କ୍ୱିଣ୍ଟାଲ ପ୍ରତି ୮,୦୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ କ୍ରୟ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି ।



## ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା

ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ହେଉଛି ମୃତ୍ତିକାର ଭୌତିକ, ରାସାୟନିକ ଏବଂ ଜୈବିକ ଗୁଣଗୁଡ଼ିକୁ ବଜାୟ ରଖି ଦୀର୍ଘକାଳୀନ ଉତ୍ପାଦିକା ଶକ୍ତି ବୃଦ୍ଧି କରିବା ପାଇଁ ମାଟିର ସୁନିୟନ୍ତ୍ରିତ ବ୍ୟବହାର ଓ ଯତ୍ନକୁ ବୁଝାଏ। ଏଥିରେ ସନ୍ତୁଳିତ ତଥା ସୁଷମ ସାର ପ୍ରୟୋଗ, ଜୈବିକ ପଦାର୍ଥର ମିଶ୍ରଣ, ଶସ୍ୟ ପର୍ଯ୍ୟାୟ ଏବଂ ଜୈବ ସାରର ବ୍ୟବହାର ଭଳି ପଦ୍ଧତି ଅନ୍ତର୍ଭୁକ୍ତ। ଅମ୍ଳୀୟ ମୃତ୍ତିକା ପରିଚାଳନା ମାଧ୍ୟମରେ ସମସ୍ୟାବହୁଳ ମୃତ୍ତିକା ପରିଚାଳନା ଅଧୀନରେ ୫୪,୦୦୦ ହେକ୍ଟର ଅମ୍ଳୀୟ ମାଟିର ଉପଚାର ପାଇଁ ୧,୩୫,୦୦୦ କ୍ୱିଣ୍ଟାଲ ଡୋଲୋମାଇଟ୍ (Dolomitic Limestone) ଯୋଗାଇ ଦିଆଯାଇଛି । ଜାତୀୟ ପ୍ରାକୃତିକ ଚାଷ ମିଶନ (NMNF) ଅଧୀନରେ ଥିବା ସମୁଦାୟ ୭୦,୩୭୫ ଜଣ ହିତାଧିକାରୀଙ୍କୁ PM-RKVY ଯୋଜନାର 'ମୃତ୍ତିକା ସ୍ୱାସ୍ଥ୍ୟ ଏବଂ ଉର୍ବରତା' କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଚିହ୍ନଟ କରାଯାଇଛି।




## କୃଷି ଯାନ୍ତ୍ରିକୀକରଣ

କୃଷି ଯାନ୍ତ୍ରିକୀକରଣ କଠିନ ପରିଶ୍ରମ ଉପରେ ନିର୍ଭରଶୀଳତା ହ୍ରାସ କରିବାରେ ସାହାଯ୍ୟ କରେ । ବିଶେଷ କରି ମହିଳା ଚାଷୀଙ୍କ ପାଇଁ କଠିନ ଶ୍ରମ ଲାଘବ କରେ ଏବଂ ଜମି ପ୍ରସ୍ତୁତି, ବୁଣା, ଜଳସେଚନ, ଉଦ୍ଭିଦ ସୁରକ୍ଷା ଏବଂ ଅମଳ ଭଳି କାର୍ଯ୍ୟରେ ସଠିକତା ସୁନିଶ୍ଚିତ କରେ। କୃଷି କାର୍ଯ୍ୟକୁ ସମୟସୀମା ମଧ୍ୟରେ ସମାପ୍ତ କରି, ଯାନ୍ତ୍ରିକୀକରଣ ଅଧିକ ଫସଲ ଅମଳ, ଅମଳ ପରବର୍ତ୍ତୀ କ୍ଷତି ହ୍ରାସ ଓ ଉତ୍ତମ ସମ୍ବଳ ବ୍ୟବହାର ଦକ୍ଷତାରେ ସାହାଯ୍ୟ କରେ।

ଉନ୍ନତ କୃଷି ଯନ୍ତ୍ରପାତିର ଲୋକପ୍ରିୟତା ବୃଦ୍ଧି ପାଇଁ ରାଜ୍ୟ ସରକାର କୃଷି ଯାନ୍ତ୍ରିକୀକରଣକୁ ଅଗ୍ରାଧିକାର ଦେଉଛନ୍ତି । ଏଥି ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ କୃଷି ଯନ୍ତ୍ରପାତି ମେଳାର ଆୟୋଜନ କରାଯାଉଛି।

ଏତଦ ବ୍ୟତୀତ କୃଷି ସେବା କେନ୍ଦ୍ର/ ଭଡ଼ା ସୂତ୍ରରେ କୃଷି ଯନ୍ତ୍ରପାତି ଯୋଗାଣ କେନ୍ଦ୍ର/ କୃଷି ଯନ୍ତ୍ରପାତି ବ୍ୟାଙ୍କ ସ୍ଥାପନ ପାଇଁ ପୁଞ୍ଜିନିବେଶରେ ରିହାତି ଯୋଗାଇ ଦିଆଯାଉଛି, ଯେପରିକି ଅଧିକ ମୂଲ୍ୟ ବିଶିଷ୍ଟ କୃଷି ଯନ୍ତ୍ରପାତି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଭଡ଼ା ସୂତ୍ରରେ ବ୍ୟବହାର ନିମିତ୍ତ ଉପଲବ୍ଧ ହୋଇପାରିବ । ସରକାର କୃଷି ପାଇଁ ବ୍ୟୟ ବରାଦର ଏକ ଉଲ୍ଲେଖନୀୟ ଭାଗ କୃଷି ଯାନ୍ତ୍ରିକୀକରଣ ପାଇଁ ବ୍ୟବସ୍ଥିତ କରିଛନ୍ତି । ଅନଲାଇନରେ କୃଷି ଯନ୍ତ୍ରପାତି ଯୋଗାଣ ଓ ରିହାତି ପ୍ରଦାନରେ ସ୍ୱଚ୍ଛତା ଆଣିବାରେ ପାରଦର୍ଶିତା ଲାଭ କରି ଦେଶରେ ଓଡ଼ିଶା ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ପରିଗଣିତ ହୋଇଛି।



କୃଷି ଯାନ୍ତ୍ରିକୀକରଣ ପାଇଁ ହେଉଥିବା ବ୍ୟାପକ ପ୍ରଚେଷ୍ଟା ଫଳରେ ରାଜ୍ୟରେ କୃଷି କ୍ଷେତ୍ରରେ ଏକକ ଶକ୍ତି ଉପଲବ୍ଧତା ୨୦୦୦-୨୦୦୧ ବର୍ଷରେ ହେକ୍ଟର ପ୍ରତି ୦.୬୧ କିଲୋୱାଟ୍‌ରୁ କ୍ରମାଗତ ଭାବେ ବୃଦ୍ଧି ପାଇ ୨୦୨୪-୨୫ ବର୍ଷରେ ହେକ୍ଟର ପ୍ରତି ୨.୬୧ କିଲୋୱାଟ୍‌ରେ ପହଞ୍ଚିପାରିଛି । ୨୦୩୬ ସୁଦ୍ଧା ଏହା ହେକ୍ଟର ପ୍ରତି ୩.୫୦ କିଲୋୱାଟରେ ପହଞ୍ଚିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଓ ସର୍ବୋପରି ୨୦୪୭ ମସିହା ବେଳକୁ ଏହା ହେକ୍ଟର ପ୍ରତି ୪.୫୦ କିଲୋୱାଟରେ ପହଞ୍ଚିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ରାଜ୍ୟ ସରକାରଙ୍କ ଦ୍ୱାରା ସାଧାରଣ ବର୍ଗ ହିତାଧିକାରୀଙ୍କ ପାଇଁ ଶତକଡ଼ା ୪୦ ଭାଗ ଓ ତଫସିଲ ଭୁକ୍ତ ଜାତି/ଜନଜାତି/ମହିଳା/କ୍ଷୁଦ୍ର ଓ ମଧ୍ୟମ ବର୍ଗ ଚାଷୀମାନଙ୍କ ପାଇଁ ଶତକଡ଼ା ୫୦ ଭାଗ ରିହାତିର ବ୍ୟବସ୍ଥା ରହିଛି । ଏହାଛଡ଼ା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସଶକ୍ତ କରିବା ପାଇଁ ଶତକଡ଼ା ୭୫ ଭାଗ ରିହାତିରେ ବିଭିନ୍ନ ଯନ୍ତ୍ରପାତି ଉପଲବ୍ଧ କରାଯାଉଛି ।

ଚଳିତ ବର୍ଷ ୪ଟି ଆଞ୍ଚଳିକ ମେଳା ଯଥା ସୋନପୁର, ମୟୂରଭଞ୍ଜ, ଗଜପତି ଓ ନବରଙ୍ଗପୁର, ୨୬ଟି ଜିଲ୍ଲାସ୍ତରୀୟ ଓ ୨୮ଟି ଉପଖଣ୍ଡସ୍ତରୀୟ ମେଳାର ଆୟୋଜନ କରାଯାଇଅଛି । ଏହି ମେଳାର ଉଦ୍ଦେଶ୍ୟ ହେଉଛି କୃଷି ତଥା ଆନୁଷଙ୍ଗିକ ବିଭାଗରେ କାର୍ଯ୍ୟକାରୀ ଯୋଜନାଗୁଡ଼ିକୁ ଚାଷୀମାନଙ୍କ ନିକଟରେ ପହଞ୍ଚାଇବା ଏବଂ ଏକ ସଙ୍ଗେ କୃଷି ଯନ୍ତ୍ରପାତି ଓ ଏହାର ନିର୍ମାତା, ବିକ୍ରେତା, କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷି ଉତ୍ପାଦ ସଂଗଠନ ଓ ଅର୍ଥନୈତିକ ସଂସ୍ଥାମାନଙ୍କର ସହଯୋଗରେ କୃଷି ଯନ୍ତ୍ରପାତିଗୁଡ଼ିକୁ ସରକାରୀ ରିହାତିରେ ଚାଷୀମାନଙ୍କୁ ସହଜ ବଣ୍ଟନର ବ୍ୟବସ୍ଥା କରାଇବା ।

୨୦୨୫-୨୬ ଆର୍ଥିକ ବର୍ଷରେ ୫୪୦.୭୮୭ କୋଟି ଟଙ୍କାର ବ୍ୟୟ ଅଟକଳ (ରାଜ୍ୟ ଯୋଜନା+ କେନ୍ଦ୍ର ଯୋଜନା) ରଖାଯାଇଛି । ଜାନୁୟାରୀ ୨୦୨୬ ସୁଦ୍ଧା ୫୦,୯୭୨ ଜଣ ହିତାଧିକାରୀଙ୍କୁ ୬୦,୯୯୧ ଗୋଟି କୃଷି ଯନ୍ତ୍ରପାତି ଯୋଗାଣ ବାବଦରେ ୪୪୧.୪୨ କୋଟି ଟଙ୍କାର ସରକାରୀ ରିହାତି ପ୍ରଦାନ କରାଯାଇଛି । ଏଥି ମଧ୍ୟରେ ୩୪୦୨ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୪୩୧୬ ଗୋଟି କୃଷି ଯନ୍ତ୍ରପାତି ଯୋଗାଣ ବାବଦରେ ୧୯.୦୬ କୋଟି ଟଙ୍କାର ସରକାରୀ ରିହାତି ଅନ୍ତର୍ଭୁକ୍ତ ଅଟେ ।

## ମହିଳା ଚାଷୀଙ୍କୁ ସୁବିଧା ସୁହାଉଥିବା କୃଷି ଯନ୍ତ୍ରପାତି

କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ମହିଳା-କୈନ୍ଦ୍ରିକ କୃଷି ଯନ୍ତ୍ରପାତିର ମାନକ ଏବଂ ବୃତ୍ତିଗତ ସମସ୍ୟା ଉପରେ ଧ୍ୟାନ ଦେଇ ସେହି ପ୍ରାସଙ୍ଗିକ କୃଷି ଉପକରଣ/ଯନ୍ତ୍ରପାତି ପରୀକ୍ଷା, ପ୍ରମାଣୀକରଣ ଏବଂ ଉନ୍ନତି ପାଇଁ ଏକ SOP ପ୍ରସ୍ତୁତ କରିଛି । ଏହି SOP ବିଭିନ୍ନ ଯୋଜନା/କାର୍ଯ୍ୟକ୍ରମରେ ସବସିଡି ମାଧ୍ୟମରେ ମହିଳାମାନଙ୍କୁ ସୁହାଇଲା ଭଳି ଉପକରଣ/ଯନ୍ତ୍ରପାତି ଯୋଗାଣକୁ ସୁବ୍ୟବସ୍ଥିତ କରିବା ପାଇଁ ଲକ୍ଷ୍ୟ ରଖିଛି । ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ବିଭାଗୀୟ ଇଞ୍ଜିନିୟର, OUAT ଏବଂ CIWA ସହିତ ପରାମର୍ଶ କରି ଅନ୍ତର୍ଜାତୀୟ ମାନକ (IS) ଅନୁଯାୟୀ ଗୋଟିଏ ପରୀକ୍ଷଣ କୋଡ୍ ଚୂଡ଼ାନ୍ତ କରାଯାଇଛି, ଯାହାକୁ BIS ସ୍ତରରେ ଯାଞ୍ଚ ଏବଂ ଅନୁମୋଦନ କରାଯିବାର ଲକ୍ଷ୍ୟ ରଖାଯାଇଛି ।



# ସମନ୍ୱିତ କୃଷି ପ୍ରଣାଳୀର ପ୍ରୋତ୍ସାହନ

ପାରମ୍ପରିକ ଚାଷ ତୁଳନାରେ ସମନ୍ୱିତ କୃଷି ପ୍ରଣାଳୀ (IFS) ଅବଲମ୍ବନ କରୁଥିବା ଚାଷୀମାନଙ୍କୁ କମ୍ ଜମିରେ ଅଧିକ ସଫଳତା ଏବଂ ଆୟ କରିବାରେ ସାହାଯ୍ୟ କରେ । ଏହା ଏଭଳି ଏକ ପ୍ରଣାଳୀ ଯେଉଁଠାରେ ଫସଲ ଉତ୍ପାଦନ, ପଶୁପାଳନ, ମତ୍ସ୍ୟଚାଷ, ଉଦ୍ୟାନ କୃଷି ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ପରସ୍ପର ସହ ଜଡ଼ିତ । ପ୍ରତ୍ୟେକ ଉପାଦାନ ଅନ୍ୟକୁ ସହାୟତା କରିଥାଏ, ଯାହାଫଳରେ ସମ୍ବଳର ସଠିକ୍ ବ୍ୟବହାର, ସ୍ଥିର ଆୟ ଏବଂ ପରିବେଶର ସୁରକ୍ଷା ମଧ୍ୟ ହୋଇଥାଏ । ଏହି ପ୍ରଣାଳୀ ମୃତ୍ତିକାର ସ୍ୱାସ୍ଥ୍ୟ ଏବଂ ପରିବେଶର ସନ୍ତୁଳନ ରକ୍ଷା କରିବା ସହିତ ଜମି, ଜଳ ଏବଂ କୃଷି ବର୍ଜ୍ୟବସ୍ତୁର ସୁ ବିନିଯୋଗ ଉପରେ ଧ୍ୟାନ ଦେଇଥାଏ ।

## ଆଭିମୁଖ୍ୟ

- ଜଳବାୟୁ ଅନୁକୂଳ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ 4R ନୀତି (Reduce-ହ୍ରାସ, Recycle-ପୁନଃଚକ୍ରଣ, Reuse-ପୁନଃବ୍ୟବହାର ଏବଂ Recovery-ଉଦ୍ଧାର) ର ବ୍ୟବହାର ।
- କୃଷି ପ୍ରଣାଳୀର ବିବିଧକରଣ ଏବଂ ସମ୍ପ୍ରସାରଣ ।
- ଭୂମିହୀନ ଚାଷୀମାନଙ୍କୁ ଛୋଟ IFS ୟୁନିଟ୍ ଗ୍ରହଣ କରିବା ପାଇଁ ସୁଯୋଗ ପ୍ରଦାନ ।
- ମହିଳା ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (WSHG) ମାନଙ୍କର ସଶକ୍ତିକରଣ ।
- ଗ୍ରାମୀଣ ଯୁବକମାନଙ୍କ ପାଇଁ ଜୀବିକା ନିର୍ବାହର ଏକ ମାଧ୍ୟମ ଭାବରେ IFSର ପ୍ରୋତ୍ସାହନ ।
- ବିଭିନ୍ନ କୃଷି-ଜଳବାୟୁ ପରିସ୍ଥିତି ପାଇଁ ଉପଯୁକ୍ତ ସ୍ଥାନ-ଭିତ୍ତିକ ଏବଂ ଶସ୍ୟ/ଉଦ୍ୟୋଗ-ଭିତ୍ତିକ ମଡେଲଗୁଡ଼ିକର ବିକାଶ ।
- ଶସ୍ୟ ଉତ୍ପାଦନ, ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟଚାଷ, ବନୀକରଣ ଏବଂ ମୂଲ୍ୟ ବୃଦ୍ଧି (Value addition) ଭଳି ଏକାଧିକ ଉଦ୍ୟୋଗର ସମନ୍ୱୟ ।



ଏହି ଯୋଜନା ଅଧୀନରେ କୃଷି, ଉଦ୍ୟାନ କୃଷି, ପ୍ରାଣୀସମ୍ପଦ ଏବଂ ମତ୍ସ୍ୟ ବିଭାଗର କାର୍ଯ୍ୟକଳାପକୁ ମିଶ୍ରଣ କରି ୨୪ଟି ଭିନ୍ନ ସମନ୍ୱିତ କୃଷି ମଡେଲ ଚିହ୍ନଟ କରାଯାଇଛି । ସାଧାରଣ ବର୍ଗର ଚାଷୀଙ୍କୁ ମଡେଲ୍ ମୂଲ୍ୟର ୪୦% ଆର୍ଥିକ ସହାୟତା ପ୍ରଦାନ କରାଯାଏ, ସର୍ବାଧିକ ୧,୩୭,୦୦୦/-ଟଙ୍କା । ଅନୁସୂଚିତ ଜାତି/ଜନଜାତି/ମହିଳା/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଚାଷୀମାନେ ମନୋନୀତ IFS ମଡେଲ୍ ଅନୁଯାୟୀ ୫୦% ସହାୟତା ପାଇବାକୁ ଯୋଗ୍ୟ ହେବାସହିତ ସର୍ବାଧିକ ୧,୭୧,୨୫୦/- ଟଙ୍କା ପ୍ରଦାନ କରାଯାଏ । ଏହି ସହାୟତା କାର୍ଯ୍ୟକାରିତାର ଅଗ୍ରଗତି ଅନୁଯାୟୀ ଚାରୋଟି ପର୍ଯ୍ୟାୟରେ (Back-ended support) ପ୍ରଦାନ କରାଯାଏ ।

**ବିଗତ ୪ ବର୍ଷର ହିତାଧିକାରୀଙ୍କ ସଂଖ୍ୟା**

| କ୍ରମିକ ସଂଖ୍ୟା | ଆର୍ଥିକ ବର୍ଷ | ସଫଳତା (ଭୌତିକ ସଂଖ୍ୟା) |
|---|---|---|
| ୧ | ୨୦୨୨-୨୩ | ୨୧୬୦ |
| ୨ | ୨୦୨୩-୨୪ | ୩୬୬୨ |
| ୩ | ୨୦୨୪-୨୫ | ୪୭୦୭ |
| ୪ | ୨୦୨୫-୨୬ (ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ) | ୫୬୬୨ |

## ପରମ୍ପରାଗତ କୃଷି ବିକାଶ ଯୋଜନା (PKVY) ପର୍ଯ୍ୟାୟ-୩

ପରମ୍ପରାଗତ କୃଷି ବିକାଶ ଯୋଜନା (PKVY) ପର୍ଯ୍ୟାୟ-୩ ହେଉଛି ଏକ ୩ ବର୍ଷୀୟ କାର୍ଯ୍ୟକ୍ରମ । ଏହା ଆମ ରାଜ୍ୟରେ ୨୦୨୪-୨୫ରୁ ଆରମ୍ଭ କରି ୪ଟି ଜିଲ୍ଲାର ୧୩ଟି ବ୍ଲକ୍‌ରେ ୬୫୫୦୦ ହେକ୍ଟର ଅଞ୍ଚଳରେ କାର୍ଯ୍ୟାନ୍ୱୟନ ହେଉଛି । କୃଷକମାନଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ପ୍ରତି ହେକ୍ଟର ପିଚ୍ଛା ୫୦୦୦/- ଟଙ୍କା DBT ମାଧ୍ୟମରେ ପ୍ରୋତ୍ସାହନ ଦିଆଯାଉଛି । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ପାରମ୍ପରିକ ଜ୍ଞାନ ସହ ଆଧୁନିକ ବିଜ୍ଞାନକୁ ସମ୍ମିଶ୍ରଣ କରି ଜୈବିକ କୃଷିର ସୁସ୍ଥାୟୀ ମଡେଲର ବିକାଶ କରାଇବା, ଯାହା ଦୀର୍ଘକାଳୀନ ଭିତ୍ତିରେ ମାଟିର ଉର୍ବରତା ବୃଦ୍ଧି, ପ୍ରାକୃତିକ ସମ୍ବଳର ସଂରକ୍ଷଣ ସହ ଜଳବାୟୁ ପରିବର୍ତ୍ତନ ପ୍ରତି ଅନୁକୂଳନ ଏବଂ ପ୍ରଶମନରେ ଉପକାରୀ ହୋଇଥାଏ । ଏହାର ଅନ୍ୟ ଏକ ମୁଖ୍ୟ ଲକ୍ଷ୍ୟ ହେଉଛି ପ୍ରାକୃତିକ ସମ୍ପଦ ଆଧାରିତ ଜଳବାୟୁ ସହନଶୀଳ ସୁସ୍ଥାୟୀ କୃଷି ପ୍ରଣାଳୀକୁ ପ୍ରୋତ୍ସାହନ ଦେବା, ଯାହା କ୍ଷେତ ସ୍ତରରେ ପୋଷକ ତତ୍ତ୍ୱର ପୁନଃବ୍ୟବହାରକୁ ସୁନିଶ୍ଚିତ କରେ ଏବଂ କୃଷକଙ୍କମାନଙ୍କୁ ବାହ୍ୟ ଇନପୁଟ୍ ଉପରେ ନିର୍ଭରତା କମାଇ ପ୍ରତି ଏକକ ଜମିର ଆୟ ବୃଦ୍ଧି କରେ । ଏହି ଯୋଜନାର ଲକ୍ଷ୍ୟ ହେଉଛି, ମାନବ ଖାଦ୍ୟ ନିମନ୍ତେ ସୁସ୍ଥ ଏବଂ ରସାୟନ ମୁକ୍ତ ପୌଷ୍ଟିକ ଖାଦ୍ୟ ଉତ୍ପାଦନ, ପରିବେଶ-ହିତକାରୀ କମ୍-ଖର୍ଚ୍ଚ ଜନିତ ପାରମ୍ପରିକ ପ୍ରଣାଳୀ ଏବଂ କୃଷକ-ହିତକାରୀ ପ୍ରଯୁକ୍ତିର ବ୍ୟବହାର, ପୁଞ୍ଜ ଏବଂ ଗ୍ରୁପ୍ ମାଧ୍ୟମରେ କୃଷକମାନଙ୍କ ସଶକ୍ତିକରଣ, ଉତ୍ପାଦନ, ଖାଦ୍ୟ ପ୍ରକ୍ରିୟାକରଣ, ମୂଲ୍ୟଯୁକ୍ତ, ପ୍ରମାଣୀକରଣ ପ୍ରକ୍ରିୟାର ପରିଚାଳନ କ୍ଷମତା ବିକାଶ କରାଇବା ଏବଂ ସ୍ଥାନୀୟ ତଥା ଜାତୀୟ ବଜାର ସହ ସମ୍ପର୍କ ସୃଷ୍ଟି କରି କୃଷକମାନଙ୍କୁ ଉଦ୍ୟୋଗୀରେ ପରିଣତ କରାଇବା ।



## ଜାତୀୟ ପ୍ରାକୃତିକ କୃଷି ମିଶନ (NMNF)





ପ୍ରାକୃତିକ କୃଷି ହେଉଛି ଏକ ରସାୟନ ମୁକ୍ତ କୃଷି ପ୍ରଣାଳୀ, ଯେଉଁଥିରେ ପଶୁପାଳନ (ବିଶେଷକରି ସ୍ୱଦେଶୀ ଜାତିର ଗାଈ), ସମ୍ମିଳିତ ପ୍ରାକୃତିକ କୃଷି ପଦ୍ଧତି ଏବଂ ଭାରତୀୟ ପାରମ୍ପରିକ ଜ୍ଞାନରେ ଆଧାରିତ ବିବିଧତାପୂର୍ଣ୍ଣ ଫସଲ ପ୍ରଣାଳୀର ସମିଶ୍ରଣ । ଏହାର ମୂଳ ଲକ୍ଷ୍ୟ ହେଉଛି ମାଟିର ସ୍ୱାସ୍ଥ୍ୟରେ ଉନ୍ନତି, ପରିବେଶର ପୁନରୁଦ୍ଧାର, କୃଷକଙ୍କ ଉପାଦାନ ଖର୍ଚ୍ଚ କମେଇବା ଏବଂ ଜଳବାୟୁ ସହନଶୀଳତା ବୃଦ୍ଧି କରିବା । NMNF ଅନ୍ତର୍ଗତ, ପ୍ରାୟୋଗିକ ଶିକ୍ଷା ପାଇଁ ପ୍ରାକୃତିକ କୃଷି ମଡେଲ୍ ପ୍ରଦର୍ଶନ କ୍ଷେତ୍ର ସ୍ଥାପିତ କରାଯାଇଛି । ତୃଣମୂଳ ସ୍ତରରେ ଶିକ୍ଷା ଏବଂ ବିସ୍ତାର ପ୍ରଣାଳୀକୁ କୃଷକ ମାଷ୍ଟର ଟ୍ରେନର୍ (FMT), କୃଷି ବିଜ୍ଞାନ କେନ୍ଦ୍ର ଏବଂ ସ୍ଥାନୀୟ ପ୍ରାକୃତିକ କୃଷି ସଂସ୍ଥାମାନଙ୍କ (LNFI) ସମର୍ଥନ ମାଧ୍ୟମରେ ପ୍ରାକୃତିକ କୃଷିକ୍ଷେତ୍ର ପୁଞ୍ଜ କରାଯାଇଛି । ମୁଖ୍ୟ ଉପାଦାନଗୁଡ଼ିକ ହେଲା ସଚେତନତା ସୃଷ୍ଟି, ପ୍ରଶିକ୍ଷଣ, ଦକ୍ଷତା ବିକାଶ, ପ୍ରାକୃତିକ କୃଷିର ପ୍ରମାଣୀକରଣ ଏବଂ ଉତ୍ପାଦ ଆଧାରିତ ପ୍ରୋତ୍ସାହନ । ଏହି ଯୋଜନାରେ ଏକର ପ୍ରତି ବାର୍ଷିକ ୪୦୦୦/- ଟଙ୍କା ପ୍ରୋତ୍ସାହନ ଦିଆଯାଉଛି । ଏହି ମିଶନ୍ ଚଳିତ ଆର୍ଥିକ ବର୍ଷରେ ୧୦ଟି ଜିଲ୍ଲାରେ କାର୍ଯ୍ୟାନ୍ୱୟନ ହେଉଛି । ୧୦୦୦ ହେକ୍ଟର (୨୦ଟି କ୍ଲଷ୍ଟର) ପାଇଁ ଗୋଟିଏ ପ୍ରଶିକ୍ଷଣ ସଂସ୍ଥାର ବ୍ୟବସ୍ଥା କରାଯାଇଛି । ୧୨ଟି କୃଷି ବିଜ୍ଞାନ କେନ୍ଦ୍ର ଏବଂ ୧୨ଟି ସ୍ଥାନୀୟ ପ୍ରାକୃତିକ କୃଷି ସଂସ୍ଥା (LNFI) ପୁଞ୍ଜ ଗୁଡ଼ିକ ସହ ସଂଯୁକ୍ତ ଅଛନ୍ତି ।

## ବଳଭଦ୍ର ଜୈବିକ ଚାଷ ମିଶନ



ଜୈବିକ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାର ଏକ ନୂତନ କାର୍ଯ୍ୟକ୍ରମ 'ବଳଭଦ୍ର ଜୈବିକ ଚାଷ ମିଶନ' ଆରମ୍ଭ କରିଛନ୍ତି । ଏହି ମିଶନରେ "ଜୈବିକ ଚାଷର ପ୍ରସାର" ମାଧ୍ୟମରେ ୮ଟି ଜିଲ୍ଲାରେ ଚାଷୀ ସଚେତନତା କାର୍ଯ୍ୟକ୍ରମ କରାଯାଇ ମୃତ୍ତିକାରେ ଜୈବ ଅଙ୍ଗାରକ (Soil Organic Carbon) ବୃଦ୍ଧି କରାଯିବ । ଏହି ମିଶନ ଅଧୀନରେ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ବ୍ଲକ ଏବଂ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳକୁ ସମ୍ପୂର୍ଣ୍ଣ ଜୈବିକ ଚାଷ ଅଞ୍ଚଳରେ ରୂପାନ୍ତରିତ କରାଯିବ । ଏହା ବ୍ୟତୀତ, ଅନ୍ୟ ୬ଟି ମନୋନୀତ ଜିଲ୍ଲା ଯଥା - କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଏବଂ ବଲାଙ୍ଗୀରରେ ଉଦ୍ୟାନ କୃଷି ଫସଲକୁ ମଧ୍ୟ ଏହି ମିଶନରେ ସାମିଲ କରାଯିବ ।

### ଏହି ମିଶନର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଲା

- ଚାଷୀମାନଙ୍କୁ ଜୈବିକ ପ୍ରମାଣପତ୍ର (Organic certification) ପାଇଁ ପଞ୍ଜିକୃତ କରିବା ।
- ଅବଶିଷ୍ଟାଂଶ ବିଶ୍ଳେଷଣ (Residue analysis) କରିବା ।
- ଜୈବ-ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବା ।
- ଚାଷୀମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ।
- ଜୈବିକ ଉତ୍ପାଦର ଗୁଣାତ୍ମକ ମାନ ସଂଯୋଗ (Value addition) ଏବଂ ବଜାର ସଂଯୋଗୀକରଣ କରିବା ।

୨୦୨୫-୨୬ ରବି ଋତୁରେ ପ୍ରାୟ ୧୬,୬୦୦ ହେକ୍ଟର ଜମିକୁ ଜୈବିକ ଚାଷ ଅଧୀନରେ ଅଣାଯିବାର ଲକ୍ଷ୍ୟ ରଖାଯାଇଛି ।

## ଅମୃତ ଅନ୍ନ

ଆମ ରାଜ୍ୟରେ ସ୍ଥାନୀୟ କିସମର ଧାନର ଏକ ସମୃଦ୍ଧ ଜୈବ ବିବିଧତା ଦେଖିବାକୁ ମିଳେ । ଅଧିକ ଅମଳକ୍ଷମ ଧାନ କିସମର ପ୍ରସାର ପରେ ମଧ ଚାଷୀମାନେ ଏବେ ବି ପାରମ୍ପରିକ ସୁଗନ୍ଧିତ ଧାନ କିସମ ଚାଷ କରୁଛନ୍ତି । ବର୍ତ୍ତମାନ, ଶ୍ରୀ ଜଗନ୍ନାଥ ମନ୍ଦିରରେ କୋଠ ଭୋଗ ଓ ମହାପ୍ରସାଦ ପ୍ରସ୍ତୁତି ପାଇଁ ବ୍ୟାପକ ଭାବେ ସୁଗନ୍ଧିତ ଜୈବିକ ଧାନ ଚାଷ କରିବାକୁ ସରକାର "ଅମୃତ ଅନ୍ନ" ଯୋଜନା କାର୍ଯ୍ୟକାରୀ କରିବାକୁ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି, ଯାହା ଶ୍ରୀ ଜଗନ୍ନାଥ ସଂସ୍କୃତିର ପବିତ୍ରତାକୁ ଆହୁରି ମହିମା ମଣ୍ଡିତ କରିବ । ୨୦୨୫ ଖରିଫ ଋତୁରେ ରାଜ୍ୟର ଚାରୋଟି ଜିଲ୍ଲା (କଟକ, ଖୋର୍ଦ୍ଧା, ବରଗଡ଼ ଏବଂ କୋରାପୁଟ) ରେ ୧୬୨ ହେକ୍ଟର ଜମିରେ ଧାନ ଏବଂ ୫୦ ହେକ୍ଟର ଜମିରେ ମୁଗ ଚାଷ କରାଯାଇଛି ।



## ସ୍ଥାନୀୟ ବଜାର ଓ ରପ୍ତାନି ଚାହିଦା ମୁତାବକ ସ୍ୱଦେଶୀ ସୁଗନ୍ଧିତ ଓ ଅଣସୁଗନ୍ଧିତ ଧାନ ଚାଷର ପ୍ରୋତ୍ସାହନ

ଓଡ଼ିଶା ଏହାର ସମୃଦ୍ଧ ଭୂ-ପ୍ରଜାତି ଧାନ କିସମ ପାଇଁ ପ୍ରସିଦ୍ଧ, ଯାହା ସେମାନଙ୍କର ସ୍ୱତନ୍ତ୍ର ସୁଗନ୍ଧ ଏବଂ ଅସାଧାରଣ ଗୁଣବତ୍ତା ପାଇଁ ପ୍ରସିଦ୍ଧ । ଓଡ଼ିଶାର ପୁରାତନ ଧାନ କିସମର ଚାଷକୁ ପୁନର୍ଜୀବିତ ଏବଂ ବିସ୍ତାର କରିବା ଲକ୍ଷ୍ୟରେ, "ରପ୍ତାନି ସମ୍ଭାବନା/ସ୍ଥାନୀୟ ବଜାର ସହିତ ସ୍ୱଦେଶୀ ସୁଗନ୍ଧିତ ଏବଂ ଅଣ-ସୁଗନ୍ଧିତ ଧାନର ପ୍ରୋତ୍ସାହନ" ନାମରେ ଏକ ରାଜ୍ୟ ଯୋଜନା ଆରମ୍ଭ ହୋଇଛି । ୨୦୨୫-୨୬ରେ, ୨୩,୩୨୦ ଚାଷୀଙ୍କ ଦ୍ୱାରା ୨୪,୧୪୮ ହେକ୍ଟର ଜମିରେ ସୁଗନ୍ଧିତ ଏବଂ ଅଣ-ସୁଗନ୍ଧିତ ଦେଶୀ ଧାନ ଚାଷ କରାଯାଇଛି ।

ଏହି ଯୋଜନାରେ ଆଦିବାସୀ, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନଙ୍କୁ ଜୈବିକ କୃଷି ପଦ୍ଧତି ଗ୍ରହଣ କରି ଲାଭକୁ ସୁନିଶ୍ଚିତ କରିବା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି । କଳାଚମ୍ପା ଭଳି ଅଣ-ସୁଗନ୍ଧ କିସମ ସହିତ ନୂଆ କଳାଜିରା, ନୂଆ ଚିନିକାମିନି, କେତକୀଯୋହା, ପିମ୍ପୁଡ଼ିବାସ, ବଡ଼ସାହଭୋଗ, ସୁଗନ୍ଧା ଏବଂ ଗୀତାଞ୍ଜଳି ଭଳି ଦେଶୀ ସୁଗନ୍ଧିତ କିସମ ଚାଷକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରାଯାଇଛି । ଅନ୍ତର୍ଜାତୀୟ ସହଯୋଗ ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ବିଭାଗ ୟୁଏଇ, ୟୁକେ, ସାଇପ୍ରସ୍ ଏବଂ ମରିସସ୍ ଭଳି ଦେଶର ରପ୍ତାନିକାରୀଙ୍କ ସହ ସହଭାଗୀ ହୋଇଛି । ଓଡ଼ିଶାର ଜୈବିକ ଉତ୍ପାଦ ପାଇଁ ଅର୍ଥପୂର୍ଣ୍ଣ ବାଣିଜ୍ୟ ବ୍ୟବସ୍ଥା କରାଯାଇଛି । ଛତିଶଗଡ଼, ପଶ୍ଚିମବଙ୍ଗ ଏବଂ ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ଭଳି ସ୍ଥାନୀୟ ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକରେ ପ୍ରାୟ ୩୦୦୦ ମେଟ୍ରିକ୍ ଟନ୍ ସୁଗନ୍ଧିତ ଚାଉଳ ସଫଳତାର ସହିତ ବିକ୍ରି କରାଯାଇଛି ।



## ଯାନ୍ତ୍ରିକ ପଦ୍ଧତିରେ ପ୍ରତ୍ୟକ୍ଷ ବୁଣାଧାନ ଚାଷ (DSR)

ଓଡ଼ିଶାରେ ଧାନ ଏକ ପ୍ରମୁଖ ଫସଲ, ଯାହା ବିଭିନ୍ନ କୃଷି ପରିବେଶରେ ଚାଷ କରାଯାଏ । କାଦୁଅ ଧାନ ରୁଆ (PTR) ଏବଂ ବେଉଷଣ ଭଳି ପାରମ୍ପରିକ ପଦ୍ଧତିଗୁଡ଼ିକ ଶ୍ରମ-କୈନ୍ଦ୍ରିକ ବ୍ୟୟବହୁଳ ଏବଂ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ କମ ଦକ୍ଷ । ସମନ୍ୱିତ ଘାସ ପରିଚାଳନା (IWM) ସହିତ ଯାନ୍ତ୍ରିକ ପ୍ରତ୍ୟକ୍ଷ ବୁଣାଧାନ ଚାଷ ଅଧିକ ପ୍ରଭାବୀଯୁକ୍ତ । ଏହା ଆର୍ଥିକ ଦୃଷ୍ଟିରୁ ସମ୍ଭବ ବିକଳ୍ପ ପ୍ରଦାନ କରେ, ଯାହା ଜଳସେଚନ, ଶ୍ରମ ଏବଂ ସବୁଜ ଗୃହ ଗ୍ୟାସ ନିର୍ଗମନକୁ ସିଧାସଳଖ ହ୍ରାସ କରେ ।

ଏହି କାର୍ଯ୍ୟକ୍ରମରେ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟର ୧୫ଟି ଜିଲ୍ଲାରେ (କଟକ, ଜଗତସିଂହପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ମାଲକାନଗିରି, ନୟାଗଡ଼, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼, ଅନୁଗୁଳ, ଦେବଗଡ଼, ଢେଙ୍କାନାଳ, କୋରାପୁଟ ଓ ରାୟଗଡ଼ା) ୫୦୦୦ ହେକ୍ଟରରେ କାର୍ଯ୍ୟକାରୀ କରାଯାଇଛି ।



## ସମୃଦ୍ଧ କୃଷକ ଯୋଜନା

ରାଜ୍ୟର ଧାନଚାଷୀମାନଙ୍କୁ ଉତ୍ତମ ମୂଲ୍ୟ ପ୍ରଦାନ କରିବା ଏବଂ ଚାଷୀମାନଙ୍କୁ ସମାଜର ଆର୍ଥିକ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି । ଚାଷୀମାନଙ୍କଠାରୁ ପ୍ରତି କ୍ୱିଣ୍ଟାଲ ପିଚ୍ଛା ୩୧୦୦ ଟଙ୍କାରେ ଧାନ କିଣିବା ପାଇଁ "ସମୃଦ୍ଧ କୃଷକ ଯୋଜନା" ନାମକ ଏକ ନୂତନ ଯୋଜନା ଆରମ୍ଭ କରାଯାଇଛି । ଏହି ଯୋଜନାରେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପଞ୍ଜୀକୃତ ଚାଷୀମାନଙ୍କଠାରୁ ପ୍ରଚଳିତ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ସହ, ଇନପୁଟ୍ ସହାୟତା ପ୍ରଦାନ କରି, କ୍ୱିଣ୍ଟାଲ ପିଚ୍ଛା ମୋଟ ୩,୧୦୦ (ଏକ ତିରିଶି ଶହ) ଟଙ୍କାରେ ଧାନ କ୍ରୟ କରାଯିବାର ବ୍ୟବସ୍ଥା କରାଯାଇଅଛି । ଧାନ ବିହନ ଉତ୍ପାଦକମାନେ ମଧ୍ୟ ଏହି ଯୋଜନା ଅଧୀନରେ ଇନପୁଟ୍ ସହାୟତା ପାଇବାକୁ ଯୋଗ୍ୟ ହେଇପାରୁଛନ୍ତି ।

୨୦୨୩-୨୪ ଖରିଫ ଋତୁରେ ୧୩.୩୬ ଲକ୍ଷ ଚାଷୀଙ୍କଠାରୁ ୫୮.୦୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରାଯାଇଥିବା ସ୍ଥଳେ ୨୦୨୪-୨୫ ଖରିଫ ଋତୁରେ ୧୬.୬୦ ଲକ୍ଷ ଚାଷୀଙ୍କଠାରୁ ୭୩.୪୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି ଓ ଚାଷୀମାନଙ୍କୁ ସମୁଦାୟ ୫୮୭୬.୫୭ କୋଟି ଟଙ୍କା ଇନପୁଟ୍ ସହାୟତା ଯୋଗାଇ ଦିଆଯାଇଛି । ସେହିପରି ୨୦୨୪-୨୫ ରବି ଋତୁରେ ୩.୧୨ ଲକ୍ଷ ଚାଷୀଙ୍କଠାରୁ ୧୯.୧୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି ଓ ୧୫୩୪.୪୩ କୋଟି ଟଙ୍କାର ଇନପୁଟ୍ ସହାୟତା ଯୋଗାଇ ଦିଆଯାଇଛି । ଏହାଛଡ଼ା ଖରିଫ ୨୦୨୫ ଋତୁ ପାଇଁ କ୍ରୟ କରାଯାଇଥିବା ଧାନ ବିହନ ନିମନ୍ତେ ୧୪.୧୮ କୋଟି ଟଙ୍କାର ଇନପୁଟ ସହାୟତା ୩୪୪୧ ଜଣ ଧାନ ବିହନ ଉତ୍ପାଦକମାନଙ୍କୁ ଓଡ଼ିଶା ରାଜ୍ୟ ବିହନ ନିଗମ ମାଧ୍ୟମରେ ପ୍ରଦାନ କରାଯାଇଛି । ଚଳିତ ୨୦୨୫-୨୬ ଋତୁରେ ଖରିଫ ଋତୁରେ ୭୯.୨୯ ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରାଯିବାର ଲକ୍ଷ୍ୟ ରଖାଯାଇଅଛି । ସେଥିମଧ୍ୟରୁ ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ ୮.୧୩ ଲକ୍ଷ ଚାଷୀଙ୍କ ଠାରୁ ୩୫.୪୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି ।





## ପିଏମ୍-କିଷାନ ଯୋଜନା

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (PM-KISAN) ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ଆୟ୍-ସହାୟତା ଯୋଜନା, ଯାହାର ଲକ୍ଷ୍ୟ ହେଉଛି ଚାଷୀମାନଙ୍କୁ କୃଷି ସମ୍ବନ୍ଧୀୟ ଖର୍ଚ୍ଚ ବହନ କରିବା ପାଇଁ ନିଶ୍ଚିତ ଆର୍ଥିକ ସହାୟତା ପ୍ରଦାନ କରିବା । ଏହି ଯୋଜନା ଅଧୀନରେ ଚାଷୀଙ୍କୁ ବାର୍ଷିକ ୬,୦୦୦ ଟଙ୍କା ପ୍ରଦାନ କରାଯାଏ । ଏହି ଅର୍ଥରାଶି ତିନୋଟି ସମାନ କିସ୍ତିରେ ପ୍ରଦାନ କରାଯାଇଥାଏ, ଏହା ଚାଷୀମାନଙ୍କୁ ବିହନ, ସାର ଏବଂ ଚାଷ ସମୟରେ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ପ୍ରାଥମିକ ଖର୍ଚ୍ଚ ତୁଲାଇବାରେ ସାହାଯ୍ୟ କରିଥାଏ । ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ ରାଜ୍ୟରେ ଏକ ସ୍ୱତନ୍ତ୍ର 'ସାଚୁରେସନ୍ ଡ୍ରାଇଭ୍' (Saturation Drive) ବା ପରିପୂର୍ଣ୍ଣତା ଅଭିଯାନ ଚଲାଯାଇଥିଲା। ଏହି ଅଭିଯାନ ମାଧ୍ୟମରେ ବାଦ୍ ପଡ଼ିଥିବା ଚାଷୀମାନଙ୍କୁ ଚିହ୍ନଟ କରାଯାଇ ସାମିଲ କରାଯାଇଛି । ଏହି ସକ୍ରିୟ ପ୍ରୟାସ ଫଳରେ ୫ ଲକ୍ଷରୁ ଅଧିକ ନୂତନ ଚାଷୀ ଏହି ଯୋଜନାରେ ନାମ ପଞ୍ଜିକୃତ କରିଛନ୍ତି । ୧୯.୧୧.୨୦୨୫ ରିଖରେ ଯୋଜନାର ୨୧ତମ କିସ୍ତି ସଫଳତାର ସହ ରାଜ୍ୟର ୩୪,୧୨,୬୪୦ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି ।

## ସିଏମ୍-କିଷାନ ଯୋଜନା

ସିଏମ୍-କିଷାନ ହେଉଛି କୃଷିର ସମୃଦ୍ଧି ଏବଂ ରାଜ୍ୟର ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ଏକ କୃଷକ କଲ୍ୟାଣକାରୀ ଯୋଜନା । ଏହା ଏକ ପ୍ରଗତିଶୀଳ ଏବଂ ସମାବେଶୀ ଯୋଜନା, ଯାହା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସମେତ ଭୂମିହୀନ କୃଷକ ପରିବାରଗୁଡ଼ିକୁ ସହାୟତା ପ୍ରଦାନ କରିଥାଏ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଶପଥ ଗ୍ରହଣ ପରେ ପରେ, ସମସ୍ତ ଯୋଗ୍ୟ ଚାଷୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଚଲାଯାଇଥିଲା । ଫଳସ୍ୱରୂପ, ୬ ଲକ୍ଷରୁ ଅଧିକ ନୂତନ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇପାରିଥିଲା ଏବଂ ବର୍ତ୍ତମାନ ଏହାର ପରିସର ଯଥେଷ୍ଟ ବୃଦ୍ଧି  ପାଇଛି । ଚାଷୀମାନଙ୍କ ସହାୟତା ପାଇଁ CM-KISAN ଅଧୀନରେ ମୋଟ ୨,୯୯୧ କୋଟି ଟଙ୍କାରୁ ଅଧିକ ରାଶି ପ୍ରଦାନ କରାଯାଇଛି ।

ଏହି ଯୋଜନାର ୩ଟି ମୁଖ୍ୟ ଉପାଦାନ ରହିଛି:

## ୧. ଚାଷୀଙ୍କ ପାଇଁ କୃଷି ସାମଗ୍ରୀ ସହାୟତା (Input Support)

- କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ପ୍ରତି ଚାଷ ଋତୁ ପାଇଁ ୨,000 ଟଙ୍କା (ବାର୍ଷିକ ୪,000 ଟଙ୍କା) ସହାୟତା ପାଇଥାନ୍ତି ।
- ଏହି ଅର୍ଥକୁ ଚାଷୀମାନେ ନିଜ ପସନ୍ଦ ଅନୁସାରେ ବିହନ, ସାର, କୀଟନାଶକ, ଶ୍ରମିକ ଏବଂ ଅନ୍ୟାନ୍ୟ କୃଷି ଖର୍ଚ୍ଚ ପାଇଁ ବ୍ୟବହାର କରିପାରିବେ ।
- ୨0୨୫-୨୬ ବର୍ଷ ମଧ୍ୟରେ ପ୍ରାୟ ୫୧.୧୫ ଲକ୍ଷ ଚାଷୀ ଆର୍ଥିକ ସହାୟତା ପାଇଛନ୍ତି। ଏଥିମଧ୍ୟରେ ୩,୨୩୬ ଜଣ ବିଶେଷ ଭାବେ ଦୁର୍ବଳ ଜନଜାତି ସମୂହ (PVTG)ର ଚାଷୀ ଏବଂ ୩୧,୬୯୫ ଜଣ ସହରାଞ୍ଚଳ ଚାଷୀ ଅନ୍ତର୍ଭୁକ୍ତ ଅଛନ୍ତି, ଯାହା ଗ୍ରାମାଞ୍ଚଳ ବାହାରେ ମଧ୍ୟ ଯୋଜନାର ବ୍ୟାପକତାକୁ ସୁନିଶ୍ଚିତ କରୁଛି ।

## ୨. ଭୂମିହୀନ କୃଷକ ପରିବାର ପାଇଁ ଜୀବିକା ସହାୟତା

- ୩ଟି କିସ୍ତିରେ ମୋଟ ୧୨,୫00 ଟଙ୍କାର ଏକକାଳୀନ ସହାୟତା ପ୍ରଦାନ କରାଯାଏ ।
- ଏହା ବିଭିନ୍ନ ଆନୁଷଙ୍ଗିକ କୃଷି କାର୍ଯ୍ୟ ମାଧ୍ୟମରେ ଆୟ ବୃଦ୍ଧି କରିବାକୁ ଉତ୍ସାହିତ କରିଥାଏ, ଯଥା: ଛେଳି ପାଳନ, କୁକୁଡ଼ା ପାଳନ, ମତ୍ସ୍ୟ ଚାଷ, ଛତୁ ଚାଷ, ଦୁଗ୍ଧ ଚାଷ, ଟସର ଚାଷ ଏବଂ ମହୁମାଛି ପାଳନ ଇତ୍ୟାଦି ।
- ୨0୨୫-୨୬ ବର୍ଷରେ ୩୯,୨୩୯ ଭୂମିହୀନ କୃଷକ ପରିବାର (LAH) ଆର୍ଥିକ ସହାୟତା ପାଇଛନ୍ତି । ମୋଟ ଉପରେ ୧୭.00 ଲକ୍ଷ ଚାଷୀ ଆର୍ଥିକ ସହାୟତା ଲାଭ କରିଛନ୍ତି ।

## ୩. କୃଷି ବିଦ୍ୟା ନିଧି ଯୋଜନା

- ସିଏମ୍-କିଷାନ ହିତାଧିକାରୀଙ୍କ ପିଲାମାନଙ୍କ ମେଡିକାଲ୍, ଇଞ୍ଜିନିୟରିଂ, କୃଷି ଓ ଆନୁଷଙ୍ଗିକ, ନର୍ସିଂ, ଡିପ୍ଲୋମା ଏବଂ ଆଇଟିଆଇ ଭଳି ବୃତ୍ତିଗତ କିମ୍ବା ବୈଷୟିକ ପାଠ୍ୟକ୍ରମ ନିମନ୍ତେ ସେମାନଙ୍କୁ ଛାତ୍ରବୃତ୍ତି (Scholarship) ପ୍ରଦାନ କରାଯାଏ ।
- ଏହା ରାଜ୍ୟ ଭିତରେ କିମ୍ବା ବାହାରେ ଥିବା ସରକାରୀ, ବେସରକାରୀ ଏବଂ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ।
- ୨0୨୪-୨୫ ଶିକ୍ଷାବର୍ଷ: ୧୩,୯୨୩ ଜଣ ଛାତ୍ରଛାତ୍ରୀ ମୋଟ ୫୩.୬ କୋଟି ଟଙ୍କାର ଛାତ୍ରବୃତ୍ତି ପାଇଛନ୍ତି, ଯାହା ବିଗତ ବର୍ଷ ତୁଳନାରେ ପାଞ୍ଚ ଗୁଣ ଅଧିକ । ୨0୨୫-୨୬ ଶିକ୍ଷାବର୍ଷରେ ପ୍ରାୟ ୭୨,000 ଛାତ୍ରଛାତ୍ରୀ କୃଷି ବିଦ୍ୟା ନିଧି ଯୋଜନା ଅଧୀନରେ ପଞ୍ଜିକୃତ ହୋଇଛନ୍ତି, ଯାହା ଏହି ଯୋଜନାର ସଫଳତା ଓ ପ୍ରସାରକୁ ଦର୍ଶାଉଛି ।



# ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା (PM-DDKY)



୨୦୨୫ ମସିହାରେ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା (PM-DDKY) ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ କୃଷି ପରିବର୍ତ୍ତନକାରୀ ପଦକ୍ଷେପ । ଏହି ଯୋଜନାଟି ବିଶେଷ କରି ଦେଶର ୧୦୦ଟି ମନୋନୀତ ଜିଲ୍ଲାରେ କୃଷି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯେଉଁଠାରେ କୃଷି ଉତ୍ପାଦନ କମ୍, ଚାଷର ଘନତା ମଧ୍ୟମ ଧରଣର ଏବଂ କୃଷି ଋଣ ପାଇବାର ସୁବିଧା ହାରାହାରିଠାରୁ କମ୍ ରହିଛି । ଏହି ଯୋଜନା ଅଧୀନରେ ୧୧ଟି ବିଭାଗର ଚାଲୁଥିବା ୩୬ଟି ଯୋଜନାକୁ ଏକତ୍ରିତ କରି ଜିଲ୍ଲା-ଭିତ୍ତିକ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ କରାଯାଇଛି, ଯେଉଁଥିପାଇଁ ବାର୍ଷିକ ୨୪,୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

ପ୍ରଥମ ପର୍ଯ୍ୟାୟରେ, ଏହି ଯୋଜନାର ସଫଳ ରୂପାୟନ ପାଇଁ ଓଡ଼ିଶାର ଚାରୋଟି ଜିଲ୍ଲାକୁ ଚୟନ କରାଯାଇଛି - କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ଼ ଏବଂ ନୂଆପଡ଼ା । ଏହା ଆଞ୍ଚଳିକ ଅସମାନତା ଦୂର କରିବା ଏବଂ ଗ୍ରାମୀଣ ଜୀବନ ଜୀବିକାରେ ଉନ୍ନତି ଆଣିବା ପାଇଁ ଜାତୀୟ କୃଷି ବିକାଶ ଯାଜନା ଆଧାରରେ ଓଡ଼ିଶାର ଅଂଶଗ୍ରହଣକୁ ପ୍ରତିଫଳିତ କରୁଛି ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY)




ଏହି ଯୋଜନା ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ଖରିଫ ଋତୁରେ ୮ ଗୋଟି ବିଜ୍ଞାପିତ ଫସଲ ପାଇଁ ଯେକୌଣସି ଚାଷୀ ଏହି ବୀମା କରିପାରିବେ । ଏହି ଯୋଜନା ଉଭୟେ ଋଣୀ ଏବଂ ଅଣ-ଋଣୀ ଚାଷୀଙ୍କ ପାଇଁ ଇଚ୍ଛାଧୀନ ଅଟେ ।

ଏହି ଯୋଜନା ଅଧୀନରେ ମୌଳିକ ସୁବିଧା ହିସାବରେ ସ୍ଥାୟୀ ଫସଲର ଅମଳ ଜନିତ କ୍ଷତିର ବିପଦକୁ ଭରଣା କରେ (ଫସଲ ବୁଣାଠାରୁ ଫସଲ ଅମଳ) । ପ୍ରତ୍ୟେକ ଚାଷୀ ପାଇଁ ୨.୦୦ ହେକ୍ଟର ପର୍ଯ୍ୟନ୍ତ ପ୍ରିମିୟମର ଚାଷୀ ଅଂଶ ରାଜ୍ୟ ସରକାର ବହନ କରୁଛନ୍ତି । ଆବେଦନର ପଞ୍ଜୀକରଣ ପାଇଁ ପ୍ରତି ଚାଷୀଙ୍କଠାରୁ ୧.୦୦ ଟଙ୍କା ଟୋକନ୍ ହିସାବରେ ସଂଗ୍ରହ କରାଯାଇଛି । ଖରିଫ ୨୦୨୫ ଋତୁରେ ୧୩.୯୦ ଲକ୍ଷ ହେକ୍ଟର ଫସଲ ଜମି ବୀମାକରଣ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ୨୨,୭୩,୯୨୧ ଚାଷୀ (ଉଭୟ ଋଣୀ ଏବଂ ଅଣ ଋଣୀ) ପଞ୍ଜୀକୃତ ହୋଇଛନ୍ତି । ସେହିପରି ରବି ୨୦୨୫-୨୬ରେ ୧.୨୧ ଲକ୍ଷ ହେକ୍ଟର ଫସଲ ଜମି ପାଇଁ ୧,୨୪,୨୮୬ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି ।

# କୃଷି ସାମଗ୍ରୀର ମାନ ନିୟନ୍ତ୍ରଣ କାର୍ଯ୍ୟକ୍ରମ



ରାଜ୍ୟରେ କୃଷକମାନଙ୍କୁ ଉନ୍ନତମାନର ବିଭିନ୍ନ ସାର ଓ କୀଟନାଶକ ଔଷଧ ଇତ୍ୟାଦି କୃଷିସାମଗ୍ରୀ ଯୋଗାଣକୁ ସୁନିଶ୍ଚିତ କରିବା ସକାଶେ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାଡ଼ ମାଧ୍ୟମରେ ଅଦ୍ୟାବଧି ସମୁଦାୟ ୧୨,୯୫୪ଟି ବିକ୍ରୟ କେନ୍ଦ୍ରକୁ ବ୍ୟାପକ ଭାବେ ଚଢ଼ଉ କରାଯାଇଛି । ତନ୍ମଧ୍ୟରୁ ୨୯୧୨ ଜଣ ନିୟମ ଉଲଘଂନକାରୀ ବିକ୍ରେତାକୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହିତ ୨୩ ଟି ବିକ୍ରେତାଙ୍କ ସାମଗ୍ରୀ ଜବତ କରାଯାଇଛି । ୧୦ ଜଣ ବିକ୍ରେତାଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରୁଜୁ କରାଯିବା ସହିତ ୧୬୩ଟି ଡ଼ିଲରଙ୍କର ଲାଇସେନ୍ସ ବାତିଲ କରାଯାଇଛି । ପରିଣାମ ସ୍ୱରୂପ ରାଜ୍ୟରେ କୃଷି ସାମଗ୍ରୀର ବେଆଇନ ବିକ୍ରି ଓ କଳାବଜାରୀକୁ ରୋକାଯାଇପାରିଛି । ଏହାଦ୍ୱାରା ରାଜ୍ୟରେ କୃଷି କ୍ଷେତ୍ରରେ ଭଲ ଉତ୍ପାଦନ ହାସଲ ନିମନ୍ତେ ବେଶ ସହାୟକ ହୋଇପାରିଛି ।

ବିଭାଗରେ କାର୍ଯ୍ୟରତ କୃଷି ସାମଗ୍ରୀର ମାନ ନିରୀକ୍ଷକଙ୍କ ଦ୍ୱାରା ନିୟମିତ ଭାବରେ ନମୁନା ସଂଗ୍ରହ କରାଯାଇ ବିଭିନ୍ନ ପରୀକ୍ଷାଗାରରେ ପରୀକ୍ଷା କରାଯାଉଛି । ଚଳିତ ବର୍ଷ ଡିସେମ୍ବର ମାସ ଶେଷ ସୁଦ୍ଧା ୩୪୬୬ଟି ବିହନ ନମୁନା, ୬୧୫୧ଟି ସାର, ୬୮୧ ଟି କୀଟନାଶକ ଔଷଧ, ୮୬ଟି ଜୀବାଣୁ ସାର ଓ ୧୦୬ଟି ଜୈବିକ ସାର ନମୁନା ପରୀକ୍ଷଣ କରାଯାଇଛି ।



National Accreditation Board for Testing and Calibration Laboratories

NABL

CERTIFICATE OF ACCREDITATION

STATE INSECTICIDE TESTING LABORATORY

has been assessed and accredited in accordance with the standard

ISO/IEC 17025:2017

"General Requirements for the Competence of Testing & Calibration Laboratories"

for its facilities at

PLOT NO. 464, SAHID NAGAR, BHUBANESWAR, ODISHA, INDIA

in the field of

TESTING

Certificate Number: TC-16318

Issue Date: 25/06/2025 Valid Until: 24/06/2029

This certificate remains valid for the Scope of Accreditation as specified in the annexure subject to continued satisfactory compliance to the above standard & the relevant requirements of NABL.
(To see the scope of accreditation of this laboratory, you may also visit NABL website www.nabl-india.org)

Name of Legal Entity: DEPARTMENT OF AGRICULTURE & FARMERS EMPOWERMENT, GOVERNMENT OF ODISHA

Signed for and on behalf of NABL

Anita Rani
Director

N. Venkateswaran
Chief Executive Officer

ମାନ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଓ ଲାବୋରେଟୋରିରେ ଉତ୍ତମ ପରୀକ୍ଷଣ ଓ ଟେଷ୍ଟ ରିପୋର୍ଟକୁ ବିଶ୍ୱାସ ଯୋଗ୍ୟ କରିବା ପାଇଁ ରାଜ୍ୟରେ ଥିବା ସମସ୍ତ ମାନ ନିୟନ୍ତ୍ରଣ ପରୀକ୍ଷାଗାରଗୁଡ଼ିକୁ ଜାତୀୟ ମାନ୍ୟତା ପ୍ରଦାନକାରୀ ସଂସ୍ଥାରୁ (ଏନ.ଏ .ବି .ଏଲ) ସ୍ୱୀକୃତି ହାସଲ ପାଇଁ ଉଦ୍ୟମ ଜାରି ରହିଛି । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରରେ ଥିବା ରାଜ୍ୟ ବିହନ ପରୀକ୍ଷାଗାର ,ରାସାୟନିକ ସାର ପରୀକ୍ଷାଗାର ଓ ରାଜ୍ୟ କୀଟନାଶକ ପରୀକ୍ଷାଗାର ଏନ.ଏ .ବି .ଏଲ ନିକଟରୁ ମାନ୍ୟତା ପାଇଛନ୍ତି ଓ ଅନ୍ୟ ସମସ୍ତ ପରୀକ୍ଷାଗାରଗୁଡ଼ିକ ମଧ୍ୟ ଯଥା ଶୀଘ୍ର ମାନ୍ୟତା ପାଇଁ ପ୍ରଚେଷ୍ଟା ଚାଲୁ ରହିଛି । ସେହିପରି ୨୯ଟି ମୃତ୍ତିକା ପରୀକ୍ଷାଗାର ଓ ୨୧ଟି ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ଏନ.ଏ.ବି.ଏଲ ମାନକ ବଜାୟ ରଖିବାର ସ୍ୱୀକୃତି ପାଇଛନ୍ତି ଓ ବାକିଥିବା ୧୦ଟି ମୃତ୍ତିକା ପରୀକ୍ଷାଗାରଗୁଡିକ ଏନ.ଏ .ବି .ଏଲ ମାନକ ପାଇବା ପାଇଁ ଚେଷ୍ଟା ଚାଲୁ ରହିଛି ।

ଏତଦ୍ ବ୍ୟତୀତ , ରାଜ୍ୟରେ ବେଆଇନ କୃଷି ସାମଗ୍ରୀ ବିକ୍ରି, କଳାବଜାରୀ ଓ ଅପମିଶ୍ରଣ ସାମଗ୍ରୀ ବିକ୍ରିକୁ ରୋକିବା ନିମନ୍ତେ ବିଭିନ୍ନ ଇଲୋକ୍ଟ୍ରୋନିକ ଓ ସାମାଜିକ ଗଣମାଧ୍ୟମ ଜରିଆରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।

# ଫସଲ ସୁରକ୍ଷା ଏବଂ ରୋଗ ପୋକ ସର୍ବେକ୍ଷଣ

ନୂଆଦିଲ୍ଲୀ ସ୍ଥିତ ଜାତୀୟ ସମନ୍ୱିତ କୀଟ ପରିଚାଳନା ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ସମନ୍ୱିତ କୀଟ ପରିଚାଳନା କେନ୍ଦ୍ର ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (OUAT)ର ମିଳିତ ସହଯୋଗରେ ୨୦୧୦-୧୧ ମସିହାରୁ ଇ-ରୋଗ ପୋକ ସର୍ବେକ୍ଷଣ (e-Pest) ନିରୀକ୍ଷଣ ପ୍ରଣାଳୀ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରଣାଳୀ କୀଟମାନଙ୍କର ଆଗମନ ଉପରେ ନଜର ରଖିବା ସହ ସଠିକ୍ ସମୟରେ ଆବଶ୍ୟକୀୟ ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରିବାରେ ସାହାଯ୍ୟ କରୁଛି । ଏହି କାର୍ଯ୍ୟକ୍ରମର ସଫଳତାକୁ ଦୃଷ୍ଟିରେ ରଖି ଏହାକୁ ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତକୁ ସମ୍ପ୍ରସାରିତ କରାଯାଇଛି ।

୨୦୨୪-୨୫ ବର୍ଷରେ ୨୫.୨୦ ଲକ୍ଷ ହେକ୍ଟର ଫସଲ ଜମିରେ ଏବଂ ୨୦୨୫-୨୬ ବର୍ଷରେ ୨୭.୨୫ ଲକ୍ଷ ହେକ୍ଟର ଫସଲ ଜମିରେ ରୋଗ ପୋକ ସର୍ବେକ୍ଷଣ ନିରୀକ୍ଷଣ କରାଯାଇଛି । କୃଷି ଉନ୍ନତି ସହଯୋଗୀ (KUS) କାର୍ଯ୍ୟକ୍ରମ ମାଧ୍ୟମରେ କୃଷି ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ଖରିଫ ଋତୁରେ ୩ ମାସ (ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର) ପାଇଁ କୃଷି ପ୍ରସାର କାର୍ଯ୍ୟରେ ନିୟୋଜିତ କରାଯାଉଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚାଷୀମାନଙ୍କୁ କୀଟ ସର୍ବେକ୍ଷଣ, ପ୍ରତିରୋଧ ଏବଂ କୀଟନାଶକର ନିରାପଦ ତଥା ଆବଶ୍ୟକୀୟ ବ୍ୟବହାର ବିଷୟରେ ଶିକ୍ଷିତ କରିବା ।

୨୦୨୪-୨୫ ବର୍ଷରେ ୧୦୨୨ ଜଣ ଛାତ୍ରଛାତ୍ରୀଙ୍କୁ KUS କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇଥିଲା । ଓଡ଼ିଶାର ୩୦ଟି ଜିଲ୍ଲାର ୨୮୦୩ଟି ଗ୍ରାମରେ ସମୁଦାୟ ୨୩,୨୫୫ ଜଣ ଚାଷୀ KUS ଛାତ୍ରଛାତ୍ରୀଙ୍କ ଦ୍ୱାରା NPSS ଗୁଣାତ୍ମକ କୀଟ ନିରୀକ୍ଷଣ କରିଛନ୍ତି । ଜାତୀୟସ୍ତରରେ ଏହା ଏକ ପ୍ରଥମ ପ୍ରୟାସ ଥିଲା ଏବଂ NPSS କର୍ମଶାଳାରେ ଭାରତ ସରକାରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ଚଳିତ ବର୍ଷ OUAT ଏବଂ ICAR ମାନ୍ୟତା ପ୍ରାପ୍ତ କୃଷି ବିଶ୍ୱବିଦ୍ୟାଳୟର ୯୬୨ ଜଣ କୃଷି ଓ ଉଦ୍ୟାନ କୃଷି ସ୍ନାତକ ଏହି କାର୍ଯ୍ୟକ୍ରମ ସହ ଜଡ଼ିତ ହୋଇଛନ୍ତି ଏବଂ ୫୦,୦୦୦ ଚାଷୀଙ୍କ ଦ୍ୱାରା NPSS ଗୁଣାତ୍ମକ କୀଟ ନିରୀକ୍ଷଣ କରାଯାଉଛି ।



# ଆଗ୍ରିଷ୍ଟାକ୍ (AgriStack)

ଏହି ବ୍ୟବସ୍ଥା ମୁଖ୍ୟତଃ କୃଷି କ୍ଷେତ୍ରର ତିନୋଟି ମୁଖ୍ୟ ଅଂଶକୁ ନେଇ ଗଠିତ - କୃଷକ ପଞ୍ଜିକା (Farmer Registry) ଚାଷୀଙ୍କ ଜନସଂଖ୍ୟା ସମ୍ବନ୍ଧୀୟ ସୂଚନା, ଜିଓ-ରେଫରେନ୍ସଡ୍ ଗ୍ରାମ ମାନଚିତ୍ର (Geo-referenced Village Maps) ଜମିର ମାଲିକାନା ଏବଂ ଏହାର ସଠିକ୍ ଅବସ୍ଥିତି ଏବଂ ଫସଲ ବୁଣା ପଞ୍ଜିକା (Crop Sown Registry) କେଉଁ ଜମିରେ କେଉଁ ଫସଲ ଚାଷ କରାଯାଇଛି ତାର ବିବରଣୀ ।

ଏହି ସମସ୍ତ ଉପାଦାନ ମିଳିତ ଭାବେ ଚାଷୀଙ୍କ ପରିଚୟ, ସେମାନଙ୍କ ଜମି ଏବଂ ଚାଷ ହେଉଥିବା ଫସଲ ବିଷୟରେ ଏକ ଯାଞ୍ଚ ହୋଇଥିବା ଏବଂ ନିର୍ଭରଯୋଗ୍ୟ ସୂଚନା ପ୍ରଦାନ କରିବ । ଏହି ବିଶ୍ୱାସଯୋଗ୍ୟ ଡାଟା ଢାଞ୍ଚା ଉଭୟ ସରକାରୀ ଏବଂ ବେସରକାରୀ ସଂସ୍ଥାଗୁଡ଼ିକୁ ଚାଷୀଙ୍କ ପାଇଁ ଅନେକ ଡିଜିଟାଲ୍ ସେବା ଉପଲବ୍ଧ କରିବାରେ ସାହାଯ୍ୟ କରିବ, ଯେପରିକି ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (DBT), କୃଷି ପରାମର୍ଶ ସେବା, ଆର୍ଥିକ ସେବା (ଋଣ ଓ ବୀମା) ଏବଂ ବଜାର ସଂଯୋଗୀକରଣ ଇତ୍ୟାଦି ।



# କୃଷକ ପଞ୍ଜୀକରଣ (Farmer Registry)

କୃଷକ ପଞ୍ଜୀକରଣ ହେଉଛି କୃଷକମାନଙ୍କର ଏକ ଗତିଶୀଳ, ସଠିକ୍ ଏବଂ ଯାଞ୍ଚ ହୋଇଥିବା ତଥ୍ୟ (Database), ଯାହା ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଓ ପରିଚାଳିତ । ଏଥିରେ କୃଷକମାନଙ୍କର ପ୍ରମାଣିତ ଜନସାଂଖ୍ୟିକ ବିବରଣୀ, ଜମିର ମାଲିକାନା ଏବଂ ଆଧାର ଭିତ୍ତିକ e-KYC ଭଳି ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ରହିଥାଏ ।

କୃଷକ ପଞ୍ଜିକରଣ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯେଉଁଥିରେ କ୍ଷେତ୍ର ସ୍ତରରେ ଚାଷୀଙ୍କର ଜମିର ବିବରଣୀ ସହିତ ଆଧାର ସହିତ ଯାଞ୍ଚ କରାଯାଉଛି । ଜାନୁୟାରୀ ୨୦୨୬ ସୁଦ୍ଧା ୧୪,୨୯,୦୭୮ ଜଣ ଚାଷୀଙ୍କର ପଞ୍ଜିକରଣ କରାଯାଇଛି । ଏଗ୍ରିଷ୍ଟାକ୍ କାର୍ଯ୍ୟକାରୀ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାରୁ ଭାରତ ସରକାର ରାଜ୍ୟ ପାଇଁ ୧୫୫.୪୮ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ରାଶି ଅନୁମୋଦନ କରିଛନ୍ତି । ଡିଜିଟାଲ୍ ଫସଲ ସର୍ବେକ୍ଷଣ (Digital Crop Survey) ପାଇଁ ୧୦୦ କୋଟି ଟଙ୍କା ଏବଂ କୃଷକ ପଞ୍ଜିକା ପ୍ରସ୍ତୁତି ପାଇଁ ୫୫.୪୮ କୋଟି ଟଙ୍କା ଅନୁମୋଦନ କରାଯାଇଛି ।



# ଡିଜିଟାଲ ଫସଲ ସର୍ବେକ୍ଷଣ (DCS)



ଖରିଫ୍ ୨୦୨୫ରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଡିଜିଟାଲ୍ ଫସଲ ସର୍ବେକ୍ଷଣ, ୧୬ ଅଗଷ୍ଟ, ୨୦୨୫ ରୁ ୩୦ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ବିଭାଗ ଦ୍ୱାରା ବିକଶିତ "ଇ-ଚାଷ" ଆପ୍ ମାଧ୍ୟମରେ କରାଯାଇଛି । ଡିଜିଟାଲ୍ ଫସଲ ସର୍ବେକ୍ଷଣ ହେଉଛି ରାଜ୍ୟର ପ୍ରତ୍ୟେକ ଭୂ-ସନ୍ଦର୍ଭିତ କୃଷି ପ୍ଲଟ୍ କୁ ସମ୍ପୃକ୍ତ ଚାଷୀ ଏବଂ ସେଥିରେ ଚାଷ କରାଯାଉଥିବା ଫସଲ ସହିତ ମ୍ୟାପିଂ କରିବା ପାଇଁ ଏକ ପଦକ୍ଷେପ ।

ଏହାର ମୂଳ ଲକ୍ଷ୍ୟ ହେଉଛି, ଫସଲ ସର୍ବେକ୍ଷଣ ରାଜ୍ୟର ସମସ୍ତ ଫସଲ ତଥ୍ୟର ସତ୍ୟତା ଯାଞ୍ଚ କରିବ, ଯାହା ବ୍ୟାଙ୍କ, ବୀମା ଏଜେନ୍ସି ଏବଂ କ୍ରେତାଙ୍କ ଭଳି ବହୁବିଧ ବିଭାଗ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟବହାରଯୋଗ୍ୟ । ଏହି ବ୍ୟବସ୍ଥା ବିଭିନ୍ନ ବିଭାଗ ପାଇଁ ଫସଲ ତଥ୍ୟ ଆବଶ୍ୟକତାକୁ ଏକୀକୃତ କରି ସଠିକ୍ ଏବଂ ବ୍ୟକ୍ତିଗତ ସେବା ପ୍ରଦାନ, ସମ୍ପ୍ରସାରଣ ଏବଂ ନୀତି ନିର୍ଦ୍ଧାରଣରେ ସାହାଯ୍ୟ କରିଥାଏ । ୨୦୨୫ ଖରିଫ ଋତୁରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ୨,୫୬,୨୮,୪୨୪ଟି ପ୍ଲଟ୍ ପାଇଁ ଏକ ସଫଳ ଡିଜିଟାଲ୍ ଫସଲ ସର୍ବେକ୍ଷଣ ମାଧ୍ୟମରେ ୪୨,୫୫,୨୭୬ ହେକ୍ଟର ଫସଲ ସର୍ଭେ କରାଯାଇଥିଲା। ଡିସେମ୍ବର ୧୬, ୨୦୨୫ ରୁ ରାଜ୍ୟରେ ରବିଋତୁ ନିମନ୍ତେ ଡିଜିଟାଲ୍ ଫସଲ ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ ହୋଇସାରିଛି ।




# ଓଡ଼ିଶାରେ କୃଷକ ପ୍ରଜାତିମାନଙ୍କର ସଂଗ୍ରହ, ସଂରକ୍ଷଣ ଏବଂ ବ୍ୟବହାର

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ୨୦୧୦ - ୧୧ ମସିହାରେ ଉଦ୍ଭିଦ ପ୍ରଜାତି ଓ କୃଷକ ଅଧିକାର ସୁରକ୍ଷା ଆଇନ ୨୦୦୧ (ପିପିଭି ଓ ଏଫ୍‌ଆର୍‌ଏ) ଅଧୀନରେ କୃଷକମାନଙ୍କ ପାରମ୍ପରିକ ବିହନ ସଂଗ୍ରହ ଓ ପଞ୍ଜୀକରଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହି ମୂଲ୍ୟବାନ ଆନୁବଂଶିକ ସମ୍ବଳ ମାନଙ୍କର ବ୍ୟବସ୍ଥିତ ସଂରକ୍ଷଣ ନିଶ୍ଚିତ କରିବା ପାଇଁ RKVY ଯୋଜନା ଅଧୀନରେ ମଧ୍ୟମ ଏବଂ ଦୀର୍ଘମିଆଦି ସଂରକ୍ଷଣ ପାଇଁ ଦୁଇଟି ଜିନ୍ ବ୍ୟାଙ୍କ (୪ °C ଏବଂ –୨୦ °C) ସ୍ଥାପନ କରାଯାଇଥିଲା । ମୋଟ ୧୪୫୮ଟି କୃଷକ ପ୍ରଜାତି ସଂଗ୍ରହ କରି ସଂରକ୍ଷିତ କରାଯାଇଛି (୧୦୭୮ ଧାନ, ୯୭ ମିଲେଟ୍ସ ଏବଂ ୨୮୩ ଅଣ-ଧାନ ପ୍ରଜାତି) । ଏପର୍ଯ୍ୟନ୍ତ ୭୭୨ଟି ପିପିଭି ଏବଂ ଏଫ୍‌ଆର୍‌ଏ ପାରମ୍ପରିକ ବିହନର ପଞ୍ଜିକରଣ ପ୍ରମାଣପତ୍ର ସମ୍ପୃକ୍ତ କୃଷକମାନଙ୍କୁ ବଣ୍ଟନ କରାଯାଇଛି । ଏହି ପଦକ୍ଷେପର ଏକ ଉଲ୍ଲେଖନୀୟ ସଫଳତା ହେଉଛି କୃଷକ କିସମ 'କଳାଚମ୍ପା'ର ଉନ୍ମୋଚନ ଏବଂ ବିଜ୍ଞପ୍ତି । ଏହା କୃଷକ ପ୍ରଜାତିକୁ ଔପଚାରିକ ବିହନ ଶୃଙ୍ଖଳାରେ ଅନ୍ତର୍ଭୁକ୍ତ କରିବାରେ ଏକ ଅନନ୍ୟ ଉଦାହରଣ । କୃଷକ ପ୍ରଜାତିମାନଙ୍କର ପୁନର୍ଜୀବନ, ବୈଶିଷ୍ଟ୍ୟ ନିର୍ଣ୍ଣୟ ଏବଂ ବ୍ୟବହାରକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭାଗୀୟ ଗବେଷଣା କ୍ଷେତ୍ର, ପିପିଲିକୁ CDAO, ପୁରୀଙ୍କ ଅଧୀନରୁ ରାଜ୍ୟ ବିହନ ପରୀକ୍ଷାଗାର (SSTL)ର ଅଧୀନକୁ ହସ୍ତାନ୍ତର କରାଯାଇଛି । ଏହାର ଉଦ୍ଦେଶ୍ୟ SSTL ଜିନ୍ ବ୍ୟାଙ୍କରେ ସଂରକ୍ଷିତ ପାରମ୍ପରିକ ବିହନମାନଙ୍କର ପୁନର୍ଜୀବନ ଏବଂ ମୂଲ୍ୟାୟନ କରିବା ସହ ଓଡ଼ିଶାର ବିବିଧ କୃଷି-ଜଳବାୟୁ ପରିସ୍ଥିତି ପାଇଁ ଉପଯୁକ୍ତ ଜଳବାୟୁ-ସହନଶୀଳ ପ୍ରଜାତି ବିକାଶର ସମ୍ଭାବନା ଖୋଜିବା ।

ଅବସରପ୍ରାପ୍ତ ବୈଜ୍ଞାନିକ, OUAT ଏବଂ CRRIର ବିଶେଷଜ୍ଞ ଏବଂ କୃଷି ନିର୍ଦ୍ଦେଶାଳୟର ଅଧିକାରୀମାନଙ୍କୁ ନେଇ ଗଠିତ




ଏକ ବୈଷୟିକ କମିଟିର ସୁପାରିଶ ଆଧାରରେ ଚାରିଟି ସମ୍ଭାବ୍ୟ ପ୍ରଜାତି ଯଥା- ହରିଶଙ୍କର, ବସୁଧା, ମୟୁରକଣ୍ଠ ଏବଂ ଚମ୍ପେଇଶିଆଳିକୁ ଅଧିକ ଉନ୍ନତି ଏବଂ ପ୍ରସାର କାରଣ ପାଇଁ ଚିହ୍ନଟ କରାଯାଇଥିଲା । ୨୦୨୪-୨୫ ରବି ଋତୁରେ ୮୪ଟି ସୁଗନ୍ଧିତ କୃଷକ ପ୍ରଜାତିର ପୁନର୍ଜୀବନ ଏବଂ ବିସ୍ତାର କାର୍ଯ୍ୟ କରାଯାଇଥିଲା ।

୨୦୨୫-୨୬ ମସିହାରେ ୮୧ଟି ଡାଲି ଜାତୀୟ କୃଷକ ପ୍ରଜାତିର ବିସ୍ତୃତ ଆକୃତିଗତ (morphological) ଏବଂ ଆଣବିକ (molecular) ବୈଶିଷ୍ଟ୍ୟ ନିର୍ଣ୍ଣୟ ପାଇଁ ICRISAT ସହଯୋଗରେ ପଦକ୍ଷେପ ଗ୍ରହଣ କରାଯାଇଛି ।

ସମୁଦାୟ ଭାବେ, ଏହି ସମସ୍ତ ପ୍ରୟାସ ରାଜ୍ୟର କୃଷି ଜୈବବିବିଧତା ସଂରକ୍ଷଣ, ଜଳବାୟୁ ସହନଶୀଳତା ବୃଦ୍ଧି ଏବଂ କୃଷକ ପ୍ରଜାତିମାନଙ୍କୁ ଔପଚାରିକ ବିହନ ପ୍ରଣାଳୀରେ ଅନ୍ତର୍ଭୁକ୍ତ କରିବା ପ୍ରତି ରାଜ୍ୟର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିପାଦନ କରେ ।

# ଲିଙ୍ଗଗତ ସମ୍ବେଦନଶୀଳ କକ୍ଷ



ରାଜ୍ୟରେ କୃଷି ନୀତି ପ୍ରଣୟନ, କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି, କାର୍ଯ୍ୟାନ୍ୱୟନ ଏବଂ ତଦାରଖ ଇତ୍ୟାଦି କାର୍ଯ୍ୟରେ ଲିଙ୍ଗଗତ ସମ୍ବେଦନଶୀଳ ଆଭିମୁଖ୍ୟକୁ ପ୍ରତିଷ୍ଠା କରିବା ପାଇଁ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ଲିଙ୍ଗଗତ ସମ୍ବେଦନଶୀଳ କକ୍ଷ (GRC), ୨୯ ନଭେମ୍ବର ୨୦୨୫ରେ କାର୍ଯ୍ୟକ୍ଷମ ହୋଇଥିଲା । ବିଶ୍ୱ ୨୦୨୬ ମସିହାରେ ଜାତିସଂଘ ମହିଳା କୃଷକଙ୍କ ଅନ୍ତର୍ଜାତୀୟ ବର୍ଷ ପାଳନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ, ଏହି ମାଇଲଖୁଣ୍ଟ ପୂର୍ବରୁ GRCକୁ କାର୍ଯ୍ୟକ୍ଷମ କରି ଓଡ଼ିଶା ଏକ ସକ୍ରିୟ ପଦକ୍ଷେପ ନେଇ ରାଜ୍ୟକୁ ଅନ୍ତର୍ଭୁକ୍ତ କୃଷି ଶାସନର ଅଗ୍ରଭାଗରେ ସ୍ଥାନିତ କରିଛି । ଏହି ପ୍ରକୋଷ୍ଠ ବିଭାଗ ମଧ୍ୟରେ ଏକ ବିଶ୍ଳେଷଣାତ୍ମକ ଏବଂ ସମନ୍ୱୟ କେନ୍ଦ୍ର ଭାବରେ କାର୍ଯ୍ୟ କରିବ, ଲିଙ୍ଗଗତ-ବିଚ୍ଛିନ୍ନ ତଥ୍ୟ ସୃଷ୍ଟି ଏବଂ ବ୍ୟବହାର, ଲିଙ୍ଗଗତ- ସମ୍ବେଦନଶୀଳ ବଜେଟିଂ ଏବଂ ପ୍ରମାଣ-ଆଧାରିତ ନୀତି ମୂଲ୍ୟାଙ୍କନକୁ ସମର୍ଥନ କରିବ । ଏହା କୃଷି କ୍ଷେତ୍ରରେ ମହିଳା ସଶକ୍ତୀକରଣ ସୂଚକାଙ୍କ (WEAI) ଭଳି ଉପକରଣ ବ୍ୟବହାର କରି ତଦାରଖ, ମୂଲ୍ୟାଙ୍କନ ଏବଂ ଶିକ୍ଷଣ ଢାଞ୍ଚାକୁ ସୁଦୃଢ଼ କରିବା ସହିତ କାର୍ଯ୍ୟକ୍ରମର ଡିଜାଇନ୍ ଏବଂ ସେବା ପ୍ରଦାନରେ ଲିଙ୍ଗଗତ ପାର୍ଥକ୍ୟକୁ ଚିହ୍ନଟ, ମାପ ଏବଂ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ଏବଂ ଆଗଧାଡ଼ିର କର୍ମଚାରୀଙ୍କ କ୍ଷମତା ବୃଦ୍ଧି କରିବ । ଏହି କକ୍ଷ କୃଷି ବିବିଧତା, ଜଳବାୟୁ ସ୍ଥିରତା ଏବଂ ବଜାର ପ୍ରବେଶ ସହିତ ଜଡ଼ିତ ପଦକ୍ଷେପଗୁଡ଼ିକରେ ସମନ୍ୱୟକୁ ସମର୍ଥନ କରିବ ଏବଂ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ ସମେତ ଜ୍ଞାନ ସଂଶ୍ଲିଷ୍ଟ ଅଂଶୀଦାରମାନଙ୍କ ସହ ସହଯୋଗରେ କାର୍ଯ୍ୟ କରିବ, ଯାହା GRCକୁ ବୈଷୟିକ ନେତୃତ୍ୱ ପ୍ରଦାନ କରିବ । ଏହାଦ୍ୱାରା ଏକ ବ୍ୟାପକ ତଦାରଖ, ମୂଲ୍ୟାୟନ ଏବଂ ଶିକ୍ଷଣ (MEL) ଢାଞ୍ଚା ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ପ୍ରମାଣ-ଆଧାରିତ ଯୋଜନା ଏବଂ କାର୍ଯ୍ୟାନ୍ୱୟନକୁ ସମର୍ଥନ କରିବା ପାଇଁ ମାର୍ଗଦର୍ଶନ ଦେବାରେ ସାହାଯ୍ୟ କରିବ ।



# ଜଳବାୟୁ ଅନୁଶୀଳନ କକ୍ଷ (CRC)

 କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗରେ ଜଳବାୟୁ ଅନୁଶୀଳନ କକ୍ଷ (CRC) ଗଠନ କରାଯାଇଛି ଏବଂ ଜଳବାୟୁ ପରିବର୍ତ୍ତନ ଦୃଷ୍ଟିକୋଣରୁ ବିଭାଗୀୟ ଯୋଜନାଗୁଡ଼ିକୁ ଅନୁଶୀଳନ କରିବା ନିମନ୍ତେ ଏହି କକ୍ଷକୁ ସଂସ୍ଥାଗତ କରାଯାଇଛି । ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ଅନୁଷ୍ଠାନ (IFPRI) ଏବଂ ସେଣ୍ଟର ଫର୍ ଷ୍ଟଡି ଅଫ୍ ସାଇନ୍ସ, ଟେକ୍ନୋଲୋଜି ଏବଂ ନୀତି (CSTEP) ଭଳି ଗେଟ୍ସ ଫାଉଣ୍ଡେସନ ସହଭାଗୀଙ୍କ ସହାୟତାରେ CRCକୁ କାର୍ଯ୍ୟକ୍ଷମ କରାଯାଇଛି । ନୀତି ସମନ୍ୱୟ, ଆଲୋଚନା ଏବଂ ମୂଲ୍ୟାଙ୍କନ ପାଇଁ CRC ଅନ୍ତର୍ଜାତୀୟ ଅଂଶୀଦାର ଏବଂ CGIAR ପ୍ରତିଷ୍ଠାନ ସହିତ କାର୍ଯ୍ୟ କରୁଛି । ଏହା ବ୍ୟତୀତ, CRC କୃଷି-ଖାଦ୍ୟ ବ୍ୟବସ୍ଥାକୁ ଅଧିକ ଅନ୍ତର୍ଭୁକ୍ତିକରଣ ଏବଂ ପରିବର୍ତ୍ତିତ ଜଳବାୟୁ ସହନଶୀଳ କରିବା ପାଇଁ ଚାଷୀ ଏବଂ ବିଭାଗୀୟ ଅଧିକାରୀଙ୍କୁ ନୀତି ପୁନର୍ବିଚାର, ସମନ୍ୱୟ ଏବଂ ଦକ୍ଷତା ବୃଦ୍ଧି ଦିଗରେ କାର୍ଯ୍ୟ କରିବା ପାଇଁ ସାହାଯ୍ୟ କରେ ।



# ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (PM-RKVY)

ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (RKVY) ଏକ କେନ୍ଦ୍ରୀୟ ଯୋଜନା, ଯାହାକି ୨୦୦୭ ମସିହାରୁ କାର୍ଯ୍ୟ କରିଆସୁଛି । ୨୦୧୫-୧୬ ମସିହାରୁ, କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଯୋଜନାର ପାଣ୍ଠି ଯୋଗାଣ ଢାଞ୍ଚା ୬୦:୪୦ ଅନୁପାତରେ ପରିବର୍ତ୍ତନ କରାଯାଇଛି । ୨୦୨୨-୨୩ ଆର୍ଥିକ ବର୍ଷରୁ ସାତୋଟି ରାଜ୍ୟ ଯୋଜନା ସହିତ ଏହି ଯୋଜନାକୁ RKVY-କାଫେଟେରିଆ ଯୋଜନା ଭାବରେ ପୁନଃଗଠିତ କରାଯାଇଥିଲା । ପୁଣି ୨୦୨୫-୨୬ ଆର୍ଥିକ ବର୍ଷରୁ, ଦକ୍ଷତା, ସାମର୍ଥ୍ୟ ବୃଦ୍ଧି କରିବା, ଦୋହରୀକରଣକୁ ଏଡ଼ାଇବା, ସମନ୍ୱୟକୁ ସୁନିଶ୍ଚିତ କରିବା ଏବଂ ରାଜ୍ୟ ଯୋଜନାରେ ନମନୀୟତା ପ୍ରଦାନ କରିବା ଦୃଷ୍ଟିକୋଣ ସହିତ ଏହି ସାମୁହିକ ଯୋଜନାକୁ ପ୍ରଧାନମନ୍ତ୍ରୀ-ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (PM-RKVY) ଭାବରେ ନାମିତ କରାଯାଇଛି ଏବଂ ଏହି ଯୋଜନାରେ ସାତୋଟି ରାଜ୍ୟ ସଂଲଗ୍ନ ଯୋଜନା (SLS) ହେଉଛି ।

- RKVY-DPR (ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା - ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଆଧାରିତ)
- କୃଷି ଯାନ୍ତ୍ରିକୀକରଣ ଉପରେ ଉପ ମିଶନ (SMAM)
- ମୃତ୍ତିକା ସ୍ୱାସ୍ଥ୍ୟ ଏବଂ ଉର୍ବରତା (SH&F)
- ପରମ୍ପରାଗତ କୃଷି ବିକାଶ ଯୋଜନା (PKVY)
- PDMC (ପ୍ରତି ବୁନ୍ଦା ଅଧିକ ଫସଲ)
- ବର୍ଷା-ପୁଷ୍ଟ କ୍ଷେତ୍ର ବିକାଶ
- କୃଷି ବନୀକରଣ



ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ, ଭାରତ ସରକାରଙ୍କ ପ୍ରକଳ୍ପ ଅନୁମୋଦନ କମିଟି (PAC) PM-RKVYର ଉପରୋକ୍ତ ସାତଟି SLS ପାଇଁ ୫୦୪.୯ କୋଟି ଟଙ୍କାର ବାର୍ଷିକ କାର୍ଯ୍ୟ ଯୋଜନା (କେନ୍ଦ୍ରୀୟ ଅଂଶ: ୩୦୨.୦୯କୋଟି ଟଙ୍କା + ରାଜ୍ୟ ଅଂଶ: ୨୦୨ କୋଟି ଟଙ୍କା) ଅନୁମୋଦନ କରିଛନ୍ତି । RKVY-DPR ପାଇଁ ବର୍ତ୍ତମାନ ୪୪ଟି ଚାଲୁଥିବା ପ୍ରକଳ୍ପ ବିଭିନ୍ନ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି, ଯାହାର ମୋଟ ପ୍ରକଳ୍ପ ମୂଲ୍ୟ ୩୬୮.୦୮କୋଟି ଟଙ୍କା । ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ RKVY-DPR ପାଇଁ ବଜେଟ ବ୍ୟବସ୍ଥା ୧୫୩.୪୫ କୋଟି ଟଙ୍କା ଏବଂ କେନ୍ଦ୍ରୀୟ ଅଂଶ ୯୨.୦୭ କୋଟି ଟଙ୍କା ବ୍ୟବସ୍ଥିତ ରଖାଯାଇଛି ।




# ମହିଳା ଚାଷୀଙ୍କ ନିରନ୍ତର ପ୍ରଗତିପଥେ ଉଦ୍ୟାନ କୃଷି

## ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ

ଓଡ଼ିଶାର ଉଦ୍ୟାନ କୃଷି କ୍ଷେତ୍ରରେ ମହିଳାମାନେ ଅମଳ ପରବର୍ତ୍ତୀ କାର୍ଯ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ନର୍ସରୀ ପ୍ରସ୍ତୁତି, ଚାରା ରୋପଣ, କୋଡାଖୁସା, ଅମଳ, ବର୍ଗୀକରଣ, ସଂରକ୍ଷଣ ଏବଂ ବିପଣନ ଭଳି କାର୍ଯ୍ୟକଳାପରେ ପ୍ରମୁଖ ଅଂଶଗ୍ରହଣ କରିଥାନ୍ତି । ମହିଳା ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ପନିପରିବା, ମସଲା, ଓ ଫଳ ଚାଷରେ ଅଂଶଗ୍ରହଣ କରି ଉତ୍ପାଦନରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି, ଯାହା ମିଳିତ ଭାବରେ ରାଜ୍ୟରେ ଉଦ୍ୟାନ କୃଷିକ୍ଷେତ୍ର ସଂପ୍ରସାରଣରେ ସାହାଯ୍ୟ କରିଥାଏ । ନିର୍ଦ୍ଦିଷ୍ଟ ମିଶନଗୁଡ଼ିକ ଉଦ୍ୟାନ କୃଷି ବିକାଶରେ ମହିଳାମାନଙ୍କ ଅଂଶଗ୍ରହଣକୁ ଆହୁରି ବୃଦ୍ଧି କରିଛି । ରାଜ୍ୟରେ ୨୦୨୪-୨୫ ଆର୍ଥିକ ବର୍ଷରେ ୭.୮୯ ଲକ୍ଷ ହେକ୍ଟର ପନିପରିବା, ୩.୭୪ ଲକ୍ଷ ହେକ୍ଟର ଫଳ ଚାଷ ପାଇଁ ଏବଂ ୨.୨୬ ଲକ୍ଷ ହେକ୍ଟର ମସଲା ଚାଷ କରାଯାଇଅଛି ।

ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ନିକଟ ଅତୀତରେ କ୍ଷେତ୍ର ସଂପ୍ରସାରଣ ଏବଂ ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବା ଉପରେ ଧ୍ୟାନ ଦେଇ ବିଭିନ୍ନ ମିଶନ୍ ପ୍ରସ୍ତୁତ କରିଅଛି । କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକ ମଧ୍ୟରେ ସମନ୍ୱିତ ଉଦ୍ୟାନ କୃଷି ବିକାଶ ମିଶନ୍ (MIDH-NHM), ପ୍ରତି ଜଳ ବୁନ୍ଦା-ଅଧିକ ଫସଲ (Per Drop More Crop-PDMC) ଏବଂ ଜାତୀୟ ଖାଇବା ତେଲ ମିଶନ – ତାଳ ତେଲ (National Mission on Edible Oil – Oil palm) (NMEO-OP) ଅନ୍ତର୍ଭୁକ୍ତ । ରାଜ୍ୟସରକାରଙ୍କ ଦ୍ୱାରା ପଣସ ମିଶନ୍, ଫୁଲ ଚାଷ ମିଶନ୍, ଛତୁ ମିଶନ୍ ଏବଂ ମସଲା ମିଶନ୍ କାର୍ଯ୍ୟକାରୀ ହେଉଅଛି ।

କୃଷକ ଉତ୍ପାଦକ ସଂଗଠନ, ବିଭିନ୍ନ କୃଷକ ଉତ୍ପାଦକ ଗୋଷ୍ଠୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ (WSHG) ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା କୃଷକ ଉତ୍ପାଦକ ସଂଗଠନ ପାଇଁ ସହାୟତା, ଉଦ୍ୟାନ କୃଷିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ନିମନ୍ତେ ଉଦ୍ୟୋଗୀତାକୁ ପ୍ରୋତ୍ସାହନ ଏବଂ ଉଦ୍ୟାନ କୃଷିରେ ଅମଳ ପରବର୍ତ୍ତୀ ପରିଚାଳନା ଏବଂ ବିପଣନ ପାଇଁ ଯୋଜନା କାର୍ଯ୍ୟକାରୀ କରାଯାଉଅଛି ।

# ଓଡ଼ିଶାରେ ଆଳୁ ଚାଷକୁ ପ୍ରୋତ୍ସାହନ

ଆଳୁ ଓଡ଼ିଶାରେ ଏକ ପ୍ରମୁଖ ପରିବା, କିନ୍ତୁ ଓଡ଼ିଶା ପଡ଼ୋଶୀ ରାଜ୍ୟରୁ ଅଧିକାଂଶ ଆଳୁ ଆମଦାନୀ କରିଥାଏ । ୨୦୨୪-୨୫ ଆର୍ଥିକ ବର୍ଷରେ ୧,୭୫,୪୩୯ କ୍ୱିଣ୍ଟାଲ ପ୍ରାମାଣିକ ଆଳୁ ବିହନ ରିହାତି ଦରରେ ବଣ୍ଟନ କରାଯାଇ ୧୩,୩୪୬ ହେକ୍ଟର ଆଳୁ ଚାଷ ନିମନ୍ତେ ସମସ୍ତ ୩୦ଟି ଜିଲ୍ଲାକୁ ସହାୟତା ପ୍ରଦାନ କରାଯାଇଅଛି, ଯାହା ପୂର୍ବ ବର୍ଷ ତୁଳନାରେ ୩ ଗୁଣ ।





୨୦୨୫-୨୬ ଆର୍ଥିକ ବର୍ଷରେ, କୋରାପୁଟ, କନ୍ଧମାଳ ଏବଂ ରାୟଗଡ଼ା ଭଳି ଜିଲ୍ଲାଗୁଡ଼ିକରେ ୫୮,୪୩୧ କ୍ୱିଣ୍ଟାଲ ଉଚ୍ଚ ଉତ୍ପାଦନକ୍ଷମ ପ୍ରଜାତିର ପ୍ରମାଣିକ ଆଳୁ ବିହନ ଯୋଗାଇ ୩,୮୯୫ ହେକ୍ଟର ଜମିରେ ଖରିଫ ଆଳୁ ଚାଷ କରାଯାଇଅଛି ଏବଂ ରବି ଋତୁରେ ୧୨,୫୫୯ ହେକ୍ଟର ଜମିରେ ଆଳୁ ଚାଷ କରାଯିବା ନିମନ୍ତେ ୧,୮୮,୪୩୨ କ୍ୱିଣ୍ଟାଲ କୁଫ୍ରି ଜ୍ୟୋତି, କୁ. ପୋଖରାଜ, କୁ. ହିମାଳିନୀ, କୁ. ମୋହନ, କୁ. ଖ୍ୟାତି, କୁ.ଉଦୟ ଭଳି ଉଚ୍ଚ ଅମଳକ୍ଷମ ଆଳୁ ବିହନ ଯୋଗାଣ କରାଯାଇଅଛି ।

# ଓଡ଼ିଶାର ଶୀତଳଭଣ୍ଡାର ନୀତି

ରାଜ୍ୟ ସରକାର ଶୀତଳ ଭଣ୍ଡାର ସୁବିଧା ଏବଂ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ, ୫୮ଟି ଉପ-ଖଣ୍ଡରେ, ଅତି କମ୍‌ରେ ଗୋଟିଏ ଲେଖାଏଁ ଶୀତଳଭଣ୍ଡାର ସ୍ଥାପନ କରିବା ପାଇଁ ଏକ ନୂତନ ଶୀତଳଭଣ୍ଡାର ନୀତି ପ୍ରଣୟନ କରିଛନ୍ତି, ଯାହାର ଉଦ୍ଦେଶ୍ୟ ହେଉଛି, କୃଷି, ଉଦ୍ୟାନ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଉତ୍ପାଦ ସାମଗ୍ରୀର ପ୍ରକ୍ରିୟାକରଣ ଦ୍ୱାରା ମୂଲ୍ୟ-ସଂଯୋଜନ କରି ଉତ୍ତମ ବଜାର ସୁଯୋଗ, ମୂଲ୍ୟ ବୃଦ୍ଧି ଏବଂ ପ୍ରକ୍ରିୟାକରଣ ପ୍ରଦାନ ଦ୍ୱରା କୃଷକଙ୍କ ଆୟ ବୃଦ୍ଧି କରିବା, ଅମଳ ପରବର୍ତ୍ତୀ କ୍ଷତି ହ୍ରାସ କରିବା ଏବଂ ଅମଳ ହୋଇଥିବା ଫସଲର ଅଭାବି ବିକ୍ରୟକୁ ରୋକିବା ।

ଏହି ଯୋଜନାରେ, ନୂତନ ଶୀତଳଭଣ୍ଡାର ନିର୍ମାଣ, ସୁଧ ପରିଶୋଧ, କାର୍ଯ୍ୟକାରୀ ପୁଞ୍ଜି ସହାୟତା, ବିଦ୍ୟୁତ ଶୁଳ୍କ ସବସିଡି ଏବଂ ଅଚଳ ଶୀତଳଭଣ୍ଡାରର ପୁନଃଉଦ୍ଧାର ପାଇଁ ଉଦ୍ୟୋଗୀମାନଙ୍କୁ ପୁଞ୍ଜି ନିବେଶ ନିମନ୍ତେ ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା ଅଛି । ଶୀତଳଭଣ୍ଡାର ସମ୍ବନ୍ଧୀୟ ନୂତନ ପ୍ରଯୁକ୍ତିବିଦ୍ୟା ବିଷୟରେ ଭଲ ଭାବରେ ବୁଝିବା ପାଇଁ ଓ ସେଠାରେ ଥିବା ଶୀତଳ ଭଣ୍ଡାର ସୁବିଧାଗୁଡ଼ିକର ସମୀକ୍ଷା କରିବା ପାଇଁ ଉଦ୍ୟୋଗୀମାନଙ୍କ ପାଇଁ ତିନୋଟି ବାହାର ରାଜ୍ୟକୁ ପରିଦର୍ଶନ ନିମନ୍ତେ ପଠା ଯାଇଅଛି ।

୧୩ ଡିସେମ୍ବର, ୨୦୨୫ରେ ସରକାରୀ ସଂଗଠନ, ଶୀତଳଭଣ୍ଡାର ସଂଘ ଏବଂ ହିତାଧିକାରୀ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ହିତାଧିକାରୀ ଏବଂ ଉଦ୍ୟାନ କୃଷି ସାମଗ୍ରୀ ପ୍ରଦର୍ଶକ, ଇତ୍ୟାଦିଙ୍କ ପ୍ରତିନିଧି ଏବଂ ଅଂଶଗ୍ରହଣକାରୀଙ୍କୁ ନେଇ ଏକ ଶୀତଳଭଣ୍ଡାର ସମ୍ମିଳନୀର ଆୟୋଜନ କରାଯାଇଥିଲା ।

ଏହି ଯୋଜନା ଅଧୀନରେ ଜାନୁୟାରୀ, ୨୦୨୬ ପର୍ଯ୍ୟନ୍ତ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ୯ ଜଣ ଉଦ୍ୟୋଗୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି ।



# ଓଡ଼ିଶାରେ ପାମ୍ ତେଲର ପ୍ରୋତ୍ସାହନ ଏବଂ ବିକାଶ

ରାଜ୍ୟରେ, ୨୦୦୬-୦୭ ଆର୍ଥିକ ବର୍ଷରୁ ବିଭିନ୍ନ ଯୋଜନା ଅଧୀନରେ ତାଳତେଲ (oil palm) ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ସମ୍ପ୍ରତି ଜାତୀୟ ଖାଦ୍ୟ ତେଲ ମିଶନ – ତାଳତେଲ (NMEO-OP) ଅଧୀନରେ ପାମ୍ ତୈଳ ଚାଷକୁ ପ୍ରୋତ୍ସାହିତ କରାଯାଉଛି ।



ରାଜ୍ୟର ୨୪ଟି ସମ୍ଭାବ୍ୟ ଜିଲ୍ଲାରେ ତାଳତେଲ ବିକାଶ କାର୍ଯ୍ୟକ୍ରମ ପାଇଁ ବିଭାଗ ୧୨ଟି ତାଳତେଲ କମ୍ପାନୀ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ରାଜ୍ୟରେ ୨୦୨୪-୨୫ ଆର୍ଥିକ ବର୍ଷରେ ୨,୬୫୮.୭୪ ହେକ୍ଟର ତାଳତେଲ ଚାଷ କରାଯାଇଛି, ଯାହା ଗତ ୩ ବର୍ଷ ଧରି ବୃଦ୍ଧି ପାଉଛି କାରଣ ରାଜ୍ୟରେ ବଡ଼ ତାଳତେଲ କମ୍ପାନୀକୁ ସାମିଲ କରିବା ପାଇଁ ବିଭାଗ ସକ୍ରିୟ ପଦକ୍ଷେପ ନେଇଛି । ଜାନୁଆରୀ ୨୦୨୬ ସୁଦ୍ଧା ୫,୦୦୧ ହେକ୍ଟର ଜମିରେ କ୍ଷେତ୍ର ସଂପ୍ରସାରଣ କରାଯାଇଛି ।

# ବିଦେଶକୁ ଉଦ୍ୟାନ କୃଷି ଉତ୍ପାଦର ରପ୍ତାନି

ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ମାଧ୍ୟମରେ ଡ୍ରାଗନ ଫଳ, କାଜୁ, ଆମ୍ବ ଏବଂ ବିଭିନ୍ନ ପ୍ରକାରର ପନିପରିବା ସଂଯୁକ୍ତ ଆରବ ଏମିରେଟ୍ସ (UAE) ପରି ମଧ୍ୟ-ପ୍ରାଚ୍ୟ ଦେଶଗୁଡ଼ିକୁ ରପ୍ତାନି କରାଯାଇଅଛି । ମାଲେସିଆ ଏବଂ ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡ଼ିକ ସହିତ ବଢୁଥିବା ସଂଯୋଗୀକରଣ ଯୋଗୁଁ ଆଗାମୀ ଦିନରେ ରପ୍ତାନି କ୍ଷମତା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

ମଇ ୨୦୨୪ଠାରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱର ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, କୋଲକାତା ବିମାନବନ୍ଦର ମାଧ୍ୟମରେ ୧୫୫.୬ ମେଟ୍ରିକ ଟନ୍ ଉଦ୍ୟାନ କୃଷିଜାତ ଦ୍ରବ୍ୟ ୟୁରୋପ ଏବଂ ମଧ୍ୟ-ପ୍ରାଚ୍ୟର ୧୦ଟି ଦେଶ (ବ୍ରିଟେନ, ଫ୍ରାନ୍ସ, ବେଲଜିୟମ, ସ୍ୱିଡେନ, ପୋଲାଣ୍ଡ, ଆୟର୍ଲାଣ୍ଡ, ଇଟାଲୀ, ଜର୍ମାନୀ, ୟୁଏଇ ଏବଂ କତାର)କୁ ରପ୍ତାନି କରାଯାଇଛି । ଓଡ଼ିଶାର ୧୩ଟି ଜିଲ୍ଲାର ୩୩ଟି କୃଷି ଉତ୍ପାଦକ ସଂଗଠନ (FPOs) ଠାରୁ ସଂଗ୍ରହ କରାଯାଇଅଛି । ସମୁଦାୟ ରପ୍ତାନି ମଧ୍ୟରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୧୧୭ ମେଟ୍ରିକ ଟନ୍ ଆମ୍ବ ଏବଂ ତାଜା ପନିପରିବା ବିଦେଶକୁ ପଠାଯାଇଛି ।

ଢେଙ୍କାନାଳ, କନ୍ଧମାଳ, କୋରାପୁଟ, କଳାହାଣ୍ଡି, ବଲାଙ୍ଗିର ଇତ୍ୟାଦି ଜିଲ୍ଲାଗୁଡ଼ିକ ଡ୍ରାଗନ ଫଳ, ଆମ୍ବ, ରସୁଣ, କଞ୍ଚା ଅମୃତଭଣ୍ଡା ଏବଂ ପନିପରିବା ରପ୍ତାନି ନିମନ୍ତେ ରପ୍ତାନିକାରୀଙ୍କର ପ୍ରଥମ ପସନ୍ଦ ସାଜିଛି ।



ଚଳିତ ବର୍ଷ ପ୍ରଥମ ଥର ପାଇଁ, Villa Mart Private Limited ନାମକ ଏକ କୃଷି ବ୍ୟବସାୟ ଷ୍ଟାର୍ଟଅପକୁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି । ଯାହା ଘରୋଇ ସଂସ୍ଥାଗୁଡ଼ିକ ସହିତ ମିଶି ବିଶ୍ୱ ବଜାରକୁ ଓଡ଼ିଶାର ଉଦ୍ୟାନ କୃଷିଜାତ ଦ୍ରବ୍ୟ ପହଞ୍ଚାଇବା ପାଇଁ ଏକ ନୂତନ ମାର୍ଗ ସୃଷ୍ଟି କରିଛି ।




# ଫଳ ବଗିଚା ପ୍ରତିଷ୍ଠା ଏବଂ ଗୁଣାତ୍ମକ ଫଳ ଚାରା ଉତ୍ପାଦନରେ ଆତ୍ମନିର୍ଭରତା

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଫଳ ବଗିଚା ପ୍ରତିଷ୍ଠା ଏବଂ ଗୁଣାତ୍ମକ ଫଳ ଚାରା ଉତ୍ପାଦନରେ ଆତ୍ମନିର୍ଭରଶୀଳତାକୁ ସକ୍ରିୟ ଭାବରେ ସୁଦୃଢ଼ କରୁଛି । ରାଜ୍ୟରେ ଥିବା ବିଭାଗୀୟ ଫାର୍ମ ଏବଂ ନର୍ସରୀଗୁଡ଼ିକ ଆମ୍ବ, କାଜୁ, ଗୁଆ, କମଳା, ଲିଚୁ, ଲେମ୍ବୁ, ସପେଟା ଏବଂ ନଡ଼ିଆ ଭଳି ପ୍ରମୁଖ ଫଳ ଗୁଡ଼ିକର ଉଚ୍ଚମାନର ଗୁଣାତ୍ମକ ଫଳ ଚାରା ପ୍ରସ୍ତୁତି ପାଇଁ ପ୍ରମୁଖ ଉତ୍ପାଦନ କେନ୍ଦ୍ର ଭାବରେ କାର୍ଯ୍ୟ କରୁଛି । ଏହା ବ୍ୟତୀତ, ୬୦ଟି ପଞ୍ଜିକୃତ ବେସରକାରୀ ଫଳ ନର୍ସରୀ ଚାରା ଉତ୍ପାଦନରେ ନିୟୋଜିତ ଅଛନ୍ତି ।

ଭବିଷ୍ୟତର ବଜାର ଚାହିଦା ପୂରଣ କରିବା, ନୂତନ ଏବଂ ଉନ୍ନତ କିସମର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ, ବିଭାଗୀୟ ଫାର୍ମଗୁଡ଼ିକରେ ଡ୍ରାଗନ ଫଳ, ଆପଲ ବେରୀ, ସୀତା ଫଳ ପରି ଫସଲର ମା' ଗଛ ବ୍ଲକ ପ୍ରତିଷ୍ଠା କରାଯାଇଛି । ଉତ୍ପାଦିତ ଗୁଣାତ୍ମକ ଫଳ ଚାରାଗୁଡ଼ିକ ବିଭିନ୍ନ ବିଭାଗୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ସାଧାରଣ ବିକ୍ରୟ ପାଇଁ ଯୋଗାଇଦିଆଯାଇଥାଏ । ୨୦୨୫-୨୬ ବର୍ଷରେ, 'ମା ପାଇଁ ଗଛଟିଏ' ପଦକ୍ଷେପ ଅଧୀନରେ ପ୍ରାୟ ୨୩ ଲକ୍ଷ ଫଳ ଚାରା ମାଗଣାରେ ବଣ୍ଟନ କରାଯାଇଥିଲା । ଏହା ବ୍ୟତୀତ, ବିଭାଗୀୟ ଫାର୍ମଗୁଡ଼ିକରେ ଉତ୍ପାଦିତ ଫଳ ଚାରା ବ୍ୟବହାର କରି ସମନ୍ୱିତ ଉଦ୍ୟାନକୃଷି ମିଶନ ଏବଂ ସ୍ୱତନ୍ତ୍ର ଫଳ ନିର୍ଦ୍ଦିଷ୍ଟ ଯୋଜନା ଅଧୀନରେ ୪୦୦୦ ହେକ୍ଟର ଜମିରେ ଫଳ ବୃକ୍ଷ ରୋପଣ କରଯାଇଅଛି ।



# ମସଲା ମିଶନ

ରାଜ୍ୟରେ ଉତ୍ପାଦିତ ସମସ୍ତ ପ୍ରକାରର ମସଲାର ସମନ୍ୱିତ ବିକାଶ କରିବା, ଜାତୀୟ ଏବଂ ଅନ୍ତର୍ଜାତୀୟ ବଜାରରେ ମସଲାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ମସଲା ମିଶନ ଆରମ୍ଭ କରାଯାଇଛି । ରାଜ୍ୟରେ ମସଲା ଚାଷ କ୍ଷେତ୍ରକୁ ଦ୍ୱିଗୁଣିତ କରିବା ଏବଂ ଚାଷୀମାନଙ୍କ ମଧ୍ୟରେ ଏହି ଚାଷକୁ ଲୋକପ୍ରିୟ କରିବା - ମସଲା ମିଶନର ମୂଳ ଲକ୍ଷ୍ୟ । ରାଜ୍ୟ ଯୋଜନା ଅନ୍ତର୍ଗତ ଆଳୁ, ପନିପରିବା ଏବଂ ମସଲା ଉନ୍ନୟନ ଯୋଜନାରେ ମସଲା ଚାଷର ପ୍ରଚାର ପ୍ରସାର ପାଇଁ ୪୦% ସହାୟତା ଯୋଗାଇ ଦିଆଯାଉଛି । ଏହି ଯୋଜନା ମାଧ୍ୟମରେ ମସଲା ପାଇଁ ଫସଲ ବିବିଧତା, ମସଲା ଚାଷର କ୍ଷେତ୍ର ବିସ୍ତାର ଏବଂ କୃଷକଙ୍କ ଆୟ ବୃଦ୍ଧି ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖାଯାଇଛି ।



୨୦୨୫-୨୬ ବର୍ଷ ଖରିଫ ଋତୁରେ ୨୨,୧୬୮ ହେକ୍ଟର ଜମିରେ ପିଆଜ, ଲଙ୍କା, ଧନିଆ, ଗୋଲମରିଚ, ହଳଦୀ, ଅଦା, ମେଥି ଇତ୍ୟାଦି ମସଲା ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଇଛି ଏବଂ ରବି ଋତୁରେ ଅତିରିକ୍ତ ୯,୨୮୦ ହେକ୍ଟର ଜମିରେ ମସଲା ଚାଷ ପାଇଁ ପ୍ରୋତ୍ସାହନ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଛି ।

# ଓଡ଼ିଶା ପଣସ ମିଶନ

ଓଡ଼ିଶା ପଣସ ମିଶନ ଏକ ମୁଖ୍ୟ କାର୍ଯ୍ୟକ୍ରମ, ଯାହା ରାଜ୍ୟର ୧୧ଟି ମନୋନୀତ ଜିଲ୍ଲା (ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ, କନ୍ଧମାଳ, ଗଜପତି, ସୁନ୍ଦରଗଡ଼, ଅନୁଗୁଳ, ବଲାଙ୍ଗିର, ବରଗଡ଼)ର ୫୯ଟି ବ୍ଲକରେ କାର୍ଯ୍ୟକାରୀ କରାଯାଉଅଛି । ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ହେଉଛି - ପଣସ ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ପଣସରୁ ପ୍ରକ୍ରିୟାକୃତ ଉତ୍ପାଦର ବିପଣନ ପାଇଁ ଓଡ଼ିଶା ପଣସ ବ୍ରାଣ୍ଡର ବିକାଶ କରିବା ।

କୋରାପୁଟ, କେନ୍ଦୁଝର ଏବଂ କନ୍ଧମାଳରେ ତିନୋଟି ଟେକ୍ନୋ ଇନକ୍ୟୁବେସନ୍ ସେଣ୍ଟର (TIC) ପ୍ରତିଷ୍ଠା କରାଯାଇଛି । ORMAS ସହିତ ସହଭାଗୀତାରେ ବାଣିଜ୍ୟିକ ସ୍ତରରେ ତିନୋଟି ଟିଆଇସି (TIC) ରେ ପ୍ରକ୍ରିୟାକୃତ ଉତ୍ପାଦ ଉତ୍ପାଦନ କରାଯିବ ।

ଟେକ୍ନୋ ଇନକ୍ୟୁବେସନ୍ ସେଣ୍ଟର (TIC) ନିମନ୍ତେ ତାଲିମ ପ୍ରଦାନ, ବାଣିଜ୍ୟ ସୁଯୋଗ ସୃଷ୍ଟି, ମୂଲ୍ୟ ସଂଯୋଜନ ପରେ ପୁନଃ କ୍ରୟ, ବ୍ୟବସ୍ଥା ସହିତ ଓଡ଼ିଶାରେ ପଣସ ଶିଳ୍ପକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ କୃଷି କର୍ପୋରେଟମାନଙ୍କ ସହିତ ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ।

୨୦୨୫ -୨୬ ଆର୍ଥିକ ବର୍ଷରେ, ଜାତୀୟ ଉଦ୍ୟାନ କୃଷି ମିଶନ (NHM) ଯୋଜନାରେ ପଣସର କ୍ଷେତ୍ର ସମ୍ପ୍ରସାରଣ କାର୍ଯ୍ୟକ୍ରମରେ ୧୭୦ ହେକ୍ଟର ଜମିରେ ତାମିଲନାଡୁର PLR-1 ପରି ଉନ୍ନତ କିସମର ପଣସ ଲଗାଯାଇଛି ।

ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ମହାରାଷ୍ଟ୍ରର ରତ୍ନଗିରିରେ ଥିବା Jackfruitking Agro Producer Pvt. Ltd. ପରିଦର୍ଶନ କରି ପଣସ ପ୍ରକ୍ରିୟାକରଣରେ ଉନ୍ନତ ପଦକ୍ଷେପଗୁଡ଼ିକର ଅଧ୍ୟୟନ କରିଥିଲେ ଏବଂ ଓଡ଼ିଶା ପାଇଁ ସର୍ବୋତ୍ତମ ପଦକ୍ଷେପଗୁଡ଼ିକୁ ଚିହ୍ନଟ କରିଥିଲେ । ଏହି ଗସ୍ତ ସମୟରେ, ଓଡ଼ିଶାର କୃଷକ ଉତ୍ପାଦକ ସଂଗଠନ (FPO) ପାଇଁ ବିବିଧ ଉତ୍ପାଦର ପୋର୍ଟଫୋଲିଓ, ସମନ୍ୱିତ ପ୍ରକ୍ରିୟାକରଣ ଭିତ୍ତିଭୂମି, ବ୍ରାଣ୍ଡିଂ ପଦକ୍ଷେପ ଏବଂ ବଜାର ସଂଯୋଗ ବ୍ୟବସ୍ଥାକୁ କିପରି ଗ୍ରହଣ କରାଯାଇପାରିବ ତାହା ବୁଝିବା ଉପରେ ଧ୍ୟାନ ଦିଆଯାଇଥିଲା ।



# ଛତୁ ମିଶନ ଏବଂ ଫୁଲ ଚାଷ ମିଶନ

ରାଜ୍ୟ ଯୋଜନା ଅନ୍ତର୍ଗତ "କୃଷି କ୍ଷେତ୍ରରେ ମହିଳାଙ୍କ ସଶକ୍ତିକରଣ - ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଉଦ୍ୟୋଗୀକରଣ ପ୍ରୋତ୍ସାହନ" ଅଧୀନରେ ଛତୁ ଏବଂ ଫୁଲ ଚାଷ ମିଶନ କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଯଥାକ୍ରମେ ୭୦ ଏବଂ ୮୦% ରିହାତି ଦେବାର ବ୍ୟବସ୍ଥା ରହିଛି ।

୨୦୨୪-୨୫ ବର୍ଷରେ ଛତୁ ଉତ୍ପାଦନ ୩୫,୬୭୩ ମେଟ୍ରିକ ଟନକୁ ବୃଦ୍ଧି ପାଇଛି । ଛତୁ ଉତ୍ପାଦନରେ ସାରା ଦେଶରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି । ଏହି ବର୍ଷ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ମାଧ୍ୟମରେ ୩୫୪ଟି ପାଳ ଛତୁ ଓ ଧିଙ୍ଗିରି (ଓଏଷ୍ଟର) ଛତୁ ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ, ୯୭୦୦ଟି ଛତୁ ୟୁନିଟ୍ ଓ ୪୯୪ ଗୋଟି ସ୍ୱଳ୍ପ ମୂଲ୍ୟର ଛତୁ ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯାଇଅଛି । ୪୦୦୦ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ରାଜ୍ୟ ଭିତରେ ଏବଂ ରାଜ୍ୟ ବାହାରେ ପ୍ରଶିକ୍ଷଣ ଓ କ୍ଷେତ୍ର ପରିଦର୍ଶନ ପାଇଁ କାର୍ଯ୍ୟକ୍ରମ ରହିଅଛି ।

ଫୁଲ ଚାଷ ମିଶନର ମୁଖ୍ୟ ଲକ୍ଷ୍ୟ ହେଉଛି, ଓଡ଼ିଶାକୁ ତିନି ବର୍ଷ ମଧ୍ୟରେ ଝରାଫୁଲ (loose flowers) ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ଏବଂ ପରବର୍ତ୍ତୀ ସମୟରେ ରାଜ୍ୟକୁ ଏକ ପ୍ରମୁଖ ଫୁଲ ରପ୍ତାନିକାରୀ ରାଜ୍ୟ ଭାବେ ଗଢି ତୋଳିବା । ୨୦୨୫-୨୬ ଆର୍ଥିକ ବର୍ଷରେ, ମିଶନ ଅଧୀନରେ ୯.୧ ହେକ୍ଟର ଜମିରେ କଟା ଫୁଲ (ଡେମ୍ଫ ଥିବା ଫୁଲ) ଚାଷ, ୭.୧୩ ହେକ୍ଟର କନ୍ଦ ଜାତୀୟ ଫୁଲ (Bulbous flower) ଚାଷ ଏବଂ ୫୫୫.୪୩ ହେକ୍ଟର ଝରା ଫୁଲ (Loose flower) ଇତ୍ୟାଦି ଚାଷ କରିବାର କାର୍ଯ୍ୟକ୍ରମ ରହିଛି ।



# କୃଷକ ଉତ୍ପାଦକ ସଂଗଠନ (FPOs)

୨୦୨୪-୨୫ ଆର୍ଥିକ ବର୍ଷରେ ୨୯ଗୋଟି ଜିଲ୍ଲାର ପ୍ରାୟ ୨୨୭ଗୋଟି କୃଷକ ଉତ୍ପାଦକ ସଂଗଠନ, ମହାରାଷ୍ଟ୍ରର ସହ୍ୟାଦ୍ରି ଫାର୍ମକୁ କ୍ଷେତ୍ର ପରିଦର୍ଶନ (Exposure Visit)ରେ ଯାଇ ଅଭିଜ୍ଞତା ହାସଲ କରିଛନ୍ତି । ୧୫ଟି ଜିଲ୍ଲାର ୧୨୩ ଗୋଟି କୃଷକ ଉତ୍ପାଦକ ସଂଗଠନର ପ୍ରତିନିଧିମାନେ "ଦକ୍ଷତା ବୃଦ୍ଧି ମଡ୍ୟୁଲ-୨" (Capacity Building Module-2) ଅଧୀନରେ 3 ଦିନିଆ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକ ମଣ୍ଡଳୀ (BOD) ଏବଂ CEO ମାନଙ୍କ ମଧ୍ୟରେ କୃଷି ଅର୍ଥନୀତି ପାଇଁ ନେତୃତ୍ୱ ନେବାର ଦକ୍ଷତା ବୃଦ୍ଧି କରିବା ।

୨୦୨୫-୨୬ ବର୍ଷ ପାଇଁ ରାଜ୍ୟ ଯୋଜନା "କୃଷକ ଉତ୍ପାଦକ ସଂଗଠନ ସହାୟତା" ଅଧୀନରେ ୨୫୦ଟି କୃଷକ ଉତ୍ପାଦକ ସଂଗଠନକୁ ବ୍ୟବସାୟିକ ଯୋଜନା ପ୍ରସ୍ତୁତି, ବିପଣନ (Marketing), ଆର୍ଥିକ ସୁବିଧା ଏବଂ ପ୍ରଶିକ୍ଷଣ କ୍ଷେତ୍ରରେ ସହାୟତା ପ୍ରଦାନ କରାଯିବ । FPOମାନଙ୍କୁ ସାମଗ୍ରୀ ସଂଗ୍ରହ, ମୂଲ୍ୟ ସଂଯୋଜନ (Value Addition) ଏବଂ ରପ୍ତାନି ବଜାର ସହିତ ଯୋଡିବା ପାଇଁ ବିଭିନ୍ନ କୃଷି-କର୍ପୋରେଟ ସଂସ୍ଥା ସହିତ ୮୦ଗୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ପୋର୍ଟାଲ ଏବଂ ତାଲିମ ସୂଚନା: ବର୍ତ୍ତମାନ ସୁଦ୍ଧା FPO ଓଡିଶା ପୋର୍ଟାଲ୍ (www.fpoodisha.nic.in)ରେ ୯୩୩ଟି କୃଷକ ଉତ୍ପାଦକ ସଂଗଠନ ଏବଂ ୨୨୩ ଜଣ ବ୍ୟବସାୟୀ ପଞ୍ଜୀକୃତ ହୋଇଛନ୍ତି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ (OUAT)ରେ ପ୍ରତିଷ୍ଠିତ ଶ୍ରେଷ୍ଠତା କେନ୍ଦ୍ର (Centre of Excellence) ମାଧ୍ୟମରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ୪୦୦ରୁ ଅଧିକ କୃଷକ ଉତ୍ପାଦକ ସଂଗଠନ ଏବଂ ୪୫୦୦ରୁ ଅଧିକ ପ୍ରତିନିଧିଙ୍କୁ ସାମିଲ କରାଯାଇଛି ।



# କୃଷି ଉତ୍ପାଦନ କ୍ଲଷ୍ଟର (APC)

ଓଡ଼ିଶାର ୧୭ଟି ଜିଲ୍ଲାର ୧୦୦ଟି ବ୍ଲକରେ କୃଷି ଉତ୍ପାଦନ କ୍ଲଷ୍ଟର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଅଛି, ଯାହାର ଲକ୍ଷ୍ୟ ହେଉଛି ୩,୮୩,୦୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଚାଷୀଙ୍କୁ ସଶକ୍ତ କରିବା । ବ୍ଲକଗୁଡିକରେ ଥିବା କ୍ଲଷ୍ଟରରେ ମହିଳା ଚାଷୀଙ୍କ ଜୀବିକା ପାଇଁ ଆବଶ୍ୟକ ଜୀବିକା ଭିତ୍ତିଭୂମି ଏବଂ ଅନୁଷ୍ଠାନ ଗଠନ ନିମନ୍ତେ ସମସ୍ତ ସମ୍ପୃକ୍ତ ସରକାରୀ ବିଭାଗର ଯୋଜନାଗୁଡ଼ିକୁ ସମନ୍ୱିତ (Convergence) କରାଯାଉଛି ।

ଏହି ପ୍ରକଳ୍ପଟି କ୍ଷୁଦ୍ର ଏବଂ ନାମମାତ୍ର ମହିଳା ଚାଷୀମାନଙ୍କୁ ସାମୂହିକକରଣ ଏବଂ ସମନ୍ୱିତ ଉତ୍ପାଦନ ମାଧ୍ୟମରେ ସେମାନଙ୍କର ଆୟକୁ ଦ୍ୱିଗୁଣିତ କରି ସଶକ୍ତ କରିବା ଉପରେ ପର୍ଯ୍ୟବେକ୍ଷିତ । ମହିଳା ଚାଷୀଙ୍କ ଦ୍ୱାରା ଚାଷରୁ ମିଳୁଥିବା ଆୟ ଉପରେ ଉତ୍ତମ ନିୟନ୍ତ୍ରଣ ଏବଂ ଅଧିକାରକୁ



ସୁନିଶ୍ଚିତ କରିବା ମଧ୍ୟ ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ । ସମୁଦାୟ ୨,୯୮,୨୩୪ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ନେଇ ୨,୬୬୨ ଉତ୍ପାଦକ ଗୋଷ୍ଠୀ (PG), ୬୩ ଟି ଉତ୍ପାଦକ କମ୍ପାନୀ (PC) ଗଠନ କରାଯାଇ ଅନୁଷ୍ଠାନଗୁଡିକୁ ମଜବୁତ କରାଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷର, ଖରିଫ ଏବଂ ରବି ଋତୁରେ ୧,୪୫,୩୫୧ଜଣ ମହିଳା ଚାଷୀଙ୍କୁ ନିୟୋଜନ କରି ୪୬,୫୧୫ ହେକ୍ଟର ଜମିରେ ଉଚ୍ଚ-ମୂଲ୍ୟର ଫସଲ ଚାଷ କରାଯାଇଛି । ୧,୦୦,୦୪୨ ଜଣ ଚାଷୀ କୃଷି ଯନ୍ତ୍ରପାତି ବ୍ୟବହାର କରି ଶ୍ରମ ଲାଘବ କୃଷି ପଦ୍ଧତି ଅବଲମ୍ବନ କରିଥିବା ବେଳେ ୪୬,୪୦୬ ଜଣ ମହିଳା ଚାଷୀ ୨୪,୧୭୩ ହେକ୍ଟର ଜମିରେ ଜଳସେଚନ ସୁବିଧା ପାଇଛନ୍ତି ।

୭୨୪ଟି ଅମଳ ପରବର୍ତ୍ତୀ ପରିଚାଳନା କେନ୍ଦ୍ର ମାଧ୍ୟମରେ ବର୍ଗୀକରଣ ଏବଂ ପ୍ୟାକିଙ୍ଗ କରାଯାଇ ୬୩ କୋଟି ଟଙ୍କା ମୂଲ୍ୟର ୧୭,୩୧୧ ମେଟ୍ରିକ ଟନ କୃଷିଜାତ ଦ୍ରବ୍ୟ ବିକ୍ରି କରାଯାଇଛି । ୩୨,୩୩୦ ମହିଳା ଚାଷୀଙ୍କ ଦ୍ୱରା ୧୧,୪୫୦ ହେକ୍ଟର ଜମିରେ ଫଳ ବଗିଚା ସୃଷ୍ଟି କରାଯାଇଛି । ୬୫,୦୫୩ ଜଣ ଚାଷୀଙ୍କ ମାଧ୍ୟମରେ ୧୨,୦୧୮ ହେକ୍ଟର ଜମିରେ ରସାୟନମୁକ୍ତ କୀଟନାଶକ ପରିଚାଳନା ଏବଂ ପୁନଃସୃଜନ କୃଷି (Regenerative Agriculture) ପ୍ରଣାଳୀକୁ ପ୍ରୋତ୍ସାହନ ଦିଆଯାଉଛି ।

# ଉଦ୍ୟାନ କୃଷି କ୍ଷେତ୍ରରେ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ ଓ ଜଳବାୟୁ ସହନଶୀଳ କୃଷି (OIIPCRA)

ଓଡ଼ିଶାର ୧୫ଟି ଜିଲ୍ଲାରେ ଫସଲ ଉତ୍ପାଦନରେ ବୃଦ୍ଧି ଓ ଉତ୍ପାଦକତା କ୍ଷମତା ବଢାଇ କୃଷକଙ୍କୁ ଆତ୍ମନିର୍ଭରଶୀଳ କରାଇବା ପାଇଁ କାର୍ଯ୍ୟକାରୀ କରାଯାଉଅଛି । ଏହି ପ୍ରକଳ୍ପ ଉତ୍ପାଦର ଯୋଗାଣ ଶୃଙ୍ଖଳ ଏବଂ ମୂଲ୍ୟ ଶୃଙ୍ଖଳକୁ ପ୍ରୋତ୍ସାହିତ / ମଜବୁତ କରିବା ପାଇଁ ଉଦ୍ଦିଷ୍ଟ ଯାହା ଦ୍ୱାରା ଉତ୍ପାଦକତା ବଢାଇବା ସହିତ ବଜାର ଚାହିଦା ବୃଦ୍ଧି ହୋଇପାରିବ । ଏହି ପ୍ରକଳ୍ପରେ ସମସ୍ତ କୃଷକ ହିତାଧିକାରୀ ଯେପରିକି-କ୍ଷୁଦ୍ରଏବଂ ନାମମାତ୍ର ଚାଷୀ, ଜଳ ବ୍ୟବହାରକାରୀ ସଂଗଠନ (ପାଣି ପଞ୍ଚାୟତ), ଉତ୍ପାଦକ ସଂଗଠନ (POs) ଏବଂ ଅନ୍ୟାନ୍ୟ କୃଷି-ଉଦ୍ୟୋଗୀ (AEs) ଅନ୍ତର୍ଭୁକ୍ତ ହୋଇପାରିବେ ।



OIIPCRA ପ୍ରକଳ୍ପରେ ଉଦ୍ୟାନ କୃଷି ଅଧୀନରେ ସଙ୍କର ଜାତୀୟ ପନିପରିବା ଚାଷ, ଛତୁ ଚାଷ, ଜିଆଖତ କୁଣ୍ଡ, ପ୍ୟାକିଂ ଗୃହ, ଶୀତଳିକରଣ ଗୃହ, ସବଜୀ କୁଲର, ପିଆଜ ସାଇତା ଗୃହ, ଫଳ ଓ ପନିପରିବା ସଂରକ୍ଷଣ ପ୍ରକଳ୍ପ ଇତ୍ୟାଦି ଦିଆଯିବାର ବ୍ୟବସ୍ଥା ରହିଛି । ସଙ୍କର ଜାତୀୟ ପନିପରିବା ଚାଷର ବୃଦ୍ଧି କରିବା OIIPCRAର ପ୍ରମୁଖ ଲକ୍ଷ୍ୟ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ, ପ୍ରତି ହେକ୍ଟରକୁ ୯୫% ଆର୍ଥିକ ସହାୟତାରେ ୨,୦୦୦ ହେକ୍ଟର ଜମିରେ ସଙ୍କର ଜାତୀୟ ପନିପରିବା ଚାଷ କରାଯିବାର କାର୍ଯ୍ୟକ୍ରମ ରହିଛି ।

OIIPCRA ଅଧୀନରେ ଦେଶ ବାହାରେ ତାଲିମ, ପ୍ରଶିକ୍ଷଣ ଓ ପରିଦର୍ଶନ କାର୍ଯ୍ୟକ୍ରମରେ ବିଭାଗ ତରଫରୁ ୨୦୨୫ ମସିହା ଏପ୍ରିଲ, ୧୯ରୁ ୨୬ ତାରିଖ ପର୍ଯ୍ୟନ୍ତ ମାଲେସିଆରେ "ଉଦ୍ୟାନ କୃଷି, କୃଷି ବ୍ୟବସାୟ, କୃଷି-ପ୍ରକ୍ରିୟାକରଣ, କୃଷି-ମୂଲ୍ୟ ଶୃଙ୍ଖଳା ଏବଂ ଜଳବାୟୁ ପରିବର୍ତ୍ତନ ପ୍ରଶମନ ପଦ୍ଧତି" ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୧୪ ଜଣ ପ୍ରଗତିଶୀଳ ଚାଷୀ ଏବଂ ୧୪ ଜଣ ଅଧିକାରୀଙ୍କୁ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା ।



# ଅଣୁ ଜଳସେଚନ



କେନ୍ଦ୍ରୀୟ ପ୍ରାୟୋଜିତ ଅଣୁ ଏବଂ ସିଞ୍ଚନକାରୀ ଜଳସେଚନ ଯୋଜନା ମାଧ୍ୟମରେ ଉଦ୍ୟାନକୃଷି ଅଧିନରେ ଫଳ, ପନିପରିବା, ଔଷଧୀୟ ବୃକ୍ଷ, ଫୁଲ, ତାଳତେଲ ଚାଷ ଇତ୍ୟାଦି ପାଇଁ ସୁଚିନ୍ତିତ ବ୍ୟବହାର ଅତ୍ୟନ୍ତ ଉପଯୋଗୀ । ଚାଷୀମାନଙ୍କୁ ସମୁଦାୟ ଖର୍ଚ୍ଚର ୭୦% ରୁ ୯୦% ପର୍ଯ୍ୟନ୍ତ ସରକାରୀ ସହାୟତା ଯୋଗାଇ ଦିଆଯାଉଅଛି (ଯଥା FRA ଜମିଧାରୀଙ୍କ ପାଇଁ ୯୦%, SC & ST ହିତାଧିକାରୀଙ୍କ ପାଇଁ ୮୦%, କ୍ଷୁଦ୍ର ଏବଂ ନାମମାତ୍ର ହିତାଧିକାରୀଙ୍କ ପାଇଁ ୭୦% ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କ ପାଇଁ ୬୦%) । ୨୦୧୫-୧୬ ଆର୍ଥିକବର୍ଷଠାରୁ ପ୍ରତି ଜଳ ବୁନ୍ଦା- ଅଧିକ ଫସଲ (PDMC) ଅଧୀନରେ ୧.୮୦ଲକ୍ଷ ହେକ୍ଟର ଜମିରେ ଅଣୁ ଜଳସେଚନ ସ୍ଥାପନର ଲକ୍ଷ୍ୟ ହାସଲ କରାଯାଇଅଛି । ଏହି ଯୋଜନରେ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ୧୫,୩୦୮ ହେକ୍ଟର ଜମିରେ ଅଣୁ ଜଳସେଚନ ସ୍ଥାପନ କରାଯାଇଛି । ଏହି ଯୋଜନା ବର୍ତ୍ତମାନ ନୂତନ ଭାବରେ ବିକଶିତ Go-SUGAM ପୋର୍ଟାଲ୍ ମାଧ୍ୟମରେ DBT ମୋଡ୍‌ରେ କାର୍ଯ୍ୟକାରୀ ହେଉଛି ।

# ଅମଳ ପରବର୍ତ୍ତୀ ପରିଚାଳନା

ଅମଳ ପରବର୍ତ୍ତୀ ପରିଚାଳନା କାର୍ଯ୍ୟକ୍ରମଗୁଡିକ ସମନ୍ୱିତ ଉଦ୍ୟାନ କୃଷି ବିକାଶ ମିଶନ୍ (MIDH-NHM) ଯୋଜନାର ଏକ ମୁଖ୍ୟ ଉପାଦାନ ହିସାବରେ କାର୍ଯ୍ୟକାରୀ କରାଯାଉଛି । ଏହି ଉପାଦାନରେ ମୁଖ୍ୟତଃ ଫାର୍ମରେ ସଂରକ୍ଷଣ ପାଇଁ ପ୍ୟାକିଙ୍ଗ ଗୃହ, ପ୍ରାକ ଶୀତଳୀକରଣ ପ୍ରକଳ୍ପ, ଶୀତଳୀକରଣ ଗୃହ, ଶୀତଳଭଣ୍ଡାର ନିର୍ମାଣ, ଶୀତଳୀକରଣ ଯାନ, ପ୍ରାଥମିକ ଭ୍ରାମ୍ୟମାଣ ପ୍ରକ୍ରିୟାକରଣ ୟୁନିଟ୍, ଫଳ ପକ୍ୱ ଭଣ୍ଡାର, ସ୍ୱଳ୍ପ ମୂଲ୍ୟ ପିଆଜ ସାଇତା ଗୃହ, ସଂରକ୍ଷଣ ୟୁନିଟ୍, ସ୍ୱଳ୍ପ ମୂଲ୍ୟର ପିଆଜ ସଂରକ୍ଷଣ ଗୃହ ଇତ୍ୟାଦି ପ୍ରତିଷ୍ଠା ଅନ୍ତର୍ଭୁକ୍ତ । ସମନ୍ୱିତ ଉଦ୍ୟାନ କୃଷି ବିକାଶ ମିଶନ୍ (MIDH-NHM) ଅଧୀନରେ ସାଧାରଣ ବର୍ଗଙ୍କ କ୍ଷେତ୍ରରେ ୩୫% ସହାୟତା ଏବଂ ଅନୁସୂଚିତ ଅଞ୍ଚଳରେ ୫୦% ସହାୟତା ପ୍ରଦାନ କରାଯାଏ । ଏହା ବ୍ୟତୀତ, ରାଜ୍ୟ ସରକାର ଉଦ୍ୟାନ କୃଷି ମିଶନ ଅଧୀନରେ କୃଷି-ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ପାଇଁ ନିର୍ଦ୍ଦିଷ୍ଟ ଉପାଦାନଗୁଡ଼ିକରେ ଭାରତ ସରକାରଙ୍କ ସହାୟତା ବ୍ୟତୀତ ଅତିରିକ୍ତ ୨୦%-୩୫% ସହାୟତା ପ୍ରଦାନ କରୁଛନ୍ତି ।

୨୦୨୪-୨୫ ଆର୍ଥିକ ବର୍ଷରେ, ସମୁଦାୟ ୧୨୫୦ ଗୋଟି ପ୍ୟାକିଙ୍ଗ ଗୃହ, ପିଆଜ ସାଇତା ଗୃହ, ସଂରକ୍ଷଣ ୟୁନିଟ୍, ବାଷ୍ପୀଭବନକାରୀ ସ୍ୱଳ୍ପ ମୂଲ୍ୟ ବାଷ୍ପୀକରଣ ଶୀତଳ କୋଠରୀ, ଶୀତଳୀକରଣ ଗୃହ ଇତ୍ୟାଦି ନିର୍ମାଣ କରାଯାଇଅଛି । ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ୫୧୨ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି ।



# ରାଜ୍ୟରେ ବିଦେଶୀ ଫଳ ଚାଷ

ସମନ୍ୱିତ ଉଦ୍ୟାନ କୃଷି ବିକାଶ ମିଶନ୍ (MIDH-NHM) ଏବଂ ସ୍ୱତନ୍ତ୍ର ନିର୍ଦ୍ଦିଷ୍ଟ ଉଦ୍ୟାନ କୃଷି ଯୋଜନା ଭଳି ବିଭିନ୍ନ ଯୋଜନା ଅଧୀନରେ ବିଦେଶୀ ଫଳଗୁଡ଼ିକର ଚାଷକୁ ପ୍ରୋତ୍ସାହିତ କରାଯାଉଛି । ଡ୍ରାଗନ୍ ଫଳ, ଆଭୋକାଡୋ, ଷ୍ଟ୍ରବେରି, ପ୍ୟାସନ ଫଳ ଏବଂ ଆପଲ ବରକୋଳି ପରି ଫଳଗୁଡ଼ିକ ପୁଷ୍ଟିକର ଏବଂ ଏହାର ବଜାର ଚାହିଦା ବହୁତ ଅଧିକ ।



# ସ୍ୱତନ୍ତ୍ର ନିର୍ଦ୍ଦିଷ୍ଟ ଉଦ୍ୟାନ ଫସଲ ଯୋଜନା

ସ୍ୱତନ୍ତ୍ର ନିର୍ଦ୍ଦିଷ୍ଟ ଉଦ୍ୟାନ ଫସଲ ଯୋଜନା (Special Horticultural Crop specific scheme) ହେଉଛି ଏକ ରାଜ୍ୟ ଯୋଜନା, ଯାହା ରାଜ୍ୟର ଚାଷୀମାନଙ୍କର ଜୀବିକା ଏବଂ ଆର୍ଥିକ ବିକାଶରେ ଉନ୍ନତି ଆଣିବା ସହିତ ପାରମ୍ପରିକ ଫଳ ଅପେକ୍ଷା ଭଲ ଲାଭ ପାଇବା ପାଇଁ ଉଦ୍ଦିଷ୍ଟ 'ସ୍ୱତନ୍ତ୍ର ନିର୍ଦ୍ଦିଷ୍ଟ ଉଦ୍ୟାନ କୃଷି ଯୋଜନା' ଅଧୀନରେ ଆଭୋକାଡୋ, ଷ୍ଟ୍ରବେରି ଏବଂ ପ୍ୟାସନ ଫଳ ଭଳି ଉଚ୍ଚ ମୂଲ୍ୟର ଫସଲ ଚାଷ ଆରମ୍ଭ କରାଯାଇଛି ।

"ସ୍ୱତନ୍ତ୍ର ନିର୍ଦ୍ଦିଷ୍ଟ ଉଦ୍ୟାନ କୃଷି ଫସଲ ଯୋଜନା"ର ମୂଳ ଉଦ୍ଦେଶ୍ୟ ହେଉଛି ଫଳ ବଗିଚାର ସାମଗ୍ରିକ ବିକାଶ ପାଇଁ ଆବଶ୍ୟକ ୧ରୁ ୩ ବର୍ଷ ପାଇଁ ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବା । ଏହି ଯୋଜନା ଅଧୀନରେ ପ୍ରୋତ୍ସାହିତ ହେଉଥିବା ଫସଲଗୁଡ଼ିକ ହେଉଛି ପାନ, କଦଳୀ, କମଳା, ପିଜୁଳି, ଲିଚୁ, ଡାଳିମ୍ବ, ନଡ଼ିଆ, ସପୁରୀ, ଅମୃତଭଣ୍ଡା, ଷ୍ଟ୍ରବେରି, ପ୍ୟାସନ ଫଳ, ଆଭୋକାଡୋ, ଡ୍ରାଗନ ଫଳ ଇତ୍ୟାଦି ।

୨୦୨୪-୨୫ ବର୍ଷରେ, ୫୪୦ଟି ପାନ ବରଜ (ୟୁନିଟ୍) ପ୍ରତିଷ୍ଠା କରାଯାଇଥିଲା ଏବଂ ୨୪୩୦ ହେକ୍ଟର ଅଞ୍ଚଳରେ ଅନ୍ୟାନ୍ୟ ଫଳ ଚାଷ କରାଯାଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ, ୧୪୦୦ଟି ନୂତନ ପାନ ବରଜ ପ୍ରତିଷ୍ଠା ଏବଂ ୨୨୩୯ ହେକ୍ଟର ଅଞ୍ଚଳରେ ଅନ୍ୟ ଫଳ ଚାଷ ପାଇଁ କାର୍ଯ୍ୟକ୍ରମ ରହିଛି ।



# ଏକ୍ ପେଡ୍ ମା' କେ ନାମ୍ ୨.୦

କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ (DA & FE) ୧୭.୦୯.୨୦୨୫ ତାରିଖରେ "ଏକ ପେଡ୍ ମା' କେ ନାମ୍" ୨.୦ ବିଷୟବସ୍ତୁ ଉପରେ ଚାରାରୋପଣ ଅଭିଯାନ ପାଇଁ ରାଜ୍ୟର ବିଭିନ୍ନ ହିତାଧିକାରୀଙ୍କୁ ଆମ୍ବ, କାଗେଜି ଲେମ୍ବୁ, ଗୁଆ, ନଡ଼ିଆ, ପିଜୁଳି ଏବଂ ପଣସ ଇତ୍ୟାଦି ସମୁଦାୟ ୪୧ ଲକ୍ଷ ଚାରା (୨୩ ଲକ୍ଷ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଏବଂ ୧୮ ଲକ୍ଷ ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ) ତରଫରୁ ମାଗଣା ବଣ୍ଟନ କରାଯାଇଛି ।




# ଉଦ୍ୟାନ କୃଷି ଉତ୍କର୍ଷ କେନ୍ଦ୍ର, ଡେରାସ (CoE)

ଉଦ୍ୟାନ କୃଷି ଉତ୍କର୍ଷ କେନ୍ଦ୍ର, ଡେରାସରେ ସୁରକ୍ଷିତ ଗୃହରେ ଚାଷ ତଥା ଖୋଲା କ୍ଷେତରେ ଫଳ, ପନିପରିବା ଏବଂ ଫୁଲର ହାଇ-ଟେକ୍ ଉତ୍ପାଦନ, ବୁନ୍ଦା ଜଳସେଚନ, ପଲିଥିନ୍ ଆଚ୍ଛାଦନ ଏବଂ ସମନ୍ୱିତ ଖାଦ୍ୟ ପରିଚାଳନା ପ୍ରଣାଳୀ ସହିତ ଉଚ୍ଚ ଶଯ୍ୟାରେ ଚାଷର ସର୍ବୋତ୍ତମ ପ୍ରଣାଳୀର ପ୍ରଦର୍ଶନ କରାଯାଇଛି । ଏଠାରେ ଚାଷୀ, କୃଷି ଉଦ୍ୟୋଗୀ, ଛାତ୍ର ଏବଂ ସମ୍ପ୍ରସାରଣ ଅଧିକାରୀମାନଙ୍କୁ ବିଶ୍ୱ ସ୍ତରରେ ଗୃହୀତ ସର୍ବୋତ୍ତମ ଉଦ୍ୟାନ କୃଷି ପ୍ରଣାଳୀ ଉପରେ ତାଲିମ୍ ପ୍ରଦାନ କରାଯାଏ । ପରିବେଶ ନିୟନ୍ତ୍ରିତ ଗ୍ରୀନ୍ ହାଉସ ଅଣୁ ଜଳସିଞ୍ଚନ ପ୍ରଣାଳୀ ଏବଂ ଫୁଆର ବ୍ୟବସ୍ଥା ସହିତ ଉଚ୍ଚମାନର ସଙ୍କର କିସମ ପନିପରିବା ଏବଂ ସଙ୍କର କିସମ ଅମୃତଭଣ୍ଡା ଚାରା ଉତ୍ପାଦନ କରାଯାଏ । VNR କିସମ ପିଜୁଳି , ଡ୍ରାଗନ ଫଳ , ଆପୁଲ ବରକୋଳି , ଉନ୍ନତ କିସମ ବେଲ,ଆତ, କମ ଥଣ୍ଡା ଆବଶ୍ୟକ କରୁଥିବା ସେଓ ପ୍ରଜାତି ଇତ୍ୟାଦିର ନୂତନ ପିଢ଼ିର ମା ଫଳଗଛ ଏବେ ଆଗ ଧାଡ଼ିର ପ୍ରଦର୍ଶନ କ୍ଷେତ୍ର ଏଠାରେ ପ୍ରତିଷ୍ଠା କରାଯାଇଛି ଏବଂ ଉନ୍ନତ କିସମର ଫଳ ଚାରା ଉତ୍ପାଦନ ପାଇଁ ସିଅନ୍ ବ୍ୟାଙ୍କ ଭାବେ କାମ କରୁଛି ।

୨୦୨୫-୨୬ ଆର୍ଥିକ ବର୍ଷରେ ନଭେମ୍ବର ୨୦୨୫ ଶେଷ ସୁଦ୍ଧା ପ୍ରାୟ ୧୦୦୦ ଜଣଙ୍କୁ ବିଭିନ୍ନ ତାଲିମ୍ ପ୍ରଦାନ କରାଯାଇଛି। ଏହା ବ୍ୟତୀତ, ଉଦ୍ୟାନ କୃଷି ଉତ୍କର୍ଷ କେନ୍ଦ୍ରର ହାଇ-ଟେକ୍ ପନିପରିବା ନର୍ସରୀ (ମାଟିବିହୀନ) ଏବଂ ସର୍ବୋତ୍ତମ ଉଦ୍ୟାନ କୃଷି ପ୍ରଣାଳୀ, ଜଳ ଅମଳ ପୋଖରୀ, ମହୁମାଛି ପାଳନ, ଉଚ୍ଚ ଘନତା ବିଶିଷ୍ଟ ପିଜୁଳି ବଗିଚା, ଡ୍ରାଗନ୍ ଫଳ ବଗିଚା, ବିଭିନ୍ନ ପ୍ରକାରର ପେଶୀପୋଷଣ କଦଳୀ ବଗିଚା, ଶଙ୍କର କିସମ ଅମୃତଭଣ୍ଡା ଚାଷ ଏବଂ ବିଭିନ୍ନ ଫଳ ବଗିଚାରେ ପନିପରିବା ତଥା ସପୁରୀର ଅନ୍ତଃଫସଲ ସହିତ ଜରବେରା ଚାଷ, ଅର୍କିଡ୍ ଚାଷ, ଛତୁ ଚାଷ, ଜଳଜ ଚାଷ ଇତ୍ୟାଦିର ଫସଲ ପ୍ରଦର୍ଶନ କ୍ଷେତ୍ର ଏବଂ ବଣଭୋଜି ପାଇଁ ସୌନ୍ଦର୍ଯ୍ୟକୃତ ସ୍ଥାନଗୁଡ଼ିକ ପରିଦର୍ଶନ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ପରିଦର୍ଶକ ମାନେ ଆସୁଛନ୍ତି ।

ସରକାରଙ୍କ ପଦକ୍ଷେପ ଏବଂ ନିଷ୍ପତ୍ତି ଅନୁଯାୟୀ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୭୫ତମ ଜନ୍ମଦିନ ଅବସରରେ "ମା ପାଇଁ ଗଛଟିଏ ୨.୦" ଅନ୍ତର୍ଗତ କାର୍ଯ୍ୟକ୍ରମରେ ଓଡିଶା ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଦ୍ୱାରା ୧୭ ସେପ୍ଟେମ୍ବର ୨୦୨୫ ତାରିଖରେ ଡେରାସ୍ ଉଦ୍ୟାନ କୃଷି ଫାର୍ମ ପରିସରର ପଣସ ବଗିଚାରେ CoE ର ପ୍ରଶିକ୍ଷାର୍ଥୀ, ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ଅଧିକାରୀମାନଙ୍କ ସହିତ ସ୍ଥାନୀୟ ଜନସାଧାରଣ ଏବଂ ଗଣମାଧ୍ୟମ କର୍ମଚାରୀଙ୍କ ଅଂଶଗ୍ରହଣରେ ୧୫୦୦ ଗୋଟି ବହୁବାର୍ଷିକ ଫଳଗଛ ବହୁସ୍ତରୀୟ କୃଷି ପ୍ରଣାଳୀକୁ ଆଧାର କରି ଲଗା ଯାଇଥିଲା ।





# ଆଗାମୀ ପିଢ଼ି ପାଇଁ ମୃତ୍ତିକା ଏବଂ ଜଳ ସଂରକ୍ଷଣ, ମହିଳା ସଶକ୍ତିକରଣ

## ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ

ପ୍ରାକୃତିକ ସମ୍ପଦର ସୁପରିଚାଳନା ମାଧ୍ୟମରେ ଚିରନ୍ତନ କୃଷିର ବିକାଶ ହେଉଛି ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ମୁଖ୍ୟ ଉଦ୍ଦେଶ୍ୟ ।

ବିଭିନ୍ନ ସ୍ଥାୟୀ ପଦକ୍ଷେପ ଦ୍ୱାରା ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ତଥା ଅନଗ୍ରସର ଲୋକମାନଙ୍କ ଜୀବନ ଜୀବିକାକୁ ଆଖି ଆଗରେ ରଖି ଜଳବିଭାଜିକା ପରିଚାଳନା ମାଧ୍ୟମରେ ରାଜ୍ୟରେ ଗ୍ରାମୀଣ ବିକାଶକୁ ସୁଗମ କରିବା, ସମନ୍ୱିତ ପଦକ୍ଷେପ ମାଧ୍ୟମରେ ନୂତନ ପ୍ରକ୍ରିୟା, ଉଦ୍ଭାବନକୁ ପ୍ରୋତ୍ସାହନ ଦେବାକୁ ଏହି ନିର୍ଦ୍ଦେଶାଳୟ ପ୍ରାଥମିକତା ଦେଇଥାଏ । ବିଭିନ୍ନ ଯୋଜନା ଭିତ୍ତିକ କାର୍ଯ୍ୟକଳାପରେ ସ୍ୱଚ୍ଛତାକୁ ସ୍ଥିରୀକୃତ କରିବା, ଦକ୍ଷତାର ସହ ପ୍ରାକୃତିକ ସମ୍ପଦର ସୁପରିଚାଳନା ତଥା ବିକଳ୍ପ ଜୀବିକା ପଦ୍ଧତି ଆପଣେଇବା ପାଇଁ ଲୋକମାନଙ୍କୁ ଉତ୍ସାହିତ କରିବା ଦିଗରେ ଏହି ନିର୍ଦ୍ଦେଶାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

# ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା (PMKSY – WDC 2.0)

ଏହି କାର୍ଯ୍ୟକ୍ରମ ଅଧୀନରେ ୫୩ଗୋଟି ଅନୁମୋଦିତ ଜଳ ବିଭାଜିକା ପ୍ରକଳ୍ପ ମାଧ୍ୟମରେ ୨.୯୩ ଲକ୍ଷ ହେକ୍ଟର ଉପଚାର ଯୋଗ୍ୟ ଅଞ୍ଚଳ ଚିହ୍ନଟ କରାଯାଇ ବିଭିନ୍ନ ମୃତ୍ତିକା ଓ ଜଳ ସଂରକ୍ଷଣ ଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଅଛି । ପ୍ରକଳ୍ପର ଅବଧି ପାଞ୍ଚ ବର୍ଷ (୨୦୨୧-୨୨ ରୁ ୨୦୨୫-୨୬) ଧାର୍ଯ୍ୟ କରାଯାଇଥିବାବେଳେ, ଏହି ସମୟସୀମା ମଧ୍ୟରେ ମୋଟ ୭୫୯.୨୭ କୋଟି ଟଙ୍କାର ବ୍ୟୟ ଯୋଜନା ରହିଛି । ଏଥି ସହିତ, ୨୦୨୫-୨୬ ଆର୍ଥିକ ବର୍ଷରେ ଅଧିକ ୭ଗୋଟି ଜଳ ବିଭାଜିକା ପ୍ରକଳ୍ପକୁ ଅନୁମୋଦନ ହୋଇ, ୮୨.୧୦୨ କୋଟି ଟଙ୍କାର ପ୍ରକଳ୍ପ ବ୍ୟୟ ଧାର୍ଯ୍ୟ କରାଯାଇଛି ଏବଂ ୩୦,୨୧୨ ହେକ୍ଟର ଜମି ଉପଚାର ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଅଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଜଳ ଅମଳ ପ୍ରକଳ୍ପ, ଆଡି ବନ୍ଧ, କ୍ଷେତ ପୋଖରୀ, ଝର ପୋଖରୀ, ଢିଲା ପଥର ବନ୍ଧ, ବୃକ୍ଷ ରୋପଣ ତଥା ମୃତ୍ତିକା-ଆର୍ଦ୍ରତା ସଂରକ୍ଷଣ ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ୫୦,୦୦୦ ହେକ୍ଟରରୁ ଅଧିକ ଅଞ୍ଚଳରେ ସୁରକ୍ଷିତ ଜଳସେଚନ ସୃଷ୍ଟି ହେବ ବୋଲି ଆଶା କରାଯାଉଅଛି, ଯାହା ଜଳ ବିଭାଜିକା ଅଞ୍ଚଳର କୃଷକମାନଙ୍କୁ ଲାଭାନ୍ୱିତ କରିବା ସହ ଅର୍ଥନୈତିକ ବିକାଶରେ ସହାୟକ ହେବ ।

୨୦୨୫-୨୬ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ୨୬,୪୭୬ ହେକ୍ଟର ଅଞ୍ଚଳରେ ମୃତ୍ତିକା ଓ ଜଳ ସଂରକ୍ଷଣ ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିବାବେଳେ, ଏହା ପାଇଁ ମୋଟ ୬୬.୧୯ କୋଟି ଟଙ୍କା ବ୍ୟୟ କରାଯାଇଅଛି। ତତସହିତ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ କୃଷକମାନଙ୍କର କ୍ଷମତା ବୃଦ୍ଧି ନିମିତ୍ତ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ ଶିକ୍ଷାମୂଳକ ଭ୍ରମଣ ଆୟୋଜନ କରାଯାଇ ସେମାନଙ୍କୁ ସହାୟତା ପ୍ରଦାନ କରାଯାଇଛି।



## ଜଳବିଭାଜିକା ମହୋତ୍ସବ (Watershed Mahotsav)

ଜଳବିଭାଜିକା ମହୋତ୍ସବ ଏକ ବ୍ୟାପକ ଜନସମ୍ପର୍କ ଓ ସଚେତନତା ଅଭିଯାନ ରୂପେ ଜଳ ବିଭାଜିକା ଉନ୍ନୟନ ଉପାଦାନ  ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା (WDC–PMKSY 2.0) ଅଧୀନରେ କାର୍ଯ୍ୟାନ୍ୱିତ ଜଳ ବିଭାଜିକା ପ୍ରକଳ୍ପ ଅଞ୍ଚଳଗୁଡିକର ଗ୍ରାମ୍ୟ ସ୍ତରରେ ଆୟୋଜିତ କରାଯାଇଥିଲା। ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜନସାଧାରଣଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବା, ଜଳ ବିଭାଜିକା ଉନ୍ନୟନ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ସାଧାରଣ ଲୋକମାନଙ୍କ ମଧ୍ୟରେ ପ୍ରକଳ୍ପ ପ୍ରତି ମାଲିକାନା ମନୋଭାବର ବିକାଶ କରିବା । ଏହି ମହୋତ୍ସବ ମାନ୍ୟବର ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣଙ୍କ କରକମଳରେ ୧୬ ଡିସେମ୍ବରର, ୨୦୨୫ରେ ପାଟନାଗଡ ଠାରେ ଉଦ୍‌ଘାଟନ ହୋଇଥିଲା ।



ଜଳ ବିଭାଜିକା ଯାତ୍ରା ସମୟରେ ସାଧାରଣ ଜନସମୁଦାୟ, ଜନପ୍ରତିନିଧି, କୃଷକ, ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା, ଜଳବିଭାଜିକା ସଂଘ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ଏହି ଅଭିଯାନ ଅବଧିରେ ୫୯୨ ଗୋଟି ସମ୍ପୂର୍ଣ୍ଣ ହୋଇଥିବା ମୃତ୍ତିକା ଓ ଜଳ ସଂରକ୍ଷଣ ପ୍ରକଳ୍ପର ଉଦ୍ଘାଟନ କରାଯାଇଥିବାବେଳେ, ୮୨ଟି ନୂତନ ପ୍ରକଳ୍ପର ଭୂମିପୂଜନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା । ତତସହିତ, ସମୁଦାୟ ଭିତ୍ତିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ନିମିତ୍ତ ୨,୩୬୫ଜଣ ସ୍ୱେଚ୍ଛାସେବୀଙ୍କ ସହଭାଗିତାରେ ଶ୍ରମଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜଳ ବିଭାଜିକା ଉନ୍ନୟନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୯୯୦ ଜଣ ୱାଟାରସେଡ଼ ମାର୍ଗଦର୍ଶକଙ୍କୁ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯକ୍ରମ ମାଧମରେ ଜନସାଧାରଣଙ୍କ ମଧ୍ୟରେ ଜଳ ବିଭାଜିକା ଉନ୍ନୟନ କାର୍ଯ୍ୟକ୍ରମ ପ୍ରତି ସଚେତନତା, ସକ୍ରିୟ ଅଂଶଗ୍ରହଣ ଏବଂ ଚିରସ୍ଥାୟୀ ଜଳ ସମ୍ପଦ ପରିଚାଳନା ପ୍ରତି ଦୃଢ଼ ସାମୂହିକ ମନୋଭାବ ଗଢ଼ି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି ।

# ସ୍ଥାୟୀ ଜୀବିକା ପାଇଁ କଫି ଚାଷ

ରାଜ୍ୟର ଉଚ୍ଚ ଜମିରେ ଆଦିବାସୀ ଏବଂ କ୍ଷୁଦ୍ର ଚାଷୀଙ୍କ ମଧ୍ୟରେ ନିରନ୍ତର କଫି ଭିତ୍ତିକ ଜୀବିକାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ, ଓଡ଼ିଶା ଦ୍ୱାରା ରାଜ୍ୟ ଯୋଜନା "ସ୍ଥାୟୀ ଜୀବିକା ପାଇଁ କଫି  ଚାଷ" ଯୋଜନା  କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନା ଛଅଟି ଜିଲ୍ଲା ଯଥା - କୋରାପୁଟ, ରାୟଗଡା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର ଏବଂ ଗଜପତିରେ କାର୍ଯ୍ୟକାରୀ ହେଉଅଛି । ଏଠାରେ କଫି ଚାଷ ପାଇଁ ଉପଯୁକ୍ତ କୃଷି-ଜଳବାୟୁ ପରିସ୍ଥିତି ରହିଅଛି, ଯାହାକି ସମୁଦ୍ର ପତ୍ତନଠାରୁ ୬୦୦ରୁ ୧୦୦୦ ମିଟର  ମଧ୍ୟରେ ରହିଛି।

୨୦୨୪-୨୫ ବର୍ଷରେ ୮,୬୮୩ ହେକ୍ଟର ଜମିରେ ଛାୟା ବୃକ୍ଷରୋପଣ ଏବଂ ୫୪୯ ହେକ୍ଟରରେ  କଫି ବୃକ୍ଷରୋପଣ କରାଯାଇଅଛି । ୨୦୨୫-୨୬ ବର୍ଷରେ ୬୧୯୭ ହେକ୍ଟର ଛାୟା ବୃକ୍ଷରୋପଣ ଏବଂ ୬୯୭ ହେକ୍ଟର କଫି ବୃକ୍ଷ ରୋପଣ କରାଯାଇଅଛି । କଫି ଚାରା ପ୍ରସ୍ତୁତ କରି ଅତିରିକ୍ତ ଆୟ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଉଛି ।



# ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (RKVY )- ବୃଷ୍ଟିପୁଷ୍ଟ ଅଂଚଳ କାର୍ଯ୍ୟକ୍ରମ (RAD)

ବୃଷ୍ଟିପୁଷ୍ଟ ଅଂଚଳ କାର୍ଯ୍ୟକ୍ରମ (RAD) ଯୋଜନାର ପ୍ରଧାନ ଉଦ୍ଦେଶ୍ୟ ହେଉଛି ବହୁବିଧ ଚାଷ, ପର୍ଯ୍ୟାୟକ୍ରମିକ ଫସଲ ଚାଷ, ଅନ୍ତଃ ଫସଲ ଚାଷ, ମିଶ୍ରିତ ଚାଷ ପଦ୍ଧତି ସହିତ ଉଦ୍ୟାନ କୃଷି, ପଶୁପାଳନ, ମାଛଚାଷ, ବୃକ୍ଷରୋପଣ, ମହୁଚାଷ, ଛତୁଚାଷ ଇତ୍ୟାଦି ଆନୁଷଙ୍ଗିକ କାର୍ଯ୍ୟକଳାପକୁ ଗୁରୁତ୍ୱ ଦେଇ ସମନ୍ୱିତ କୃଷି ପ୍ରଣାଳୀ (IFS)କୁ ପ୍ରୋତ୍ସାହନ ଦେବା । ଏହା ମାଧ୍ୟମରେ କୃଷକମାନେ ସୁସ୍ଥାୟୀ ଜୀବିକା ପାଇଁ କୃଷି ଭିତ୍ତିକ ଉତ୍ପାଦନକୁ ବଢାଇବା ସହିତ ବନ୍ୟା ଓ ମରୁଡି ଭଳି ଅନ୍ୟାନ୍ୟ ପ୍ରତିକୂଳ ପାଣିପାଗର ପ୍ରଭାବକୁ ହ୍ରାସ କରିବାରେ ସହାୟକ ହେବ । ୨୦୨୪-୨୫ ଆର୍ଥିକ ବର୍ଷରେ ୧୪.୮୮ କୋଟି ଟଙ୍କା ବ୍ୟୟ କରାଯାଇଛି । ୨,୦୨୦ ହେକ୍ଟର ଅଞ୍ଚଳରେ ସମନ୍ୱିତ କୃଷ ପ୍ରଣାଳୀ ଉନ୍ନୟନ କରାଯାଇଛି ଏବଂ ଏହା ଦ୍ୱାରା ୫,୯୫୦ ଜଣ ଲାଭାନ୍ୱିତ ହୋଇଛନ୍ତି ।

୨୦୨୫-୨୬ ଆର୍ଥିକ ବର୍ଷରେ ସମନ୍ୱିତ କୃଷି ପ୍ରଣାଳୀ ଗ୍ରହଣ ପାଇଁ ୪,୯୩୧ ଜଣ କୃଷକଙ୍କୁ ସଂଶ୍ଳିଷ୍ଟ କରାଯାଇ ୨୦.୪୮ କୋଟି ଟଙ୍କାର ବାର୍ଷିକ କାର୍ଯ୍ୟଯୋଜନା ପ୍ରସ୍ତାବିତ ହୋଇଛି ।



# ଖାଦ୍ୟ ଓ ପୋଷଣ ନିରାପତ୍ତା ପାଇଁ ଅଭିନବ କୃଷି ବନୀକରଣ (Innovative Agroforestry for Food and Nutrition Security)

ରାଜ୍ୟ ଯୋଜନା "ଖାଦ୍ୟ ଓ ପୋଷଣ ନିରାପତ୍ତା ପାଇଁ ଅଭିନବ କୃଷି ବନୀକରଣ"-ସମନ୍ୱିତ ପ୍ରଣାଳୀରେ ପ୍ରଣାଳୀଭିତ୍ତିକ କୃଷି ବନୀକରଣକୁ ଏକକିକରଣ ମାଧ୍ୟମ ରେ ପ୍ରୋତ୍ସାହନ ଦେବା ଏବଂ କୃଷକମାନଙ୍କର ଆର୍ଥିକ ଓ ସାମାଜିକ କଲ୍ୟାଣକୁ ସୁଦୃଢ଼ କରିବା ଲକ୍ଷ୍ୟରେ କାର୍ଯ୍ୟନ୍ୱିତ କରାଯାଇଛି ।

୨୦୨୫-୨୬ ମସିହାରେ ୮ଟି ନର୍ସରୀର ଭିତ୍ତିଭୂମି ଉନ୍ନୟନ ପାଇଁ ବ୍ୟବସ୍ଥା ରହିଛି (ମଡେଲ୍-୧ ଅଧୀନରେ ୩୫୨ ହେକ୍ଟର, ମଡେଲ୍-୨ ପାଇଁ ୮୭ ହେକ୍ଟର, ମଡେଲ୍-୩ ଅଧୀନରେ ୪୭୨ ହେକ୍ଟର ଏବଂ ମଡେଲ୍-୪ ଅଧୀନରେ ୧,୦୪,୦୦୦ଟି ଗଛ), ଯାହା ପାଇଁ ୧୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି । ଏହା ସହିତ, ଚାରା ଉତ୍ପାଦନ ପାଇଁ ନର୍ସରୀ ଆବର୍ତ୍ତନ ଫଣ୍ଡ ମାଧ୍ୟମରେ ୨୦ଟି ଏସଏଚଜି (SHG) ଏବଂ ୩ଟି ସରକାରୀ ନର୍ସରୀକୁ ସହାୟତା ପ୍ରଦାନ କରାଯିବାର ଯୋଜନା ରହିଛି ।

# ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (RKVY )- କୃଷି ବନୀକରଣ (Agroforestry)



୨୦୨୪-୨୫ ଆର୍ଥିକ ବର୍ଷରେ ୭.୫୦ କୋଟି ଟଙ୍କା ବ୍ୟୟ କରାଯାଇ ୭୦ ଲକ୍ଷ ଗୁଣାତ୍ମକ ରୋପଣ ସାମଗ୍ରୀ (QPM) ଉତ୍ପାଦନ କରାଯାଇଛି ଏବଂ ୨,୭୦୦ ହେକ୍ଟର ଅଞ୍ଚଳରେ ଛାୟାବୃକ୍ଷ ରୋପଣ କରା ଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୮.୭୫ କୋଟି ଟଙ୍କାର ବାର୍ଷିକ କାର୍ଯ୍ୟଯୋଜନା ପ୍ରସ୍ତାବିତ ହୋଇଛି, ଯାହା ଅଧୀନରେ ଅବସ୍ଥିତ ୩୭୪ଟି ନର୍ସରୀ ଏକକ ଚାରା ଉତ୍ପାଦନ ଏବଂ ୨ଟି ବୃହତ୍ ନର୍ସରୀର ଉନ୍ନୟନ କରାଯିବ।

### ଉତ୍ପାଦନ ଏବଂ ନର୍ସରୀ ଭିତ୍ତିଭୂମି

**୭.୫୦** କୋଟି ଟଙ୍କା ବ୍ୟୟ (୨୦୨୪-୨୫)

**୭୦** ଲକ୍ଷ ଗୁଣାତ୍ମକ ରୋପଣ ସାମଗ୍ରୀ

**୨,୭୦୦** ହେକ୍ଟର ଛାୟାବୃକ୍ଷ ରୋପଣ

**୧୪୯** ନର୍ସରୀକୁ ସହାୟତା

**୧୮.୭୫** କୋଟି ପ୍ରସ୍ତାବିତ କାର୍ଯ୍ୟଯୋଜନା

**୩୭୪**ଟି ନର୍ସରୀ ଏବଂ **୨**ଟି ବୃହତ୍ ନର୍ସରୀ

# କୃଷି ସ୍ଥିରତା ନିମିତ୍ତ ଅଭିନବ ପ୍ରୟାସରେ ଜଳ ବିଭାଜିକାର ନବୀକରଣ (REWARD)

ବିଶ୍ୱ ବ୍ୟାଙ୍କ ସହାୟତା ଦ୍ୱରା ପ୍ରଚଳିତ ରିୱାର୍ଡ ହେଉଛି ଚାଷ ଜମିର ଉତ୍ପାଦକତା ବୃଦ୍ଧି ଓ ଜଳବାୟୁ ସହନଶୀଳ କୃଷି ପାଇଁ ବିଜ୍ଞାନ ସମ୍ମତ ଜଳ ବିଭାଜିକା କାର୍ଯ୍ୟକ୍ରମ । ଏହା ଓଡ଼ିଶା ସରକାରଙ୍କ ଏକ ଅଭିନବ ପ୍ରୟାସ । ଜଳ ବିଭାଜିକା ପରିଚାଳନା କ୍ଷେତ୍ରରେ ଜାତୀୟ ଓ ରାଜ୍ୟସ୍ତରରେ ଯେଉଁ ସଂସ୍ଥା ମାନେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ସଶକ୍ତ କରିବା ଓ କୃଷକ ମାନଙ୍କ ସାମର୍ଥ୍ୟ ବଢାଇବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ଜଳ ବିଭାଜିକା ଯୋଜନା ପ୍ରସ୍ତୁତି ଓ ପ୍ରଣୟନ କ୍ଷେତ୍ରରେ ବିଜ୍ଞାନ ଭିତ୍ତିକ ଆଭିମୁଖ୍ୟ ଆଣିବା ହେଉଛି ରିୱାର୍ଡ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ।

ବିଶ୍ୱ ବ୍ୟାଙ୍କ ସମର୍ଥିତ ଏହି ପ୍ରକଳ୍ପରେ ଓଡ଼ିଶାର ୫ଟି (କୋରାପୁଟ , ସମ୍ବଲପୁର, ଢେଙ୍କାନାଳ, ଦେବଗଡ଼ ଏବଂ ନୟାଗଡ଼) ଜିଲ୍ଲାରେ ଆର୍ଥିକ ବର୍ଷ ୨୦୨୧-୨୨ ରୁ ୨୦୨୫ -୨୬ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ ପାଇଲଟ୍ ପ୍ରୋଜେକ୍ଟ ହିସାବରେ କାର୍ଯ୍ୟକାରୀ କରାଯାଉଛି । ଏହା ୧୭ଟି ଜଳବିଭାଜିକା କ୍ଲଷ୍ଟରରେ ଆରମ୍ଭ ହୋଇଅଛି, ଯେଉଁଥିରେ ୧ ଲକ୍ଷ ହେକ୍ଟର ଉପଚାର ଯୋଗ୍ୟ ଜମି ଚିହ୍ନଟ କରାଯାଇଅଛି। ମୋଟ ୧୭୯ଟି ଜଳବିଭାଜିକା କମିଟି ଗଠନ କରାଯାଇଛି । କୃଷକମାନଙ୍କୁ କୃଷି ହେଲ୍ପ ଲାଇନ ପ୍ଲାଟଫର୍ମ ମାଧ୍ୟମରେ ଜଳବାୟୁ ଅନୁକୂଳ କୃଷି ପରାମର୍ଶ ଦିଆଯାଉଛି । ଅନୁମୋଦିତ ଜଳବାୟୁ ଅନୁକୂଳ ପଦକ୍ଷେପ ଗୁଡିକ ବିଭିନ୍ନ ସମ୍ପ୍ରସାରଣ ପ୍ରଣାଳୀ ମାଧ୍ୟମରେ ଚାଷୀମାନଙ୍କୁ ଅବଗତ କରାଯାଏ, ଯଥା କୃଷକ ଓ ବୈଜ୍ଞାନିକ ଆଲୋଚନା କାର୍ଯ୍ୟକ୍ରମ, କୃଷକ କ୍ଷେତ୍ର ବିଦ୍ୟାଳୟ, କ୍ଷେତ୍ର ପ୍ରଦର୍ଶନ ଇତ୍ୟାଦି, ଏବଂ ତତ୍ ସହିତ ୧୫ କୃଷକ ଉତ୍ପାଦକ ସଂଗଠନଙ୍କ ପାଇଁ ବ୍ୟବସାୟ ବିକାଶ ଯୋଜନା ପ୍ରସ୍ତୁତ କରାଯାଇଛି।

ମୋଟ ଭୂ-ସମ୍ପଦ ତଥ୍ୟାବଳୀ (LRI) କାର୍ଯ୍ୟକଳାପ ପାଇଁ ୭ଟି ଜିଲ୍ଲା (ଢେଙ୍କାନାଳ, ଦେବଗଡ଼, ନୟାଗଡ଼, ସମ୍ବଲପୁର, କୋରାପୁଟ, ସୁନ୍ଦରଗଡ଼ ଏବଂ ନବରଙ୍ଗପୁର) ରେ ୫.୧୬ ଲକ୍ଷ ହେକ୍ଟରର ଯୋଜନା ରହିଛି ଯେଉଁଥିରେ ୧.୦୧ ଲକ୍ଷ ହେକ୍ଟର ପାଇଲଟ୍ କ୍ଷେତ୍ର ଅନ୍ତର୍ଭୁକ୍ତ। ଏପର୍ଯ୍ୟନ୍ତ ୭ ଟି ଜିଲ୍ଲାରେ (ପାଇଲଟ୍ ଏବଂ ଅଣ-ପାଇଲଟ୍ କ୍ଷେତ୍ର ସମେତ) ୪.୮୫ ଲକ୍ଷ ହେକ୍ଟରରେ ଭୂ-ସମ୍ପଦ ତଥ୍ୟାବଳୀ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ 5ଟି ପାଇଲଟ୍ ଜିଲ୍ଲାରେ ବିଜ୍ଞାନ ଭିତ୍ତିକ ଜଳ ବିଭାଜିକା ପଦକ୍ଷେପ ଗ୍ରହଣ ସହିତ ୫୭,୭୦୮ ହେକ୍ଟର ଅଞ୍ଚଳକୁ ଉପଚାର କରାଯାଇଛି।

## ଭୂ-ସମ୍ପଦ ତଥ୍ୟାବଳୀ (LRI ) ଯାତ୍ରା

ଭୂ-ସମ୍ପଦ ତଥ୍ୟାବଳୀ (LRI) ଯାତ୍ରା ବିଜ୍ଞାନ ଭିତ୍ତିକ ଜଳବିଭାଜିକା ପରିଚାଳନା ସମ୍ବନ୍ଧରେ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା । ଏହି ଯାତ୍ରା ମାଧ୍ୟମରେ ପୂର୍ବ ଆବଣ୍ଟିତ LRI କାର୍ଡର ଉପାଦେୟତା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା ।



## ଜି ଇ ଏଫ - ୭ ଫୋଲୁର ପ୍ରକଳ୍ପ

ପଞ୍ଜାବ, ହରିୟାଣା , ଓଡ଼ିଶା ଏବଂ ଛତିଶଗଡ଼ରେ ଧାନ -ଗହମ ଚାଷ ପ୍ରଣାଳୀରେ ରୂପାନ୍ତରଣ ଦ୍ୱାରା ଭାରତରେ ଚିରସ୍ଥାୟୀ ଖାଦ୍ୟ ପ୍ରଣାଳୀର  ପ୍ରଚାର ଓ ପ୍ରସାର ଜିଇଏଫ-୭ ଫୋଲୁର ପ୍ରକଳ୍ପର ଲକ୍ଷ୍ୟ । ଏଥିରେ ଚାଷୀଙ୍କ ଆୟ ବୃଦ୍ଧି,  ନିରାପଦ ଓ ଖାଦ୍ୟ ଉପଲବ୍ଧତା ବୃଦ୍ଧି ସହିତ ଜମି ଅବକ୍ଷୟ ହ୍ରାସ, ଜୈବ ବିବିଧତା ହ୍ରାସ ଏବଂ ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ ଉପରେ ଗୁରୁତ୍ୱ ଦିଆଯାଉଅଛି ।

ଏହି ପ୍ରକଳ୍ପ ମାଟିର ଉର୍ବରତା ବୃଦ୍ଧି ଏବଂ ସ୍ଥାନୀୟ ଖାଦ୍ୟ ପ୍ରଣାଳୀକୁ ସୁଦୃଢ଼ କରିବା ପାଇଁ ସ୍ଥାୟୀ କୃଷିପଦ୍ଧତି ଉପରେ ଗୁରୁତ୍ୱାରୋପ କରୁଅଛି । ଓଡ଼ିଶାରେ ଏହି ପ୍ରକଳ୍ପ ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି, କବିସୂର୍ଯ୍ୟନଗର ଏବଂ ସୋରଡ଼ା ବ୍ଲକ ଏବଂ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା, କୋକସରା ଏବଂ ଥୁଆମୁଳରାମପୁର ବ୍ଲକରେ କାର୍ଯ୍ୟ କରୁଅଛି ।

ପ୍ରକଳ୍ପ କାର୍ଯ୍ୟକାରୀ ହେବାର ଏକ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ଅଧୀନରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଅଛି । ମୋଟ ୭୨ ଗୋଟି କୃଷକ କ୍ଷେତ୍ର ବିଦ୍ୟାଳୟ (FFS) ଗଠନ କରାଯାଇ, ୨୫୨୦ ଜଣ ଚାଷୀଙ୍କୁ ସ୍ଥାୟୀ କୃଷି ପଦକ୍ଷେପ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଅଛି, FOLUR ପ୍ରକଳ୍ପ ଅଧୀନରେ ସ୍ଥାନୀୟ ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୧୪୬ଗୋଟି ଗ୍ରାମ ପଞ୍ଚାୟତ ସହାୟତା ୟୁନିଟ୍ (GPSU) ଗଠନ କରାଯାଇଛି। GEF MIS ପୋର୍ଟାଲରେ ୭,୯୨୦ ଜଣ ଚାଷୀଙ୍କ ପଞ୍ଜୀକରଣ ସହିତ କୃଷକ ଉତ୍ପାଦକ ଗୋଷ୍ଠୀ (FPO)ଙ୍କର ଦକ୍ଷତା ବୃଦ୍ଧି, ଜିଲା ସ୍ତରୀୟ ମେଳା, କ୍ରେତା-ବିକ୍ରେତା ବୈଠକ ଏବଂ ୭୩ ଜଣ ମୂଲ୍ୟ ଶୃଙ୍ଖଳା ସହାୟକଙ୍କ ଚୟନ କରାଯାଇଅଛି। ବ୍ଲକ ଏବଂ ଜିଲ୍ଲା ସ୍ତରୀୟ ପ୍ରକଳ୍ପ କାର୍ଯ୍ୟକର୍ତ୍ତାଙ୍କର ରବି ଏବଂ ଖରିଫ ଫସଲ ସଙ୍କ୍ରାନ୍ତରେ  ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ପୂର୍ବ ରବିଋତୁର ଅଭିଜ୍ଞତା ଆଧାରରେ ଚଳିତ ରବି ଋତୁ ୨୦୨୫ -୨୬ ପାଇଁ ଯୋଜନା ପ୍ରସ୍ତୁତ କରିବା ପାଇଁ ଏକ ରାଜ୍ୟ ସ୍ତରୀୟ କର୍ମଶାଳା ଆୟୋଜନ କରାଯାଇଅଛି । ଏଥି ସହିତ, ପ୍ରକଳ୍ପ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସଚେତନତା ବୃଦ୍ଧି କରିବା ପାଇଁ ବିଭିନ୍ନ ତଥ୍ୟଭିତ୍ତିକ ପୁସ୍ତିକା ପ୍ରସ୍ତୁତ କରାଯାଇଅଛି ।



# ଜଳଧାରା (Jaladhara)

କ୍ଷେତ ପୋଖରୀ ବା ଫାର୍ମ ପଣ୍ଡ ବିବିଧ କୃଷିଭିତ୍ତିକ କାର୍ଯ୍ୟ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ଯୋଜନାମୂଳକ ପଦକ୍ଷେପ ମାଧ୍ୟମରେ ସଞ୍ଚିତ ଜଳକୁ ଘରୋଇ ଆବଶ୍ୟକତା ପୂରଣ, ପଶୁପାଳନ ତଥା ଉଚ୍ଚ ଆର୍ଥିକ ମୂଲ୍ୟଯୁକ୍ତ ଫସଲ ଏବଂ ପନିପରିବା ଚାଷରେ ଜଳସେଚନରେ ବ୍ୟବହାର କରାଯାଇପାରେ । ଜଳବାୟୁ ପରିବର୍ତ୍ତନ ସହନଶୀଳ ସଂରଚନା - ଫାର୍ମ ପଣ୍ଡ / କ୍ଷେତ ପୋଖରୀ ସମନ୍ୱିତ କୃଷି ପ୍ରଣାଳୀ (IFS) ମାଧ୍ୟମରେ  କୃଷି ପ୍ରଣାଳୀ ସମ୍ପ୍ରସାରଣର ଏକ ଅତ୍ୟାବଶ୍ୟକ ଆଧାର ହୋଇଉଠିଛି । ଏହି ଯୋଜନା କୃଷକର ଆୟ ବୃଦ୍ଧି କରିବା ସହିତ ଆୟ ବିବିଧିକରଣ ତଥା ପରିବର୍ତ୍ତନଶୀଳ ଜଳବାୟୁ ଜନିତ ପ୍ରଭାବକୁ କମାଇବାରେ ସହାୟକ ହେଇଥାଏ ।

୨୦୨୫ -୨୬ ଆର୍ଥିକ ବର୍ଷରେ ୧୨୭୭ଟି କ୍ଷେତ ପୋଖରୀ କରାଯିବାର ଯୋଜନା ରହିଛି ।  ଜଳଧାରା ଯୋଜନା ଅଧୀନରେ ୨୦୨୫ -୨୬ ଆର୍ଥିକ ବର୍ଷ ପାଇଁ ୨୪.୦୯ କୋଟି ଟଙ୍କାର ବଜେଟ ବ୍ୟବସ୍ଥା ରଖାଯାଇଛି ଯାହା ବଲାଙ୍ଗୀର, ବରଗଡ, ନୂଆପଡା ତଥା କଳାହାଣ୍ଡି ଜିଲ୍ଲାରେ କାର୍ଯ୍ୟକାରୀ ହେବ ।






# ଓଡ଼ିଶାର ଶିକ୍ଷା, ଗବେଷଣା ଏବଂ ସଂପ୍ରସାରଣର ରୂପାନ୍ତରଣ : ଓୟୁଏଟିର ପ୍ରତିବଦ୍ଧତା

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ରାଜ୍ୟର କୃଷି କ୍ଷେତ୍ରକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଏହାର ଐତିହ୍ୟକୁ ବଜାୟ ରଖିଛି । ଏହା କୃଷି ଏବଂ ଆନୁଷଙ୍ଗିକ ବିଜ୍ଞାନରେ ଶିକ୍ଷାଦାନ, ଗବେଷଣା ଏବଂ ସମ୍ପ୍ରସାରଣ ଶିକ୍ଷା ଦ୍ୱାରା ରାଜ୍ୟର ଚାଷୀ ସମ୍ପ୍ରଦାୟର ଉନ୍ନତି ଏବଂ କୃଷି କ୍ଷେତ୍ରରେ ସାମଗ୍ରିକ ବିକାଶରେ ଯୋଗଦାନ କରିଆସୁଛି ।

ବିଶ୍ୱବିଦ୍ୟାଳୟର ଗବେଷଣା କାର୍ଯ୍ୟକ୍ରମ ଓଡ଼ିଶାର ସମସ୍ତ ଦଶଟି କୃଷି-ଜଳବାୟୁ ମଣ୍ଡଳରେ ଆଠଟି (୦୮) ଆଞ୍ଚଳିକ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ସମ୍ପ୍ରସାରଣ କେନ୍ଦ୍ର, ଚାରିଗୋଟି (୦୪) ଆଞ୍ଚଳିକ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ସମ୍ପ୍ରସାରଣ ଉପକେନ୍ଦ୍ର ଏବଂ ସାତଗୋଟି (୦୭) ଦ୍ରବ୍ୟ ଭିତ୍ତିକ ଗବେଷଣା କେନ୍ଦ୍ର ମାଧ୍ୟମରେ କରାଯାଉଛି । ଏହା ସହିତ, ଭାରତୀୟ କୃଷି ଗବେଷଣା ପରିଷଦ (ICAR), ଭାରତ ସରକାର, ଓଡ଼ିଶା ସରକାର ଏବଂ ଅନ୍ୟାନ୍ୟ ପାଣ୍ଠି ସହାୟତାରେ ୫୦ଟି ଅଖିଳ ଭାରତୀୟ ସମନ୍ୱିତ ଗବେଷଣା ପ୍ରକଳ୍ପ ଏବଂ ଅନେକ ଅସ୍ଥାୟୀ ପ୍ରକଳ୍ପ ମାଧ୍ୟମରେ ମଧ୍ୟ ଗବେଷଣା କାର୍ଯ୍ୟ ଜାରି ରହିଛି ।

ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ଥିବା ୩୧ଟି କୃଷି ବିଜ୍ଞାନ କେନ୍ଦ୍ର, ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ ବ୍ଲକ କାର୍ଯ୍ୟକ୍ରମ, ସୂଚନା ଏବଂ ଯୋଗାଯୋଗ କେନ୍ଦ୍ର, ଦୂରଶିକ୍ଷା କାର୍ଯ୍ୟକ୍ରମ, ଭିଡିଓ ପ୍ରକଳ୍ପ, କୃଷି ପ୍ରଯୁକ୍ତି ସୂଚନା କେନ୍ଦ୍ର ଏବଂ ଓଡ଼ିଶା ଲିଙ୍ଗଗତ ସଂସାଧନ କେନ୍ଦ୍ର ମାଧ୍ୟମରେ ଗବେଷଣା ଫଳାଫଳକୁ ଚାଷୀ ମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ନିରନ୍ତର ଉଦ୍ୟମ କରାଯାଉଛି ।

# ଶିକ୍ଷାଗତ ସଫଳତା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏହାର ୧୦ଟି ଅନୁବନ୍ଧିତ ମହାବିଦ୍ୟାଳୟ, ଗୋଟିଏ ସ୍ନାତକୋତ୍ତର କେନ୍ଦ୍ର ଓ ୧୦ଟି କୃଷି ପଲିଟେକ୍ନିକସ୍ ମାଧ୍ୟମରେ କୃଷି ଓ ଆନୁଷଙ୍ଗିକ କୃଷି ଶିକ୍ଷା ପ୍ରଦାନ କରିଛନ୍ତି । OUAT, ICARର ଷଷ୍ଠ ଡିନ କମିଟିର ସୁପାରିସକୁ ଜାତୀୟ ଶିକ୍ଷା ନୀତି – ୨୦୨୦ (NEP 2020) ଅନୁଯାୟୀ କାର୍ଯ୍ୟକାରୀ କରିଛି । ୨୦୨୪-୨୫ ବର୍ଷରେ ବିଭିନ୍ନ ମହାବିଦ୍ୟାଳୟରୁ ମୋଟ ୪୮ ଛାତ୍ର ICAR-JRF ଏବଂ SRF ପରୀକ୍ଷାରେ ସଫଳତା ହାସଲ କରିଥିଲେ। ଏହା ସହିତ, ମତ୍ସ୍ୟ ବିଜ୍ଞାନ କଲେଜର ଦୁଇଜଣ ଛାତ୍ର ARS ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ କୃଷି ଇଞ୍ଜିନିୟରିଂ ମହାବିଦ୍ୟାଳୟର ସତର ଜଣ ଛାତ୍ରଛାତ୍ରୀ GATE ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । କୃଷି ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବର୍ଷର ସବୁଠାରୁ "ବିଶ୍ୱସ୍ତ ବିଶ୍ୱବିଦ୍ୟାଳୟ" ବର୍ଗରେ OUAT ନୂଆଦିଲ୍ଲୀଠାରେ ୧୧ ଏପ୍ରିଲ, ୨୦୨୫ ଦିନ 'ସର୍ଦ୍ଦାର ପଟେଲ ୟୁନିଟି ପୁରସ୍କାର-୨୦୨୫' ହାସଲ କରିଛି । ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ ବୈଜ୍ଞାନିକମାନଙ୍କୁ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ସାମ୍ପ୍ରତିକ ବିକାଶ ସହିତ ପରିଚିତ କରାଇବା ପାଇଁ ନିୟମିତ ବ୍ୟବଧାନରେ ବକ୍ତୃତା କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି, ଯେଉଁଥିରେ ଦେଶ ଏବଂ ବିଦେଶର ବିଶିଷ୍ଟ ବକ୍ତାମାନେ ଯୋଗଦେଇ ସେମାନଙ୍କର ଗବେଷଣାଲବ୍ଧ ଜ୍ଞାନ ଓ ବୈଷୟିକ ଉପଲବ୍ଧି ଉପସ୍ଥାପିତ କରୁଛନ୍ତି । ୨୦୨୪-୨୫ ବର୍ଷରେ ଜଳସେଚନ ଏବଂ ଡ୍ରେନେଜ୍ ଇଞ୍ଜିନିୟରିଂ, ଅକ୍ଷୟ ଶକ୍ତି, ପ୍ରାଣୀଧନ ଫାର୍ମ କମ୍ପ୍ଲେକ୍ସ, କୁକୁଡ଼ା ବିଜ୍ଞାନ ଏବଂ ସମ୍ପ୍ରସାରଣ ଯୋଗାଯୋଗ ପରିଚାଳନା ଭଳି ନୂତନ ବିଭାଗମାନ ସୃଷ୍ଟି କରାଯାଇଛି । କୃଷି-ପାଣିପାଗ ବିଜ୍ଞାନ ଏବଂ କୃଷି-ବନୀକରଣ ଓ ସିଲଭିକଲଚର ବିଭାଗରେ Ph.D. ପାଠ୍ୟକ୍ରମ ଆରମ୍ଭ କରାଯାଇଛି ।




# ଅଧ୍ୟାପକ ଅଧ୍ୟାପିକାଙ୍କ ଅନ୍ତର୍ଜାତୀୟ ତାଲିମ

ଗତବର୍ଷ ବିଶ୍ୱବିଦ୍ୟାଳୟର ବିଭିନ୍ନ କଲେଜର ୦୯ ଜଣ ଅଧ୍ୟାପକ/ ଅଧ୍ୟାପିକା, ଦକ୍ଷିଣ ଆଫ୍ରିକା, ଜାପାନ, ଥାଇଲାଣ୍ଡ, ଆମେରିକା, ମାଲେସିଆ, ଇଣ୍ଡୋନେସିଆ ଏବଂ ସ୍ପେନ ଭଳି ଦେଶର ବିଭିନ୍ନ ଅନୁଷ୍ଠାନରେ ଆନ୍ତର୍ଜାତୀୟ ତାଲିମ ନେଇଛନ୍ତି । ଭାରତୀୟ କୃଷି ଗବେଷଣା ପରିଷଦ ଏହି କାର୍ଯ୍ୟକ୍ରମକୁ ସମର୍ଥନ କରିଥିଲେ ।

# ଗବେଷଣାଲବ୍ଧ ସଫଳତା

ଫସଲ କିସମର ବିକାଶ : ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ମାନେ ରାଜ୍ୟ ଏବଂ ଦେଶର ଫସଲ ଉତ୍ପାଦନକୁ ବଢ଼ାଇବା ପାଇଁ ଏଯାବତ ବିଭିନ୍ନ ଫସଲର ୨୧୭ଟି ଅଧିକ ଉତ୍ପାଦନକାରୀ କିସମ ବିକଶିତ କରିଛନ୍ତି । ଏଥିମଧ୍ୟରୁ, ୨୦୨୪ ମସିହାରେ ୧୧ଟି କିସମ, ୨୦୨୫ ମସିହାରେ ୨୦ଟି କିସମ ବିକଶିତ ହୋଇଥିଲା, ଯେଉଁଥିରେ ଧାନ (୪), ପନିପରିବା (୪), ସୋରିଷ (୨), ଏବଂ ମାଣ୍ଡିଆ, ମକା, ସୋରିଷ, ଜଡ଼ା, ଅଳସି, ବିରି, କାଜୁ, ଆମ୍ବ ଅଦା, କଳା ହଳଦୀ ଏବଂ ଆଳୁର ଗୋଟିଏ ଲେଖାଏଁ କିସମ ଅନ୍ତର୍ଭୁକ୍ତ। ଏଠାରେ ଉଲ୍ଲେଖନୀୟ ଯେ, ଦୁଇଟି ଧାନ କିସମ ପଦ୍ମଜା ଏବଂ ସମ୍ପଦା; ଲୌହ, ଜିଙ୍କ ଏବଂ ଆଣ୍ଟିଅକ୍ସିଡାଣ୍ଟରେ ପରିପୂର୍ଣ୍ଣ ।

OUAT ପ୍ରଥମଥର ପାଇଁ 'ପ୍ରଥମା' ନାମକ ଗୋଖାଦ୍ୟ ଫସଲ ପିଲିପେସରାର କିସମ ବିକଶିତ କରିଥିଲା, ଯାହାକୁ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ୧୧ ଅଗଷ୍ଟ ୨୦୨୪ରେ ଦେଶର ଚାଷୀମାନଙ୍କ ପାଇଁ ଉତ୍ସର୍ଗ କରିଥିଲେ ।







## କୃଷି ଯନ୍ତ୍ରପାତିର ବିକାଶ

ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ମାନଙ୍କ ଦ୍ୱାରା ବିଭିନ୍ନ କୃଷି ଯନ୍ତ୍ରପାତି  ଯଥା:- ବ୍ୟାଟେରି ଚାଳିତ ଘାସ ଉପୁଡା ଯନ୍ତ୍ର, ସୌରଶକ୍ତି ଚାଳିତ ଧାନ-ଚିନାବାଦାମ ଛଡ଼ା ଯନ୍ତ୍ର, ବସିବା ପ୍ରକାରର ନଡ଼ିଆ କତା ଛଡା ଯନ୍ତ୍ର, ଠିଆ ହେବା ପ୍ରକାରର ନଡ଼ିଆ କତା ଛଡା ଯନ୍ତ୍ର ଆଦି ବିକଶିତ କରାଯାଇଛି ।

## ସତ୍ତ୍ୱ ଅଧିକାର ଓ ପଞ୍ଜୀକରଣ

ଚାଷୀଙ୍କ ପାଖରେ ଉପଲବ୍ଧ ଥିବା  ଚାରୋଟି ଧାନ କିସମ ଫସଲ କିସମ ଏବଂ କୃଷକ ଅଧିକାର ସଂରକ୍ଷଣ ପ୍ରାଧିକରଣ (PPVFRA) ରେ ପଞ୍ଜୀକୃତ ହୋଇଛି ଏବଂ ଏଗୁଡ଼ିକୁ ୧୫ ବର୍ଷ ପାଇଁ ସୁରକ୍ଷା ପ୍ରଦାନ କରାଯାଇଛି। ସେଗୁଡ଼ିକ ହେଲା, ମାଟି ଧାନ, କାଣି ଧାନ, କାଠି ଧାନ ଏବଂ ଗୋଡ ଖୁଣ୍ଟା। ବିଭିନ୍ନ ଯନ୍ତ୍ରପାତି ଯଥା - ବ୍ୟାଟେରୀ ଚାଳିତ ଘାସ ଉପୁଡା ଯନ୍ତ୍ର, ମକା ଚୋପା ଏବଂ ମଞ୍ଜି ଛଡା ଯନ୍ତ୍ର, ଶକ୍ତିଚାଳିତ ନଡ଼ିଆ କତା ଛଡା ଯନ୍ତ୍ର, ଟ୍ରାଇକୋଡର୍ମା ଫିଲ୍ଟରେଟ୍ ପ୍ରକ୍ରିୟାକରଣ ଯନ୍ତ୍ରର ଡିଜାଇନ୍ ପଞ୍ଜିକୃତ ହୋଇଛି।




## ସମ୍ପ୍ରସାରଣ କାର୍ଯ୍ୟକ୍ରମ



- କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକ (KVK) ଚାଷୀ ଏବଂ ଗ୍ରାମାଞ୍ଚଳ କୃଷକ ସମ୍ପ୍ରଦାୟର ଉନ୍ନତି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନେଇଥିଲେ । ବର୍ଷସାରା କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ସହିତ ଜଡିତ ବିଭିନ୍ନ ବିଷୟରେ ବହୁ ସଂଖ୍ୟକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ମୋଟ ୧,୭୦୩ଟି କାର୍ଯ୍ୟକ୍ରମ ଦ୍ୱାରା ପ୍ରାୟ ୪୭,୦୦୦ କୃଷକ ଏବଂ କୃଷିଜୀବୀ ମହିଳା ଉପକୃତ ହୋଇପାରିଛନ୍ତି । ଏହାବ୍ୟତୀତ, ଯୁବପିଢ଼ିଙ୍କୁ କୃଷି ସହିତ ଜଡିତ କରିବା ପାଇଁ ୩୨୭ଟି ପୃଥକ ତାଲିମ ଶିବିର ତଥା ଗ୍ରାମ ଏବଂ ବ୍ଲକ ସ୍ତରରେ ସମ୍ପ୍ରସାରଣ କର୍ମୀଙ୍କ ପାଇଁ ୨୩୦ଟି ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।
- ନିୟମିତ କାର୍ଯ୍ୟସୂଚୀ ବ୍ୟତୀତ, KVK ଗୁଡ଼ିକରେ ଅନେକ ସ୍ୱତନ୍ତ୍ର ତାଲିମ

କାର୍ଯ୍ୟ ପରିଚାଳନା କରାଯାଇଛି । ଏଥିରେ ପ୍ରାୟୋଜିତ କାର୍ଯ୍ୟକ୍ରମ, ବୃତ୍ତିଗତ ପାଠ୍ୟକ୍ରମ ଏବଂ ପ୍ରକଳ୍ପ-ଭିତ୍ତିକ ତାଲିମର ଏକ ଶୃଙ୍ଖଳା ଅନ୍ତର୍ଭୁକ୍ତ ଥିଲା । ଏହି ତିନୋଟି ବର୍ଗରେ ୧୩,୦୦୦ରୁ ଅଧିକ ଅଂଶଗ୍ରହଣକାରୀ ଭାଗ ନେଇଥିଲେ ।

- କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ୨୧୫ ହେକ୍ଟର ଜମିରେ ୫୦୦୦ ଜଣ ଚାଷୀଙ୍କୁ ନେଇ ୨୮୬ଟି କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏହାବ୍ୟତୀତ, ୫୩୮ ହେକ୍ଟର ଜମିରେ ୭୪୧୪ ଜଣ ଚାଷୀଙ୍କୁ ସାମିଲ କରାଯାଇ ୫୬୬ଟି ଆଗ ଧାଡି ପ୍ରଦର୍ଶନ କରାଯାଇଛି ।
- ୧୧,୪୭୨ଗୋଟି ମୃତ୍ତିକା ନମୁନାର ପରୀକ୍ଷା କରାଯାଇ କୃଷକମାନଙ୍କୁ ୨୧, ୦୩୯ଟି ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଛି ।



## ପ୍ରାକୃତିକ କୃଷିର ପ୍ରସାର

- 'ପ୍ରାକୃତିକ କୃଷି'ର ପ୍ରସାର ପାଇଁ ପ୍ରୟାସ ମଧ୍ୟ ତ୍ୱରାନ୍ୱିତ କରାଯାଇଥିଲା । ବିଭିନ୍ନ KVK ଗୁଡ଼ିକରେ, ୫୮ଟି ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ୨,୦୩୦ ଜଣ ଚାଷୀଙ୍କୁ ପ୍ରାକୃତିକ କୃଷି ସମ୍ବନ୍ଧିତ ଜ୍ଞାନ କୌଶଳର ତାଲିମ ପ୍ରଦାନ କରାଯାଇଥିଲା ।
- ଏହାବ୍ୟତୀତ, ୪୮ଟି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ୨,୪୦୦ ଜଣ ଚାଷୀଙ୍କୁ ପ୍ରାକୃତିକ କୃଷିର ନୀତି ଏବଂ ଲାଭ ବିଷୟରେ ସଚେତନ କରାଯାଇଥିଲା । ସାଂଗଠନିକ କ୍ଷମତାକୁ ସୁଦୃଢ଼ କରିବା ପାଇଁ, ୨୮ଟି ଜିଲ୍ଲାର ବୈଜ୍ଞାନିକମାନେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ, ହରିଆଣା; ଜବାହାରଲାଲ ନେହେରୁ କୃଷି ବିଶ୍ୱ ବିଦ୍ୟାଳୟ ଗ୍ୱାଲିୟର; ଆନନ୍ଦ ଗୁଜରାଟର EEI; ହାଇଦ୍ରାବାଦ ସ୍ଥିତ MANAGE ଏବଂ SKUAST କାଶ୍ମୀର ସମେତ ଅନେକ ପ୍ରତିଷ୍ଠିତ ପ୍ରତିଷ୍ଠାନରେ ସ୍ୱତନ୍ତ୍ର ତାଲିମ ନେଇଥିଲେ ।



## ସମନ୍ୱିତ ଉଦ୍ୟାନ କୃଷି ବିକାଶ ମିଶନ ସହାୟତା ଭିତ୍ତିକ କାର୍ଯ୍ୟକ୍ରମ

- ଓଡ଼ିଶା ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟକାରୀ ଜାତୀୟ ଉଦ୍ୟାନ କୃଷି ମିଶନ (MIDH)ର ଆର୍ଥିକ ସହାୟତାରେ  ନଅଟି କୃଷି ବିଜ୍ଞାନ କେନ୍ଦ୍ର (ନୟାଗଡ଼, ସମ୍ବଲପୁର, କନ୍ଧମାଳ, ନବରଙ୍ଗପୁର, କୋରାପୁଟ, କେନ୍ଦ୍ରାପଡ଼ା, ଗଞ୍ଜାମ-୧, ଗଞ୍ଜାମ-୨, ଏବଂ ସୋନପୁର) ରେ ଆଗ ଧାଡି ପ୍ରଦର୍ଶନ କରାଯାଉଛି ।
- ଏହା ମାଧ୍ୟମରେ ଗୁଣାତ୍ମକ ଚାରା ବ୍ୟବହାର, ଡ୍ରାଗନ ଫଳ ଚାଷ, ଖଜୁରୀ ବୃକ୍ଷରୋପଣ ଓ ସମନ୍ୱିତ ଉଦ୍ୟାନ କୃଷି ପ୍ରଣାଳୀ ଉପରେ କ୍ଷେତ୍ର ପ୍ରଦର୍ଶନ କରାଯାଉଛି । ଏହା ସହିତ,  ଉଦ୍ଭିଦ ନର୍ସରୀ ବ୍ଲକ, ବହୁବର୍ଷୀୟ ଫଳ ଗଛ ଏବଂ ବୃକ୍ଷଚାରା ପାଇଁ ନର୍ସରୀ ମଧ୍ୟ ସ୍ଥାପନ କରାଯାଇଛି ।





## NICRA ପ୍ରକଳ୍ପ କାର୍ଯ୍ୟକ୍ରମ

• ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଧିକ ଉତ୍ପାଦନ ଏବଂ ବିପର୍ଯ୍ୟୟ ପରିଚାଳନା ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ପ୍ରୟୋଗ ମାଧ୍ୟମରେ ଜଳବାୟୁ ପରିବର୍ତ୍ତନ ଅନୁଯାୟୀ ଫସଲ, ପଶୁପାଳନ ଏବଂ ମତ୍ସ୍ୟଚାଷକୁ ଅନ୍ତର୍ଭୁକ୍ତ କରି କୃଷିର ସ୍ଥିରତା ବୃଦ୍ଧି କରିବା । ଏହି ପ୍ରକଳ୍ପ କେନ୍ଦ୍ରାପଡ଼ା, ଗଞ୍ଜାମ-୧, କଳାହାଣ୍ଡି, ଭଦ୍ରକ, ପୁରୀ, ଜଗତସିଂପୁର, ଢେଙ୍କାନାଳ, କେଉଁଝର ଏବଂ ବଲାଙ୍ଗିରର କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକରେ କାର୍ଯ୍ୟକ୍ଷମ ।

• ଏହା ୪ଟି ମଡ୍ୟୁଲ୍ ଯଥା ପ୍ରାକୃତିକ ସମ୍ପଦ ପରିଚାଳନା, ଫସଲ ଉତ୍ପାଦନ, ପଶୁପାଳନ ଓ ମତ୍ସ୍ୟଚାଷ ଏବଂ ସଂସ୍ଥାଗତ ହସ୍ତକ୍ଷେପ ମାଧ୍ୟମରେ ଜଳବାୟୁ ସମ୍ବନ୍ଧୀୟ ବିପର୍ଯ୍ୟୟକୁ ହ୍ରାସ କରିବା ପାଇଁ ଚାଷୀଙ୍କ କ୍ଷେତ୍ରଭିତ୍ତିକ ନିର୍ଦ୍ଦିଷ୍ଟ ପ୍ରଯୁକ୍ତିବିଦ୍ୟାର ପ୍ରଦର୍ଶନ ଉପରେ ଆଧାରିତ ।



## ଓୟୁଏଟି କୃଷକ ମେଳା

- ଓୟୁଏଟିର କୁଳପତିଙ୍କ ଅଧକ୍ଷତାରେ ବିଶ୍ୱବିଦ୍ୟାଳୟରେ ୧୮ ଏବଂ ୧୯ ଫେବୃଆରୀ, ୨୦୨୫ରେ ଏକ କୃଷକ ମେଳା ଆୟୋଜନ କରାଯାଇଥିଲା । ରାଜ୍ୟର ବିଭିନ୍ନ ସ୍ଥାନରୁ ସଫଳ ଚାଷୀମାନଙ୍କୁ କୃଷି ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ସଂରକ୍ଷଣ କାର୍ଯ୍ୟକଳାପରେ ଉତ୍କର୍ଷତା ପାଇଁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଅନେକ ଗବେଷଣା ଏବଂ ସମ୍ପ୍ରସାରଣ ପ୍ରକାଶନ ଉନ୍ମୋଚିତ ହୋଇଥିଲା । ଚାଷୀ ଏବଂ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ଉପରେ ପ୍ରଯୁକ୍ତିବିଦ୍ୟା ଉତ୍ପାଦ ପ୍ରଦର୍ଶନୀ ଆୟୋଜନ ହୋଇଥିଲା ।




## ବିହନ ଉତ୍ପାଦନ

- ବିଶ୍ୱବିଦ୍ୟାଳୟ ୨୦୨୪-୨୫ ମଧ୍ୟରେ ବିଭିନ୍ନ ବର୍ଗର ୭,୩୬୪.୨ କ୍ୱିଣ୍ଟାଲ ବିହନ ଉତ୍ପାଦନ କରିଥିଲା । ଏହା ସହିତ, ୧,୨୦,୦୦୦ଟି ଟିସୁ କଲଚର କଦଳୀ ଚାରା ଉତ୍ପାଦନ କରିଥିଲା। ଗବେଷଣା କେନ୍ଦ୍ର ଏବଂ ଉପ-କେନ୍ଦ୍ର ଗୁଡ଼ିକ ମିଳିତ ଭାବରେ ୨,୩୯,୯୨୩ ଗୁଣାତ୍ମକ ଚାରା ଉତ୍ପାଦନ କରିଥିଲେ। ସେହି ସମୟ ମଧ୍ୟରେ, ୪,୬୯୮ଟି ଟ୍ରାଇକୋକାର୍ଡ ଏବଂ ୨,୭୫୦ଟି ଫଳ ଗ୍ରାଫ୍ଟ ଏବଂ ଚାରା ମଧ୍ୟ ଉତ୍ପାଦନ କରାଯାଇଛି ।





# ମହିଳା ଉଦ୍ୟୋଗୀ, କୃଷି ଉଦ୍ୟୋଗୀକରଣର ନୀରବ ବାର୍ତ୍ତାବହ

## ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ନିଗମ ଲିମିଟେଡ୍(ଆପିକଲ)

# କୃଷି-ଉଦ୍ୟୋଗ ଏବଂ ମହିଳାଙ୍କ ନେତୃତ୍ୱରେ ଅଭିବୃଦ୍ଧିକୁ ପ୍ରୋତ୍ସାହନ

**ମୁଖ୍ୟ ସଫଳତା:**

- **୩,୪୦୦+** ପ୍ରକଳ୍ପ ଆର୍ଥିକ ବର୍ଷ ୨୦୨୫ ପାଇଁ ଅନୁମୋଦିତ
- **୧୮୮.୩୪+** କୋଟି ଟଙ୍କାର ସବସିଡି ପ୍ରଦାନ
- **୧,୪୦୭**ଟି ଉଦ୍ୟୋଗ ସଫଳତାର ସହ ସମ୍ପୂର୍ଣ୍ଣ
- **୧,୧୧୭** ଜଣ ମହିଳା ଉଦ୍ୟୋଗୀଙ୍କୁ ସହାୟତା ପ୍ରଦାନ
- **୧୪୫.୨୩** କୋଟି ଟଙ୍କା ମହିଳାମାନଙ୍କୁ ପ୍ରଦାନ
- **୭୭%** ସବସିଡି ମହିଳାଙ୍କ ନେତୃତ୍ୱରେ ପରିଚାଳିତ ଉଦ୍ୟୋଗକୁ ପ୍ରଦାନ କରାଯାଇଛି

ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ଲଗାଣ ନିଗମ ଲିଃ (APICOL) କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ ବିକାଶ, କୃଷି-ରପ୍ତାନି, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ମତ୍ସ୍ୟ ସମ୍ପଦ କ୍ଷେତ୍ରରେ ବାଣିଜ୍ୟିକ କୃଷି ଉଦ୍ୟୋଗଗୁଡ଼ିକୁ ବିଭିନ୍ନ ଯୋଜନା ମାଧ୍ୟମରେ ଯଥା – ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା(MKUY), କୃଷି ଉଦ୍ୟୋଗ ପ୍ରୋତ୍ସାହନ ଯୋଜନା (AEPS), ଏବଂ ଶୀତଳ ଭଣ୍ଡାର ପାଇଁ ଆର୍ଥିକ ସହାୟତା (FACS) ପ୍ରୋତ୍ସାହିତ କରୁଛି, ଯାହା ପାରମ୍ପରିକ ଚାଷକୁ ଏକ ସମୃଦ୍ଧ କୃଷି ବ୍ୟବସାୟରେ ରୂପାନ୍ତରିତ କରୁଛି।

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (MKUY): ବଡ଼ ପଦକ୍ଷେପ, ବୃହତ ପ୍ରଭାବ

ଆପିକଲ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (MKUY) ମାଧ୍ୟମରେ କୃଷି ଉଦ୍ୟୋଗର ଏକ ନୂତନ ଧାରା ସୃଷ୍ଟି କରୁଛି। ଆର୍ଥିକ ବର୍ଷ ୨୦୨୪-୨୫ ରେ ଏହା ୩,୪୦୦ରୁ ଅଧିକ ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରିବା ସହ ୧,୪୦୭ଟି ସମ୍ପୂର୍ଣ୍ଣ ହୋଇଥିବା ଉଦ୍ୟୋଗ ପାଇଁ ୧୮୮.୩୪ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ସବସିଡି ପ୍ରଦାନ କରିଛି। ଏହି କ୍ଷେତ୍ରରେ ମହିଳାମାନେ ଆଗଧାଡ଼ିରେ ରହିଛନ୍ତି। ୧,୧୧୭ ଜଣ ମହିଳା ଉଦ୍ୟୋଗୀ ୧୪୫.୨୩ କୋଟି ଟଙ୍କାର ସବସିଡି ଗ୍ରହଣ କରିଛନ୍ତି, ଯାହା ମୋଟ ସବସିଡିର ପ୍ରାୟ ୭୭%। ସେହିପରି, ଜାନୁଆରୀ ୨୦୨୬ ସୁଦ୍ଧା ୧,୭୨୨ ଜଣ ଉଦ୍ୟୋଗୀଙ୍କୁ ୨୪୭.୫୨ କୋଟି ଟଙ୍କା ସବସିଡି ପ୍ରଦାନ କରାଯାଇଛି।

ସେଥିମଧ୍ୟରୁ ୧,୨୮୨ ଜଣ ମହିଳା ଉଦ୍ୟୋଗୀଙ୍କୁ ୧୮୭.୨୧ କୋଟି ଟଙ୍କା (ପ୍ରାୟ ୭୭%) ସବସିଡି ପ୍ରଦାନ କରାଯାଇଛି,ଯାହା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (MKUY)କୁ ସମାବେଶୀ ପ୍ରଗତିର ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ପ୍ରତିଷ୍ଠିତ କରିଛି। ଶୀତଳଭଣ୍ଡାରକୁ ଆର୍ଥିକ ସହାୟତା (FACS) ପାଇଁ ନୋଡାଲ ଏଜେନ୍ସି ଭାବରେ, ଏହା ଓଡ଼ିଶାର ସମସ୍ତ ସବଡ଼ିଭିଜନରେ ଉଦ୍ୟୋଗୀ, FPC ଏବଂ ଫାର୍ମଗୁଡ଼ିକ ଦ୍ୱାରା ୫୮ଟି ଶୀତଳ ଭଣ୍ଡାର ସ୍ଥାପନ କରିବାର ଲକ୍ଷ୍ୟ ରଖିଛି, ଯାହା ଅମଳ ପରବର୍ତ୍ତୀ କ୍ଷତି ହ୍ରାସ କରିବ ଏବଂ ଗ୍ରାମୀଣ ନିଯୁକ୍ତିକୁ ବୃଦ୍ଧି କରିବ। ପାଞ୍ଚଟି କ୍ଷେତ୍ରରେ ୧୧୭ ପ୍ରକାରର ଉଦ୍ୟୋଗରେ ୫୦୦୦ରୁ ଅଧିକ ଉଦ୍ୟୋଗୀଙ୍କୁ ସହାୟତା କରି, APICOL ଉଦ୍ୟୋଗୀମାନଙ୍କୁ ବ୍ୟାଙ୍କର ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀଙ୍କ ସହିତ ସଂଯୋଗ କରିବା ପାଇଁ କର୍ମଶାଳା, ପ୍ରଦର୍ଶନୀ ଏବଂ କ୍ରେତା-ବିକ୍ରେତା ବୈଠକ ଆୟୋଜନ କରୁଛି।



# ଏ.ଇ.ପି.ଏସ୍ ଯୁବକମାନଙ୍କୁ କୃଷି ଉଦ୍ୟୋଗୀରେ ପରିଣତ କରିବା

କୃଷି ଉଦ୍ୟୋଗ ପ୍ରୋତ୍ସାହନ ଯୋଜନା (AEPS) ଅଧୀନରେ ଆପିକଲ ଏକ ସୁବ୍ୟବସ୍ଥିତ ଚୟନ ପ୍ରକ୍ରିୟା, ପ୍ରଶିକ୍ଷଣ ଏବଂ ସହାୟତା ମାଧ୍ୟମରେ କୃଷି ସାମଗ୍ରୀ ବିପଣନ, କୁକୁଡ଼ା ପାଳନ, ଛେଳି ପାଳନ, ନର୍ସରୀ, ଛତୁ ଚାଷ, ମତ୍ସ୍ୟ ଚାଷ ଏବଂ କୃଷି ଯନ୍ତ୍ରପାତି ଭଡ଼ା କେନ୍ଦ୍ର ଭଳି ବିଭିନ୍ନ କ୍ଷେତ୍ରରେ ନୂତନ ପିଢ଼ିର କୃଷି ଉଦ୍ୟୋଗୀ ଗଢ଼ିତୋଳୁଛି । ଏପର୍ଯ୍ୟନ୍ତ ୧,୭୪୪ ଜଣ କୃଷି-ଉଦ୍ୟୋଗୀଙ୍କୁ ଚୟନ କରାଯାଇଛି, ୧,୦୨୪ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ଏବଂ ୭୫୩ ଜଣ ନିଜର ଉଦ୍ୟୋଗ ଆରମ୍ଭ କରିସାରିଛନ୍ତି, ଯେଉଁଥିରେ ପ୍ରାୟ ୪୭% ମହିଳା ଏହି ଉଦ୍ୟମରେ ନେତୃତ୍ୱ ନେଉଛନ୍ତି । ବିଭିନ୍ନ ସରକାରୀ ବିଭାଗ, ବ୍ୟାଙ୍କ ଏବଂ ବେସରକାରୀ ସଂସ୍ଥାଗୁଡ଼ିକର ସମନ୍ୱୟରେ, ଯେଉଁଥିରେ ୯୮ଟି OIIPCRA ବ୍ଲକ୍ ରେ ୬୦୫ ଜଣ କୃଷି-ଉଦ୍ୟୋଗୀ ପ୍ରଶିକ୍ଷିତ ହୋଇଛନ୍ତି ଏବଂ ୪୨୪ ଜଣ ବ୍ୟବସାୟ ଆରମ୍ଭ କରିଛନ୍ତି । AEPS ଗ୍ରାମୀଣ ଜୀବିକା ଏବଂ ସ୍ଥାନୀୟ ମୂଲ୍ୟ ଶୃଙ୍ଖଳାକୁ ପରିବର୍ତ୍ତିତ କରୁଛି ।




# ଶୀତଳଭଣ୍ଡାର ପାଇଁ ଆର୍ଥିକ ସହାୟତା (FACS): ଶୀତଳଭଣ୍ଡାର ଶୃଙ୍ଖଳ, ସମୃଦ୍ଧିର ସୁଯୋଗ

ଅମଳ ପରବର୍ତ୍ତୀ କ୍ଷୟକ୍ଷତି ହ୍ରାସ କରିବା ଏବଂ ଗ୍ରାମୀଣ ନିଯୁକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଆଧୁନିକ ଶୀତଳଭଣ୍ଡାର ଶୃଙ୍ଖଳା ପ୍ରସ୍ତୁତ କରିବା ପାଇଁ FACS ଯୋଜନାରେ ଆପିକଲ ନୋଡାଲ୍ ସଂସ୍ଥା ଭାବରେ କାର୍ଯ୍ୟ କରୁଛି । ରାଜ୍ୟର ଧାର୍ଯ୍ୟ ଲକ୍ଷ୍ୟ ୫୮ଟି ୟୁନିଟ୍ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୯ଟି ଜିଲ୍ଲାରେ ୯ଟି ଶୀତଳ ଭଣ୍ଡାର ପାଇଁ ଅନୁମତି ପ୍ରଦାନ କରାଯାଇଛି । ଏହାର ସମୁଦାୟ କ୍ଷମତା ୨୩,୫୦୦ ମେଟ୍ରିକ୍ ଟନ ଏବଂ ଏଥିରେ ପ୍ରାୟ ୮୩.୧୭ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯାଇଛି, ଯାହା ରାଜ୍ୟର ପ୍ରଗତି ପଥରେ ଏକ ଶକ୍ତିଶାଳୀ ପଦକ୍ଷେପ ।



# ଏକ ଉଦ୍ୟୋଗୀ ପରିସଂସ୍ଥାର ଗଠନ

ଯୋଜନା ଏବଂ ସବସିଡି ବାହାରେ, ଆପିକଲ ପାଞ୍ଚଟି ପ୍ରମୁଖ କ୍ଷେତ୍ରର ୧୧୭ ପ୍ରକାରର ଉଦ୍ୟୋଗରେ ୫,୦୦୦ରୁ ଅଧିକ ଉଦ୍ୟୋଗୀଙ୍କୁ ସହାୟତା ପ୍ରଦାନ କରି ଏକ ବାସ୍ତବ କୃଷି-ଷ୍ଟାର୍ଟଅପ୍ ପରିସଂସ୍ଥା ଗଠନ କରୁଛି । ବିଭିନ୍ନ କର୍ମଶାଳା, ପ୍ରଦର୍ଶନୀ ଏବଂ କ୍ରେତା-ବିକ୍ରେତା ସମ୍ମିଳନୀ ମାଧ୍ୟମରେ ଉଦ୍ୟୋଗୀମାନଙ୍କୁ ବ୍ୟାଙ୍କ, ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀ ଏବଂ ବଜାର ସହିତ ଯୋଡ଼ି, ଆପିକଲ ଓଡ଼ିଶାକୁ କୃଷି ଉଦ୍ୟୋଗ ଏବଂ ଗ୍ରାମୀଣ ନବସୃଜନର ଏକ ଉଦୀୟମାନ କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରୁଛି ।



# ଶୀତଳଭଣ୍ଡାର ଓ କ୍ରେତା-ବିକ୍ରେତା ସମ୍ମିଳନୀ

ଶୀତଳଭଣ୍ଡାର ଶୃଙ୍ଖଳକୁ ଲାଭଜନକ ଶୃଙ୍ଖଳାରେ ପରିଣତ କରିବା, ଯଦ୍ୱାରା ଚାଷୀଙ୍କ କ୍ଷୟକ୍ଷତି କମାଇ ଆୟ ବୃଦ୍ଧି କରିବ । ଶୀତଳଭଣ୍ଡାର ସମ୍ମିଳନୀ ଏବଂ କ୍ରେତା-ବିକ୍ରେତା ସମ୍ମିଳନୀର ମୁଖ୍ୟ ଆଲୋଚନା ଏକ ବଡ଼ ବିଚାର ଉପରେ କେନ୍ଦ୍ରିତ ଥିଲା । ଘରୋଇ ପୁଞ୍ଜି ନିବେଶ, ଅମଳ ପରବର୍ତ୍ତୀ ସଠିକ୍ ପରିଚାଳନା ଏବଂ ଉନ୍ନତ ବିପଦ-ସୁରକ୍ଷା ମାଧ୍ୟମରେ କିପରି ଶୀଘ୍ର ନଷ୍ଟ ହୋଇଯାଉଥିବା କୃଷିଜାତ ଦ୍ରବ୍ୟକୁ 'ଅଧିକ ବିପଦ' ପରିବର୍ତ୍ତେ 'ଅଧିକ ଲାଭ' ରେ ପରିଣତ କରାଯାଇପାରିବ, ସେ ବିଷୟରେ ବିଶେଷଜ୍ଞମାନେ ଆଲୋଚନା କରିଥିଲେ । ଏହି ଅବସରରେ ବଜାର ସହିତ ସୁଦୃଢ଼ ସଂଯୋଗ, ପ୍ରଯୁକ୍ତିଭିତ୍ତିକ ଶୀତଳଭଣ୍ଡାର ଏବଂ ବିପଦ ପ୍ରଶମନର ବ୍ୟବହାରିକ ପଦ୍ଧତିଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା, ଯାହା ଓଡ଼ିଶାରେ ଏକ ଆଧୁନିକ ତଥା ଚାଷୀ-କେନ୍ଦ୍ରିକ ଶୀତଳଭଣ୍ଡାର ପରିସଂସ୍ଥା ପାଇଁ ଏକ ଗତିଶୀଳ ରୋଡମ୍ୟାପ୍ ପ୍ରସ୍ତୁତ କରିଛି ।








# ଉତ୍ତମ ବିହନ : ପ୍ରଚୁର ଉତ୍ପାଦନ

## ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ (ଓ ଏସ୍ ଏସ୍ ସି)

ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ (OSSC) ସାରା ଓଡ଼ିଶାରେ ଚାଷୀମାନଙ୍କୁ ଉଚ୍ଚମାନର ବିହନ ଉତ୍ପାଦନ, ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ବଣ୍ଟନ ପାଇଁ ନୋଡାଲ୍ ଏଜେନ୍ସି ଭାବରେ କାର୍ଯ୍ୟ କରି ଆସୁଅଛି। ଏହାର ପ୍ରମୁଖ ପଦକ୍ଷେପ, "ମୋ ବିହନ ଯୋଜନା" ମାଧ୍ୟମରେ, OSSC ପଞ୍ଜିକୃତ ବିହନ ଚାଷୀମାନଙ୍କ ସହଯୋଗରେ ପ୍ରାମାଣିକ ଧାନ ଏବଂ ଅଣ-ଧାନ ବିହନ ଉତ୍ପାଦନକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ନିଗମ ଏହି କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ପ୍ରୋତ୍ସାହନ ପ୍ରଦାନ କରେ, ଯାହା ଚାଷୀମାନଙ୍କୁ ପ୍ରାମାଣିକ ବିହନ ଉତ୍ପାଦନରେ ନିୟୋଜିତ କରିବାକୁ ଉତ୍ସାହିତ କରେ, ଯାହା ରାଜ୍ୟରେ କୃଷି ଉତ୍ପାଦକତା ବୃଦ୍ଧି ପାଇଁ ଅତ୍ୟାବଶ୍ୟକ ।

୨୦୨୫ ଖରିଫ ଋତୁରେ ୮୮୩୦ ହେକ୍ଟର ଧାନ କ୍ଷେତ୍ରକୁ ପଞ୍ଜିକୃତ ହୋଇଥିଲା ଏବଂ ଏହାର ଆନୁମାନିକ ପ୍ରାମାଣିକ ବିହନ ଉତ୍ପାଦନ ପ୍ରାୟ ୧.୬୫ ଲକ୍ଷ କ୍ୱିଣ୍ଟାଲ ହେବ ଏବଂ ଏହାର କ୍ରୟ ପ୍ରକ୍ରିୟା ଜାରି ରହିଛି । ଖରିଫ-୨୦୨୫ରେ ଅଣ-ଧାନ ଫସଲ ପାଇଁ ପଞ୍ଜିକୃତ ୩୦୯୦ ହେକ୍ଟର ଜମି ମଧ୍ୟରୁ, OSSC ପ୍ରାୟ ୩୪,୮୦୦ କୁଇଣ୍ଟାଲ ପ୍ରାମାଣିକ ଅଣ-ଧାନ ବିହନ ସଂଗ୍ରହ କରିବ, ଯେଉଁଥିରେ ଚିନାବାଦାମ, ହରଡ, ମୁଗ, ବିରି, ଅଳସି , ଜୁଆର, ରାଶି, ସୁଆଁ, କୋଦୁଅ, କାଙ୍ଗୁ, ଖିରା ଏବଂ ମାଣ୍ଡିଆ ବିହନ ଅନ୍ତର୍ଭୁକ୍ତ ।

ରବି ୨୦୨୫-୨୬ ଉତ୍ପାଦନ ଋତୁରେ, ୧୭୦ ହେକ୍ଟର ଧାନ, ୭୦ ହେକ୍ଟର ମାଣ୍ଡିଆ, ୭୦୦୦ ହେକ୍ଟର ମୁଗ, ୫୦୦୦ ହେକ୍ଟର ବିରି, ୬୦୦ ହେକ୍ଟର ଚଣା, ୨୦୦ ହେକ୍ଟର ମଟର, ୫୦୦ ହେକ୍ଟର ଚିନାବାଦାମ, ୬୦୦ ହେକ୍ଟର ସୋରିଷ, ୫୬ ହେକ୍ଟର ମସୁର, ୪୦୦ ହେକ୍ଟର ରାଶି ବିହନ ଉତ୍ପାଦନ କ୍ଷେତ୍ର ନିଗମ ଦ୍ୱାରା ହାତକୁ ନିଆଯାଇଛି ।

'ମୋ ବିହନ ଯୋଜନା' ଅଧୀନରେ ଉତ୍ପାଦିତ ବିହନ ବ୍ୟତୀତ, OSSC ବିଭିନ୍ନ ପ୍ରତିଷ୍ଠିତ ଉତ୍ସରୁ, ଯେପରିକି ସରକାରୀ ଫାର୍ମ, ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ (OUAT), ଏମଓୟୁ ଫାର୍ମ, ଜାତୀୟ ବିହନ ନିଗମ ଏବଂ ଅନ୍ୟାନ୍ୟ ରାଜ୍ୟସ୍ତରୀୟ ବିହନ ନିଗମଠାରୁ ମଧ୍ୟ ପ୍ରାମାଣିକ ବିହନ ସଂଗ୍ରହ କରିଥାଏ । ଏହି ବିବିଧ କ୍ରୟ ରଣନୀତି ସମଗ୍ର ଓଡ଼ିଶାରେ ଚାଷୀଙ୍କ ବିବିଧ ଆବଶ୍ୟକତା ପୂରଣ କରିବା ପାଇଁ ଉଚ୍ଚମାନର ବିହନର ଏକ ସ୍ଥିର ଏବଂ ନିର୍ଭରଯୋଗ୍ୟ ଯୋଗାଣ ସୁନିଶ୍ଚିତ କରେ ।



୨୦୨୫-୨୬ ଆର୍ଥିକ ବର୍ଷ ପାଇଁ, ଓଡ଼ିଶା ରାଜ୍ୟ ବିହନ ନିଗମ ୪୦୦ କୋଟି ଟଙ୍କାର କାରବାର ଏବଂ ୧୫ କୋଟି ଟଙ୍କାର (ଅସ୍ଥାୟୀ) ଲାଭ କରିଅଛି । ଏହି ଦୃଢ଼ ଆର୍ଥିକ ପ୍ରଦର୍ଶନ ସ୍ଥାୟୀ ଅଭିବୃଦ୍ଧି ଏବଂ ଲାଭଦାୟକତା ସୁନିଶ୍ଚିତ କରିବା ସହିତ ଗୁଣାତ୍ମକ ବିହନ ଯୋଗାଇବାରେ ନିଗମ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

ବିଭିନ୍ନ ପ୍ରକାରର ଧାନ, ଡାଲି ଏବଂ ତୈଳବୀଜ ଫସଲର ବିହନ ଇତ୍ୟାଦିର ପ୍ରମାଣିତ ବିହନ, ରାଜ୍ୟର କୃଷକମାନଙ୍କୁ ନିଗମ ଦ୍ୱାରା  ପ୍ରାଧିକୃତ ଘରୋଇ ଡିଲରମାନଙ୍କ ଏବଂ ପ୍ରାଥମିକ କୃଷି ସେବା ସମବାୟ ସମିତି (PACS) / ବୃହତ୍ କ୍ଷେତ୍ର ବହୁମୁଖୀ ସମବାୟ ସମିତି (LAMPS) ମାଧ୍ୟମରେ DBT ପ୍ରକ୍ରିୟାରେ ବିକ୍ରୟ କରାଯାଏ । ଓଡ଼ିଶା ରାଜ୍ୟ ବିହନ ନିଗମ ପଞ୍ଚାୟତ ସ୍ତରରେ ବିହନ ଯୋଗାଣ ପାଇଁ ବ୍ୟବସ୍ଥା କରିଛି ଏବଂ ବିହନ ବିକ୍ରୟ ପାଇଁ ୪୫୮୦ ଜଣ ଡିଲର ଏବଂ ୨୧୮୬ PACS ନିଯୁକ୍ତ କରିଛି। ଗୁଣାତ୍ମକ ବିହନର ସୁଗମ ଯୋଗାଣ ପାଇଁ ନିଗମ ଦ୍ୱାରା ନିଆଯାଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଯାଇଛି ।


ବିହନ ଶୃଙ୍ଖଳରେ ଚାପ-ସହନଶୀଳ ଧାନ କିସମଗୁଡ଼ିକୁ ସକ୍ରିୟ ଭାବରେ ସଂଯୁକ୍ତ କରାଯାଇଛି, ଯାହା ଚାଷୀମାନଙ୍କୁ ଜଳବାୟୁ ପରିବର୍ତ୍ତନ ଜନିତ ବିପଦକୁ ହ୍ରାସ କରିବ, ଯାହା ସେମାନଙ୍କର ଫସଲକୁ ସୁରକ୍ଷିତ ରଖିବା ।

ଓଡ଼ିଶା ରାଜ୍ୟ ବିହନ ନିଗମର ଗୁରୁତ୍ୱପୂର୍ଣ୍ଣ ବିହନ ପ୍ରକ୍ରିୟାକରଣ କାର୍ଯ୍ୟକଳାପରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀକୁ (SHG)କୁ ସାମିଲ କରେ, ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ସୁଯୋଗ ଏବଂ ଦୈନିକ ମଜୁରୀ ପ୍ରଦାନ କରେ । ଏହା ବ୍ୟତୀତ, ତୃଣମୂଳ ସ୍ତରରେ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ଅଧିକାରପ୍ରାପ୍ତ ବିହନ ଡିଲର ଭାବରେ ସାମିଲ କରିବାକୁ ସକ୍ରିୟ ଭାବରେ ଯୋଜନା କରାଯାଉଛି ।

ନକଲି ବିହନର ମୁକାବିଲା କରିବା ଏବଂ ବଂଶାନୁଗତ ଶୁଦ୍ଧତା ଗ୍ୟାରେଣ୍ଟି କରିବା ପାଇଁ ବିହନ ନିଗମ ଗୁଣବତ୍ତା ନିଶ୍ଚିତତା କାର୍ଯ୍ୟକ୍ରମ ବଜାୟ ରଖିଥାଏ । ବିହନ ନିରୀକ୍ଷକମାନେ ନିୟମିତ ଭାବରେ ନମୁନା ସଂଗ୍ରହ କରି, ସେଗୁଡିକର ପରୀକ୍ଷା କରି, ସୁନିଶ୍ଚିତ କରନ୍ତି, ଯେ ବିକ୍ରି ହେଉଥିବା ପ୍ରତ୍ୟେକ ବ୍ୟାଗ ସର୍ବୋଚ୍ଚ ପ୍ରମାଣପତ୍ର ମାନଦଣ୍ଡ ପୂରଣ କରୁଥିବା ସୁନିଶ୍ଚିତ କରୁଛି ।

ନିଗମ ଏହାର ସଂରକ୍ଷଣ ଭିତ୍ତିଭୂମି କ୍ଷମତାକୁ ୩,୦୦,୨୭୬ କ୍ୱିଣ୍ଟାଲରୁ ୩,୪୦,୬୬୨ କ୍ୱିଣ୍ଟାଲକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରାଯାଇଛି, ଯାହା ବର୍ଷସାରା ବିହନ ବ୍ୟବହାର ଏବଂ ଉପଲବ୍ଧତାକୁ ସୁନିଶ୍ଚିତ କରାଯାଇପାରିଛି । ଏତଦ୍ ବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନ ଯଥା : ବରଗଡ଼, ବଲାଙ୍ଗିର, ସୋନପୁର, ବ୍ରହ୍ମପୁର, ବାବନପୁର (ଆସ୍କା), ଭୁବନେଶ୍ୱର, ସୁନ୍ଦରଗଡ଼ ଏବଂ ଶେରଗଡ଼ରେ ୮ଟି TPH ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ କରାଯାଇଛି । ନୂତନ ପିଟଲେସ୍ ଧର୍ମକଣ୍ଟା ସହିତ ସଜ୍ଜିତ ଏହି ଆଧୁନିକ ସୁବିଧାଗୁଡ଼ିକ ପ୍ରତ୍ୟେକ ପ୍ରକ୍ରିୟାକୃତ ବିହନର ସଠିକତା ଏବଂ ସ୍ଥିର ଗୁଣବତ୍ତା ସୁନିଶ୍ଚିତ କରୁଛି ।





# କୃଷି ଯାନ୍ତ୍ରିକୀକରଣ, ମହିଳା କୃଷକଙ୍କ ଶ୍ରମଭାର ଲାଘବ

**ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡ୍**
**(ଓ ଏ ଆଇ ସି)**

ଚାଷୀମାନଙ୍କୁ ଦ୍ୱାର ଦେଶରେ ସେବା ଯୋଗାଇବା ପାଇଁ, ନିଗମ ୩୦ଟି ଜିଲ୍ଲା କାର୍ଯ୍ୟାଳୟ ଏବଂ ୨ଟି ଶାଖା କାର୍ଯ୍ୟାଳୟ ରାଉରକେଲା ଏବଂ ଭୋଗରାଇରେ ସ୍ଥାପନ କରିଛି । ଏହା ବ୍ୟତୀତ ଲକ୍ଷ୍ମୀସାଗର, ଭୁବନେଶ୍ୱରରେ ଗୋଟିଏ ଗୋ ଏବଂ କୁକୁଡ଼ା ଖାଦ୍ୟ କାରଖାନା ଅଛି । ସତ୍ୟନଗର, ଭୁବନେଶ୍ୱରରେ ନିଗମର ମୁଖ୍ୟ କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ନିଗମ ରାଜ୍ୟର ଚାଷୀ ଏବଂ ଚାଷୀ ସମ୍ପ୍ରଦାୟକୁ ବିଭିନ୍ନ କୃଷି ଇନପୁଟ୍ ଯେପରିକି ସାର, ଜୈବ-ସାର, କୀଟନାଶକ, କୃଷି ଯନ୍ତ୍ରପାତି ପ୍ରଦାନ କରୁଛି। ଏହି ନିଗମ ଦ୍ୱାରା ବିଭିନ୍ନ ସବସିଡି ଯୋଜନାରେ କ୍ଷୁଦ୍ର ନଦୀ ଉଠା ଜଳସେଚନ ପ୍ରକଳ୍ପ (MRLIP), ସୌର କ୍ଷୁଦ୍ର ନଦୀ ଉଠା ଜଳସେଚନ ପ୍ରକଳ୍ପ (SMRLIP), ଧୀର ନଳକୂପ ପ୍ରକଳ୍ପ (STW) ଏବଂ ୦.୫ H.P ସୌର ପମ୍ପିଂ ସିଷ୍ଟମ ସହିତ ଜଳସେଚନର ବ୍ୟବସ୍ଥା କରାଯାଇଥାଏ । ଓଡ଼ିଶା କୃଷି ଶିଳ୍ପ ନିଗମ ଲିମିଟେଡ୍ ତାରିଖ ୦୨/୦୫/୨୦୨୫ରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, ଓଡିଶା ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ଉପସ୍ଥିତିରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୦୦୦ କୋଟି ଟଙ୍କାର ଲକ୍ଷ୍ୟ ସହିତ ଓଡ଼ିଶା ସରକାରଙ୍କ ସହିତ ଏମଓୟୁ ସ୍ୱାକ୍ଷର କରିଛି ।







# ଜଳନିଧି ଯୋଜନା

## ଜଳନିଧି ଯୋଜନା ଅଧିନରେ ଦୁଇଟି ଉପାଦାନ ରହିଛି ।

### କ) କ୍ଷୁଦ୍ର ନଦୀ ଉଠାଣ ଜଳସେଚନ ପ୍ରକଳ୍ପ (MRLIPs)

ଏହି ଯୋଜନାର  ବର୍ଷୱାରୀ ସଫଳତା ନିମ୍ନରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

- ଆର୍ଥିକ ବର୍ଷ ୨୦୨୪-୨୫ - ୩୩୯୭ ସଂଖ୍ୟକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ଯେଉଁଥିରେ ୬୭୯୪ ହେକ୍ଟର ଆୟକଟ କ୍ଷେତ୍ରକୁ ଜଳସେଚନ ଯୋଗାଇ ଦିଆଯାଇଛି ।

- ଆର୍ଥିକ ବର୍ଷ ୨୦୨୫-୨୬ ଜାନୁୟାରୀ, ୨୦୨୬ ପର୍ଯ୍ୟନ୍ତ - ପୂର୍ବ ବର୍ଷର ୮୪୧ ସଂଖ୍ୟକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି, ଯେଉଁଥିରେ ୧୬୮୨ ହେକ୍ଟର ଆୟକଟ ଅଞ୍ଚଳକୁ ଜଳସେଚନ ଯୋଗାଇ ଦିଆଯାଇଛି ।

ଚଳିତ ଆର୍ଥିକ ବର୍ଷ ୨୦୨୫ -୨୬  ମଧ୍ୟରେ ୩୨୦୦ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି ଓ ପ୍ରାୟ ୬୪୦୦ ହେକ୍ଟର ଆୟାକଟ ଅଞ୍ଚଳକୁ ଜଳସେଚନ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।

### ଖ) ସୌର କ୍ଷୁଦ୍ର ନଦୀ ଉଠା ଜଳସେଚନ ପ୍ରକଳ୍ପ (SMRLIPs)

ଏହି ଯୋଜନାର ବିଗତ ଦୁଇ ବର୍ଷର ସଫଳତା ନିମ୍ନରେ ପ୍ରଦାନ କରାଗଲା ।

- ଆର୍ଥିକ ବର୍ଷ ୨୦୨୪-୨୫ – ୩୧୮୦ ସଂଖ୍ୟକ ପ୍ରକଳ୍ପ ଆୟକଟ ଅଞ୍ଚଳକୁ ଜଳସେଚନ ସୁବିଧା ୬୩୬୦ ହେକ୍ଟରରେ ଯୋଗାଇ ଦିଆଯାଇଛି ।
- ଆର୍ଥିକ ବର୍ଷ ୨୦୨୫-୨୬ ଜାନୁୟାରୀ, ୨୦୨୬ ପର୍ଯ୍ୟନ୍ତ ପୂର୍ବ ବର୍ଷର ବାକିଆ ୮୪୧ ସଂଖ୍ୟକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ୧୬୮୨ ହେକ୍ଟର  ଆୟକଟ ଅଞ୍ଚଳକୁ ଜଳସେଚନ ସୁବିଧା ସହିତ ସମ୍ପୂର୍ଣ୍ଣ ହୋଇଛି ।

ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ୪୮୦୦ ପ୍ରକଳ୍ପ କାର୍ଯ୍ୟକାରୀ କରିବାର ଲକ୍ଷ୍ୟ ରଖାଯାଇଛି, ଯାହା ପ୍ରାୟ ୯,୬୦୦ ହେକ୍ଟର ଆୟକଟ ଅଞ୍ଚଳକୁ ଜଳସେଚନ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।



# ଜଳକ୍ଲିଷ୍ଟ ଅଞ୍ଚଳରେ ଭୂତଳ ଜଳର ସୁସ୍ଥାୟୀ ବିନିଯୋଗ

## (କ) ଅଗଭୀର ନଳକୂପ ପ୍ରକଳ୍ପ

ପ୍ରତ୍ୟେକ ଅଗଭୀର ନଳକୂପ ପ୍ରକଳ୍ପ ଖରିଫରେ ସର୍ବନିମ୍ନ ୫ ହେକ୍ଟର ଅଞ୍ଚଳକୁ ଜଳସେଚନ ସୁବିଧା ଯୋଗାଇଥାଏ। ପ୍ରକଳ୍ପଟି କ୍ଲଷ୍ଟର ପଦ୍ଧତିରେ ସ୍ଥାପନ କରାଯାଉଛି, ପ୍ରତ୍ୟେକ ୟୁନିଟ୍ ମୂଲ୍ୟ ସହିତ କ୍ଲଷ୍ଟରରେ ସର୍ବନିମ୍ନ ପାଞ୍ଚଟି ପ୍ରକଳ୍ପ ରହିଛି । ପ୍ରକଳ୍ପର ମୂଲ୍ୟ ୫,୧୮,୦୦୦/- ଟଙ୍କା, ଯେଉଁଥିରେ ଚାଷୀଙ୍କ ଅଂଶ କେବଳ ୨୦,୦୦୦/- ଟଙ୍କା।



- ଆର୍ଥିକ ବର୍ଷ ୨୦୨୪-୨୫ – ୨୪୦୧ଟି ପ୍ରକଳ୍ପ ମାଧ୍ୟମରେ ୧୨,୦୦୫ ହେକ୍ଟର ଅଞ୍ଚଳକୁ ଜଳସେଚନ ଯୋଗାଇ ଦିଆଯାଇଛି ।
- ଆର୍ଥିକ ବର୍ଷ ୨୦୨୫-୨୬- ପୂର୍ବ ବର୍ଷର ବାକିଥିବା ୩୮୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରି ୩୮୫ ହେକ୍ଟର ଅଞ୍ଚଳକୁ ଜଳସେଚିତ କରାଯାଇଛି ।



## (ଖ) ୦.୫ ଅଶ୍ୱଶକ୍ତି ସୌର ଜଳସେଚନ ପ୍ରଣାଳୀ

କେବଳ ଜଳସେଚନ ଏବଂ କୃଷି ଉଦ୍ଦେଶ୍ୟରେ ଚାଷୀଙ୍କ ଜମିରେ ଖୋଳାଯାଇଥିବା କୂପ/କ୍ଷେତ ପୋଖରୀ ନିକଟରେ ସୌର ଜଳସେଚନ ପ୍ରଣାଳୀ ସ୍ଥାପନ କରାଯାଉଛି । ପ୍ରକଳ୍ପର ୟୁନିଟ୍ ମୂଲ୍ୟ ଟଙ୍କା ୬୧,୨୧୮/- (ଡିସି ପୃଷ୍ଠ ପମ୍ପ), ଟଙ୍କା ୬୬,୮୫୨/- (ଏସି ପୃଷ୍ଠ ପମ୍ପ) ଏବଂ ଟଙ୍କା ୮୬,୬୬୦/- (ଏସି/ଡିସି ସବମର୍ସିବଲ୍ ପମ୍ପ)। ପ୍ରତ୍ୟେକ ପ୍ରକାରର ପମ୍ପିଂ ଜଳସେଚନ ବ୍ୟବସ୍ଥା ପାଇଁ, ପ୍ରତି ୟୁନିଟ୍ ପାଇଁ ସରକାରୀ ସହାୟତା ଟଙ୍କା ୫୪,୦୦୦/- ରଖାଯାଇଛି ।

- ଆର୍ଥିକ ବର୍ଷ ୨୦୨୪-୨୫ – ୩୯୪.୬ ହେକ୍ଟର ଆୟକଟ ଅଞ୍ଚଳରେ ୧୯୭୩ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ।
- ଆର୍ଥିକ ବର୍ଷ ୨୦୨୫-୨୬ - ଗତ ବର୍ଷର ବାକିଥିବା ୩୦୦ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ଯାହାକି ୬୦ ହେକ୍ଟର ଆୟକଟ ଅଞ୍ଚଳକୁ ଜଳସେଚନ କରୁଛି ।

## ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ ଓ ଜଳବାୟୁ ସହନଶୀଳ କୃଷି ଯୋଜନା (OIIPCRA)

ଏହି ଯୋଜନା ଅଧିନରେ ଆର୍ଥିକ ବର୍ଷ ୨୦୨୪-୨୫ରେ ୧୫୪୮ ହେକ୍ଟର ଆୟକଟ୍ ଅଞ୍ଚଳରେ ୭୭୪ଟି ସୌର କୂପ ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ।

# କୃଷି ଯାନ୍ତ୍ରିକୀକରଣ

ରାଜ୍ୟରେ କୃଷି ଯାନ୍ତ୍ରିକୀକରଣକୁ ପ୍ରୋତ୍ସାହିତ କରିବା ପାଇଁ, ନିଗମ ଓଡ଼ିଶାର ୩୦ଟି ଜିଲ୍ଲାରେ ଅବସ୍ଥିତ ଜିଲ୍ଲା ପରିଚାଳକ ଏବଂ ତାଲିକାଭୁକ୍ତ ଯୋଗାଣକାରୀଙ୍କ ଦ୍ୱାରା ରାଜ୍ୟର ଚାଷୀମାନଙ୍କୁ ଡିବିଟି ମାଧ୍ୟମରେ ଟ୍ରାକ୍ଟର, ପାୱାର ଟିଲର୍, ପାୱାର ଥ୍ରେସର୍, ସ୍ପ୍ରେୟର, ପମ୍ପ ସେଟ୍ ଏବଂ ଅନ୍ୟାନ୍ୟ ଉନ୍ନତ କୃଷି ଯନ୍ତ୍ରପାତି ଏବଂ ଉପକରଣ ଯୋଗାଇ ଦିଆଯାଉଛି । ଆର୍ଥିକ ବର୍ଷ ୨୦୨୪-୨୫ରେ ନିଗମ ୭୩୮୩ ଟ୍ରାକ୍ଟର, ୧୬୦ ପାୱାର ଟିଲର୍, ୧୯୭୧ ପାୱାର ଥ୍ରେସର୍, ୧୦୩୧ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ଯୋଗାଇ ଦେଇ ଏହା ବାବଦକୁ ୬୮୬.୩୭ କୋଟି ଟଙ୍କାର ବ୍ୟବସାୟ ହାସଲ କରିଛି । ଚଳିତ ଆର୍ଥିକ ବର୍ଷ (୨୦୨୫-୨୬)ରେ ନିଗମ ୧୪,୧୪୦ ଟ୍ରାକ୍ଟର, ୮୮ ପାୱାର ଟିଲର୍, ୧୫୫୬ ପାୱାର ଥ୍ରେସର୍ ଓ ୩୩୦୦ ସ୍ପ୍ରେୟର ଯୋଗାଇଛି । ଜାନୁୟାରୀ ୨୦୨୬ ସୁଦ୍ଧା ୧୨୭୨.୧୯ କୋଟି ଟଙ୍କାର ବ୍ୟବସାୟ ହାସଲ କରିଛି । ଓଡ଼ିଶା କୃଷି ଶିଳ୍ପ ନିଗମ ରାଜ୍ୟ/ଜିଲ୍ଲା/ସବଡିଭିଜନସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ମଧ୍ୟ ଅଂଶଗ୍ରହଣ କରୁଛି ଏବଂ କୃଷି କ୍ଷେତ୍ରରେ ଉନ୍ନତ ଯାନ୍ତ୍ରିକୀକରଣ କୃଷି ପଦ୍ଧତି ବିଷୟରେ ଚାଷୀମାନଙ୍କୁ ସଚେତନତା ପ୍ରଦାନ କରୁଛି ।






# ସୁରଭି

ବ୍ଲକସ୍ତରୀୟ ଖୁଚୁରା ବିକ୍ରୟ କେନ୍ଦ୍ର ପ୍ରତିଯୋଗିତାମୂଳକ ବ୍ୟବସାୟୀକ ପରିବେଶ ମଧ୍ୟରେ ବ୍ୟବସାୟ ସମ୍ପ୍ରସାରଣ ଏବଂ କୃଷକମାନଙ୍କ ନିକଟରେ କୃଷି ଉପକରଣ ଓ ସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ଓଡିଶା କୃଷି ଶିଳ୍ପ ନିଗମ ବ୍ଲକ ସ୍ତରରେ "ସୁରଭି" କେନ୍ଦ୍ର ଖୋଲିଛି । ରାଜ୍ୟର ପ୍ରତ୍ୟେକ ବ୍ଲକ୍ ରେ ଏହି ଆଉଟଲେଟଗୁଡ଼ିକୁ ଓଡ଼ିଶା କୃଷି ଶିଳ୍ପ ନିଗମର ଅଧିକୃତ ବିକ୍ରୟ ଆଉଟଲେଟ ଭାବରେ ଘରୋଇ ଉଦ୍ୟୋଗୀମାନଙ୍କ ସହିତ ମିଳିତ ଭାବରେ ପ୍ରତିଷ୍ଠିତ କରାଯାଉଛି ।

ଆର୍ଥିକ ବର୍ଷ ୨୦୨୪-୨୫ରେ, କ୍ଷୁଦ୍ର କୃଷି ଉପକରଣ ଉପରେ ନିର୍ଦ୍ଧାରିତ ସବସିଡି ଦେଇ ସୁରଭି ଡିଲରମାନଙ୍କ ମାଧ୍ୟମରେ ୧୧.୫୪ କୋଟି ଟଙ୍କାର ବିକ୍ରୟ କାରବାର ହୋଇଥିଲା ।

# କୃଷି ସାମଗ୍ରୀ ବିକ୍ରୟ

ଓଡ଼ିଶା କୃଷି ଶିଳ୍ପ ନିଗମ ସମସ୍ତ ପ୍ରକାରର କୃଷି ସାମଗ୍ରୀ ଯଥା; ସାର, ରାସାୟନିକ କୀଟନାଶକ, ଅଣୁସାର, ଜୈବିକ ସାର, ଜୈବ କୀଟନାଶକ, ମୃତ୍ତିକା ବିଶୋଧକ ଏହାର ପାଇକାରୀ ଦୋକାନ ମାଧ୍ୟମରେ ବିକ୍ରି କରିଥାଏ । ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶା କୃଷି ଶିଳ୍ପ ନିଗମ ୬୦.୪୭ କୋଟି ଟଙ୍କାର ୩୬,୯୫୪ ମେଟ୍ରିକ୍ ଟନ୍ ରାସାୟନିକ ସାର ଏବଂ ୧୫୫.୯୮ କୋଟି ଟଙ୍କାର ମୃତ୍ତିକା ବିଶୋଧକ ତଥା କୀଟନାଶକ ଏବଂ ଡୋଲୋମାଇଟ୍ ଭଳି ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେଇଛି । ଜାନୁୟାରୀ ୨୦୨୬ ସୁଦ୍ଧା, ନିଗମ ୫୩.୭୬ କୋଟି ଟଙ୍କାର ୩୧୨୭୫.୫୦ ମେଟ୍ରିକ୍ ଟନ୍ ସାର ଏବଂ ୧୧.୬୭ କୋଟି ଟଙ୍କାର ଅନ୍ୟାନ୍ୟ କୃଷି ସାମଗ୍ରୀ ଯୋଗାଇଛି ।

# ଓଡ଼ିଶା କୃଷି ଶିଳ୍ପ ନିଗମର ପ୍ରମୁଖ ସଫଳତା

ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୨୪-୨୫ ଆର୍ଥିକ ବର୍ଷରେ ୭୫୦ କୋଟି ଟଙ୍କାର ଏମଓୟୁ ଲକ୍ଷ୍ୟକୁ ଅତିକ୍ରମକରି ୧୩୮୪.୮୪ କୋଟି ଟଙ୍କାର ରେକର୍ଡ କାରବାର କରିଛି ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୦୦୦ କୋଟି ଟଙ୍କାର ଏମଓୟୁ ଲକ୍ଷ୍ୟକୁ ଅତିକ୍ରମ କରିବା ପାଇଁ ନିରନ୍ତର ପ୍ରୟାସ କରାଯାଉଛି । ତା ୨୪.୦୨.୨୦୨୫ ରିଖରେ ୨୦୨୨-୨୩ ଆର୍ଥିକ ବର୍ଷର ଲାଭାଂଶ ପାଇଁ ୧,୩୫,୭୮,୫୦୨ ଟଙ୍କା ଏବଂ ୨୦୨୩-୨୪  ଲାଭାଂଶ ପାଇଁ ୫,୨୩,୭୪,୨୨୨ ଟଙ୍କା ଓଡ଼ିଶା ସରକାରକୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ କରକମଳରେ ଅର୍ପଣ କରାଯାଇଥିଲା । ନିଗମ ତାର ସାମାଜିକ ଦାୟିତ୍ୱ  (CSR) ପାଇଁ ବିଗତ ୫  ବର୍ଷରେ ୧,୮୫,୫୨,୦୦୦  ଟଙ୍କା ସାମାଜିକ କଲ୍ୟାଣ ପାଇଁ ପ୍ରଦାନ କରିଛି । ୨୦୨୫ ବର୍ଷ ମଧ୍ୟରେ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ଓଡ଼ିଶା କୃଷି ଶିଳ୍ପ ନିଗମକୁ ସର୍ବୋତ୍ତମ ପ୍ରଦର୍ଶନକାରୀ ସାର୍ବଜନୀନ କ୍ଷେତ୍ରର ଉଦ୍ୟୋଗ ଭାବରେ ଘୋଷଣା କରାଯାଇଥିଲା । ଆଇ. ଇ .ସିଏବଂ ଆଉଟରିଚ୍ କାର୍ଯ୍ୟକଳାପରେ ପ୍ରଦର୍ଶନ କରି କୃଷି ଓଡ଼ିଶା ଏହାର ଅନନ୍ୟ ଏବଂ ଅଭିନବ ଷ୍ଟଲ୍ ପାଇଁ ଓଡ଼ିଶା କୃଷି ଶିଳ୍ପ ନିଗମ ଦ୍ୱିତୀୟ ପୁରସ୍କାର ପାଇଛି ।





# କାଜୁ ଉନ୍ନୟନ ମାଧ୍ୟମରେ ଜୀବିକା ବୃଦ୍ଧି

## ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ (ଓ.ଏସ୍.ସି.ଡି.ସି)

ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ (OSCDC) ଲିମିଟେଡ୍, ବର୍ଷବର୍ଷ ଧରି ସଫଳତାର ସହିତ ନିଜକୁ ଏକ ନେଟ୍ ଲାଭକାରୀ ନିଗମ ଭାବରେ ପ୍ରତିପାଦିତ କରିଛି । ଏହି ନିଗମ ୫୮୭ଟି ଯାଗାରେ ୨୭,୦୦୦ ହେକ୍ଟର ଜମିରେ ବୃକ୍ଷ ରୋପଣ ବ୍ୟବସ୍ଥା କରିଛି । ନିଗମ ଦ୍ୱାରା ଉତ୍ପାଦିତ ଗୁଣବତ୍ତାପୂର୍ଣ୍ଣ କାଜୁ ଚାରା ଦେଶରେ ପ୍ରସିଦ୍ଧି ଲାଭ କରିଛି ଏବଂ ନିଗମ ରାଜ୍ୟରେ ୧୯୮୦ରେ ଥିବା ୩୫,୦୦୦ ହେକ୍ଟର କାଜୁ ଚାଷ ଜମିରୁ ୨୦୨୪ -୨୫ ମସିହାରେ ୧.୭ ଲକ୍ଷ ହେକ୍ଟରକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

## ଆର୍ଥିକ ବର୍ଷ ୨୦୨୫-୨୬ ସଫଳତା

- ମୋଟ କାଜୁ କ୍ଷେତ୍ର **୨୭୦୦୦ ହେକ୍ଟର**
- ୯୨୮୦୦ଟି ଉଚ୍ଚ ଉତ୍ପାଦନକ୍ଷମ ଚାରା ଯୋଗାଣ
- କାର୍ଯ୍ୟକାରୀ ଜିଲ୍ଲା ସଂଖ୍ୟା **୨୦**
- **୨୭୦୦୦ ହେକ୍ଟର** ପୁନଃରୋପଣ
- **୧୩୬୬ ହେକ୍ଟର** କାଜୁ ବଗିଚାର ରକ୍ଷଣାବେକ୍ଷଣ (୨୦୨୫-୨୬)



# ପୁନଃରୋପଣ ଓ ରକ୍ଷଣାବେକ୍ଷଣ

ନିଗମ ରାଜ୍ୟରେ ୨୦ଟି ଜିଲ୍ଲାରେ ପ୍ରାୟ ୨୭,୦୦୦ ହେକ୍ଟର କାଜୁ ଜଙ୍ଗଲ ଜମିରେ ମାଲିକାନା ଅଛି, ଯାହା ଓଡ଼ିଶାକୁ କାଜୁ ଉତ୍ପାଦନ କ୍ଷେତ୍ରରେ ପ୍ରମୁଖ ରାଜ୍ୟ ହେବାରେ ସାହାଯ୍ୟ କରେ। ୨୦୨୫-୨୬ ମସିହାରେ ନିଗମ ସଫଳତାର ସହିତ ୪୬୪ ହେକ୍ଟର ଜମିରେ ୯୨,୮୦୦ ଉଚ୍ଚ ଉତ୍ପାଦନ କ୍ଷମ କାଜୁ ପ୍ରଜାତିର ନୂତନ ଗଛ ଲଗାଇଛି, ଯେଉଁଥିରୁ ୪୪୬ ହେକ୍ଟର ଜମି ନିଗମ ଅଧୀନରେ ଏବଂ ବାକି ୧୮ ହେକ୍ଟର ଜମି ବ୍ୟକ୍ତିଗତ ହିତାଧିକାରୀ ମାନଙ୍କର । କାଜୁ ଗଛ ଫଳ ଦେବା ପୂର୍ବରୁ ଅତିକମ୍‌ରେ ୩ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଆବଶ୍ୟକ କରିଥାଏ ତେଣୁ କାଜୁ ଲଗାଇଥିବା ପରେ ୩ ବର୍ଷ ପର୍ଯ୍ୟନ୍ତ, ଖତ ସାର ଦେଇ ସୁରକ୍ଷା କରାଯାଏ । ୨୦୨୫-୨୬ ଆର୍ଥିକ ବର୍ଷରେ ନିଗମ ୧୩୬୬ ହେକ୍ଟର କାଜୁ ଲଗାଇଥିବା ଜମିର ରକ୍ଷଣାବେକ୍ଷଣ କରିଛି ।



# ବୃକ୍ଷର ଛେଦନ ଓ ବୃକ୍ଷ ଛତ୍ର ପରିଚାଳନା

୨୦୨୫ ପର୍ଯ୍ୟନ୍ତ ଓଏସସିଡିସି ଦ୍ୱାରା ପ୍ରାୟ ୧୧,୦୦୦ ହେକ୍ଟର ଜମିରେ ପୁନଃରୋପଣ କରାଯାଇଛି ଏବଂ ଜମିରେ ଥିବା ପୁରୁଣା ଗଛ ସ୍ଥାନରେ ଅଧିକ ଅମଳକ୍ଷମ କାଜୁ କିସମ ଲଗାଯାଇଛି । ତେଣୁ ଏହାର ରକ୍ଷଣବେକ୍ଷଣ ପାଇଁ ୨୦୦ ହେକ୍ଟର ଜମିରେ "ଛେଦନ ଏବଂ ବୃକ୍ଷଛତ୍ର ପରିଚାଳନା" କାର୍ଯ୍ୟକଳାପ ହାତକୁ ନିଆଯାଇଛି, ଯେଉଁଠାରେ ଗଛର ଅଗ କାଟିବା ଦ୍ୱାରା ଗଛର ଚଉତରା ପରିଚାଳନା କରାଯାଏ ଏବଂ ଏହା ଦ୍ୱାରା ଗଛର ପ୍ରତ୍ୟେକ ଶାଖା ଉପଯୁକ୍ତ ବାୟୁ ଏବଂ ସୂର୍ଯ୍ୟକିରଣ ପାଇପାରେ । ଆହୁରି ମଧ୍ୟ, ଏହା ପରେ ଗଛଗୁଡ଼ିକୁ ଖତ ସାର ଦିଆଯାଏ ଏବଂ ବୃକ୍ଷରୋପଣରୁ ସର୍ବାଧିକ ଅମଳ ପାଇଁ ଉଦ୍ଭିଦ ସୁରକ୍ଷା ନିମନ୍ତେ ରାସାୟନିକ ସିଞ୍ଚନ ମଧ୍ୟ କରାଯାଏ ।

# ଉଚ୍ଚ ଉତ୍ପାଦନକାରୀ କାଜୁ ଚାରା ଉତ୍ପାଦନ

ଓଏସସିଡିସିର ରାଜ୍ୟରେ ୨୦ ଟି କାଜୁ କ୍ଲୋନାଲ ନର୍ସରୀ ଅଛି, ଯେଉଁଠାରେ ବାର୍ଷିକ ୩୯,୦୦,୦୦୦ ଉଚ୍ଚମାନର କାଜୁ ଚାରା ଉତ୍ପାଦନ କରାଯାଇପାରୁଛି ଏବଂ ଏହା ଦେଶରେ ସର୍ବାଧିକ । ଏହି କାଜୁ ଚାରାଗୁଡିକୁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ, ଆଇଟିଡିଏ ଏବଂ ରାଜ୍ୟ ଓ ପଡୋଶୀ ରାଜ୍ୟର ବିଭିନ୍ନ ଏନଜିଓମାନେ କାଜୁ ବଗିଚା ବିକାଶ ପାଇଁ ବ୍ୟବହାର କରନ୍ତି । ଫଳରେ କାଜୁ ଚାଷୀମାନଙ୍କ ଜୀବନ ଧାରଣର ମାନରେ ଉନ୍ନତ ଘଟୁଛି ।




# ସୁନିଶ୍ଚିତ ଗୁଣବତ୍ତା ଉତ୍ତମ ଭବିଷ୍ୟତ ପାଇଁ ପ୍ରାମାଣିକ ବିହନର ଆବଶ୍ୟକତା

**ଓଡ଼ିଶା ରାଜ୍ୟ ବିହନ ଓ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥା (ଓସୋପକା)**

ବିହନ ଉତ୍ପାଦନରେ ପ୍ରମାଣନ ମାଧ୍ୟମରେ ବିହନର ଗୁଣ ସମ୍ପର୍କିତ ଅନୁମୋଦିତ ମାନକୁ ସୁନିଶ୍ଚିତ କରିବା ହେଉଛି ବିହନ ପ୍ରମାଣନର ପ୍ରଧାନ ଲକ୍ଷ୍ୟ । ଓଡ଼ିଶା ରାଜ୍ୟ ବିହନ ଓ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥା (ଓସୋପକା)କେନ୍ଦ୍ରୀୟ ବିହନ ପ୍ରମାଣନ ବୋର୍ଡ (CSCB) ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଭାରତୀୟ ସର୍ବନିମ୍ନ ବିହନ ପ୍ରମାଣନ ମାନକ (IMSCS) ପୁସ୍ତକରେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସାରେ କେବଳ ବିଜ୍ଞପିତ କିସମକୁ ପ୍ରମାଣ ନକରିଥାଏ । ୨୦୦୮ ମସିହା ଠାରୁ ଜୈବ ପ୍ରମାଣନ କାର୍ଯ୍ୟ ଏହି ସଂସ୍ଥା ସହ ଜଡିତ ହେବାରୁ ଏହାର ନାମ ପରିବର୍ତ୍ତିତ ହୋଇ "ଓଡିଶା ରାଜ୍ୟ ବିହନ ଓ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥା" (OSSOPCA) ହୋଇଅଛି ।

ବିହନ ପ୍ରମାଣୀକରଣ କହିଲେ, ସାଧାରଣତଃ ଏକ ନିର୍ଦ୍ଦିଷ୍ଟ ଗୁଣମାନର ପ୍ରତିଶୃତିବଦ୍ଧତାକୁ ବୁଝାଇଥାଏ, ଯାହା ଉନ୍ନତଫସଲ ଉତ୍ପାଦନ କରିବା ସମେତ ବିହନରେ ଆନୁବଂଶିକ ଶୁଦ୍ଧତା, ଭୌତିକଶୁଦ୍ଧତା, ଶାରୀରିକ ଗୁଣବତ୍ତା ଏବଂ ସ୍ୱାସ୍ଥ୍ୟର ନିର୍ଦ୍ଦିଷ୍ଟ ସ୍ତରକୁ ସୁରକ୍ଷିତ, ବଜାୟରଖିବା ।

**"ବିହନ ପ୍ରମାଣୀକରଣ ସ୍ୱେଚ୍ଛାକୃତ ଅଟେ କିନ୍ତୁ ଫଳକ ଲଗାଇବା ବାଧତାମୂଳକ"**

ବିହନ ଉତ୍ପାଦନରେ ପ୍ରମାଣନ ମାଧ୍ୟମରେ ବିହନର ଗୁଣ ସମ୍ପର୍କିତ ଅନୁମୋଦିତ ମାନକୁ ସୁନିଶ୍ଚିତ କରିବା ହେଉଛି ବିହନ ପ୍ରମାଣନର ପ୍ରଧାନ ଲକ୍ଷ୍ୟ । କୃଷି ଉତ୍ପାଦନ ଓ ଫସଲର ଉତ୍ପାଦକତା ବୃଦ୍ଧିରେ ଉତ୍ତମ, ଗୁଣବତ୍ତାବିଶିଷ୍ଟ ବିହନର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ ରହିଆସିଛି ।

ରାଜ୍ୟରେ ଖରିଫ-୨୦୧୪ଠାରୁ ଓସୋପକା ଦ୍ୱାରା ପ୍ରମାଣନ ସମ୍ବନ୍ଧୀୟ ସମୁଦାୟ କାର୍ଯ୍ୟ ସୁଚାରୁରୂପେ ଅନଲାଇନରେ ସମ୍ପାଦିତ ହେଉଛି । ଏତଦ୍ଦ୍ୱାରା ବିହନ ଉତ୍ପାଦନକାରୀ ତଥା କୃଷକମାନେ ଅଯଥା ଖର୍ଚ୍ଚାନ୍ତ ନ ହୋଇ ସହଜରେ ନିଜ ଘରେ ବା ନିକଟସ୍ଥ ସୂଚନା ବା ସାଧନା କେନ୍ଦ୍ରରେ ଅନଲାଇନରେ ବିହନ କ୍ଷେତ୍ରଗୁଡିକର ପଞ୍ଜୀକରଣ କରାଇବା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଓ ଫଳାଫଳ ଯଥା ସମୟରେ ପାଇ ପାରୁଛନ୍ତି । ଫଳରେ ବିଭିନ୍ନ ଫସଲ ନିମିତ୍ତ ବିହନ ପ୍ରମାଣନ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହୋଇପାରୁଛି। ଭାରତ ସରକାର ବର୍ତ୍ତମାନ OSSOPCA ଅନଲାଇନ ସିଷ୍ଟମର ବିହନ ପ୍ରମାଣୀକରଣ ଓ ବିହନ ପରୀକ୍ଷଣକୁ "SATHI" Portal(Seed Authentication, Traceability & Holistic Inventory)ନାମରେ ଉନ୍ନତ କରିଛନ୍ତି ।

ଚାଷୀମାନେ ପଞ୍ଜିକରଣ କରିବା ପାଇଁ ଧାନ ଓ ବାଦାମ ବ୍ୟତୀତ ବିହନ ବୁଣିବାର ୧୦ ଦିନ ଭିତରେ "SATHI" Portalରେ ଆବେଦନ କରିପାରିବେ ।

ଉଭୟ ଧାନ ଓ ଅଣଧାନ ଫସଲ ପାଇଁ ମୋଟ ପ୍ରସ୍ତାବିତ ପଞ୍ଜୀକୃତ ଅଞ୍ଚଳ ୪୫,୦୦୦ ହେକ୍ଟର ହୋଇଥିଲାବେଳେ ଖରିଫ୍ ୨୦୨୫ରେ ୨୪,୦୦୦ ହେକ୍ଟର ତୁଳନାରେ ୨୪,୪୫୧.୯୮ ହେକ୍ଟର ଅଞ୍ଚଳ ପଞ୍ଜୀକୃତ ହୋଇଛି ଏବଂ ୨୦୨୫-୨୬ର ରବି ଋତୁରେ ପ୍ରସ୍ତାବିତ କ୍ଷେତ୍ର ୨୦,୦୦୦ ହେକ୍ଟର ଅଛି । ସେହିଭଳି, ଖରିଫ ୨୦୨୫ ଋତୁରେ ୩,୫୦,୦୦୦ କ୍ୱିଣ୍ଟାଲ ଓ ରବି ୨୦୨୫-୨୬ଋତୁରେ ୧,୦୦,୦୦୦ କ୍ୱିଣ୍ଟାଲ (ସମୁଦାୟ ୪,୫୦,୦୦୦ କ୍ୱିଣ୍ଟାଲ) ପ୍ରମାଣିତ ବିହନ ଉତ୍ପାଦନର ଲକ୍ଷ୍ୟ ରହିଛି ।

**ରାଜ୍ୟରେ ଓସୋପକା ଦ୍ୱାରା ପଞ୍ଜୀକୃତ ଅଞ୍ଚଳ (ହେକ୍ଟର),ପ୍ରମାଣିତ ଅଞ୍ଚଳ (ହେକ୍ଟର) ଓ ପ୍ରମାଣିତ ବିହନର ପରିମାଣ (କୁଇଣ୍ଟାଲ) ୨୦୨୨-୨୩ମସିହାରୁ ୨୦୨୪-୨୦୨୫ ମସିହା ପର୍ଯ୍ୟନ୍ତ ନିମ୍ନରେ ଏକ ସାରଣୀ ମାଧ୍ୟମରେ ଦର୍ଶାଗଲା -**

| କ୍ରମିକ ସଂଖ୍ୟା | ମସିହା | ପଞ୍ଜୀକୃତ ଅଞ୍ଚଳ (ହେକ୍ଟର) | ପ୍ରମାଣିତ ଅଞ୍ଚଳ (ହେକ୍ଟର) | ପ୍ରମାଣିତ ବିହନ ପରିମାଣ (କ୍ୱିଣ୍ଟାଲ) |
|---|---|---|---|---|
| ୧ | ୨୦୨୨-୨୩ | ୨୯,୧୩୪.୭୭ | ୨୮,୦୪୭.୮୬ | ୩,୯୩,୧୩୧.୧୧ |
| ୨ | ୨୦୨୩-୨୪ | ୩୭,୮୧୦.୩୯ | ୩୫,୫୭୮.୦୪ | ୩,୭୬,୮୬୭.୦୯ |
| ୩ | ୨୦୨୪-୨୫ | ୪୩,୪୨୧.୩୩ | ୩୭,୬୯୯.୯୪ | ୩,୬୪,୩୬୩.୯୬ |

ବିହନ ପରୀକ୍ଷଣ ହେଉଛି ପ୍ରମାଣିତ ବିହନ ଉତ୍ପାଦନର ଏକ ଅବିଚ୍ଛେଦ୍ୟ ଓ ଗୁରୁତ୍ୱପୂର୍ଣ ଅଂଶ । ଚାଷୀ ମାନଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ, ପରୀକ୍ଷିତ ବିହନଗୁଡ଼ିକ କେନ୍ଦ୍ରୀୟ ବିହନ ପ୍ରମାଣନ ବୋର୍ଡ (CSCB) ଭାରତ ସରକାରଙ୍କ, ନୂଆଦିଲ୍ଲୀ ଦ୍ୱାରା ପ୍ରକାଶିତ ଭାରତୀୟ ସର୍ବନିମ୍ନ ବିହନ ପ୍ରମାଣନ ମାନକ (IMSCS) ପୁସ୍ତକରେ ଉଲେଖ କରାଯାଇଥିବା ବିଭିନ୍ନ ଫସଲ କିସମ ପାଇଁ ସର୍ବନିମ୍ନ ମାନକ ବିହନର ଗଜା ଶକ୍ତି, ଶାରୀରିକ ଶୁଦ୍ଧତା,ବୀଜର ଆର୍ଦ୍ରତ, ମିଶା କିସମ ହାର (ଧାନ), ବିହନର ସ୍ୱାସ୍ଥ୍ୟ ଏବଂ ପୋକ ସଂକ୍ରମଣ ମାନଦଣ୍ଡ ପୂରଣ କରୁଛି ।

ଓସୋପୋକା ଅଧୀନରେ ଥିବା ୬ଟି ସ୍ୱୀକୃତିପ୍ରାପ୍ତ ଓ ବିଜ୍ଞପିତବିହନ ପରୀକ୍ଷାଗାର ଦ୍ୱାରା ୨୦୨୫-୨୬ରେ (ଉଭୟ ଖରିଫ ଓ ରବି ଋତୁ) ନମୁନା ପରୀକ୍ଷଣର ସଂଖ୍ୟା ନିମ୍ନରେ ଏକ ସାରଣୀ ମାଧ୍ୟମରେ ଦର୍ଶାଗଲା;

| କ୍ରମିକ ସଂଖ୍ୟା | ବିହନ ପରୀକ୍ଷାଗାର ନାମ | ନମୁନା ପରୀକ୍ଷଣ ସଂଖ୍ୟା | ସର୍ବାଧିକ ମାନକ ନମୁନା ସଂଖ୍ୟା | ସର୍ବନିମ୍ନ ମାନକ ନମୁନା ସଂଖ୍ୟା |
|---|---|---|---|---|
| ୧ | ବରଗଡ଼ | ୬୪୦ | ୫୮୮ | ୫୨ |
| ୨ | ରାୟଗଡ଼ା | ୧୩୬୨ | ୧୨୬୧ | ୧୦୧ |
| ୩ | ବାଲେଶ୍ୱର | ୧୭୬୦ | ୧୫୭୦ | ୧୯୦ |
| ୪ | ବଡ଼ଚଣା | ୮୫୦ | ୭୯୮ | ୫୨ |
| ୫ | ଭବାନୀପାଟଣା | ୧୧୦୧ | ୯୯୧ | ୧୧୦ |
| ୬ | ସମ୍ବଲପୁର | ୪୯୮ | ୪୫୨ | ୪୬ |
| | **ସମୁଦାୟ** | **୬୨୧୧** | **୫୬୬୦** | **୫୫୧** |

# ଆନୁବଂଶିକ ଶୁଦ୍ଧତା ପରୀକ୍ଷା

ବାଦାମ ପିଣ୍ଡ ବିହନର କିସମ ଶୁଦ୍ଧତାକୁ ଆକଳନ କରିବାକୁ ଆନୁବଂଶିକ ଶୁଦ୍ଧତା ପରୀକ୍ଷା ୨୦୨୫-୨୬ ମସିହାରେ କରାଯାଇଥିଲା ।

ସେହି ପରୀକ୍ଷା ପାଇଁ ବିଭିନ୍ନ ବିହନ ପ୍ରମାଣନ ସଂସ୍ଥାରୁ ନମୁନା ସଂଗ୍ରହ କରାଯାଇ ଓସୋପକାର ଆନୁବଂଶିକ ଶୁଦ୍ଧତା ପରୀକ୍ଷା ଫାର୍ମ, ଆଇଗିଣିଆଠାରେ ବୁଣାଯାଇଥିଲା । ୨୦୨୫-୨୬ ମସିହାରେ ୨୦ଟି ନମୁନାର ଆନୁବଂଶିକ ଶୁଦ୍ଧତା ପରୀକ୍ଷା କରାଯାଇଥିଲା ।





ନୂତନ IMAGE କୋଠା (ନିର୍ମାଣାଧୀନ)




# ସଂପ୍ରସାରଣ ମାଧମରେ କୃଷକ ଆତ୍ମବିଶ୍ୱାସର ଅଭିବୃଦ୍ଧି

**କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ (ଇମେଜ)**

ବିଭାଗୀୟ ଅଧିକାରୀ ଏବଂ ଚାଷୀମାନଙ୍କୁ ତାଲିମ ପ୍ରଦାନ କରିବା ଉଦ୍ଦେଶ୍ୟରେ 'ଇମେଜ' (IMAGE) ପ୍ରତିଷ୍ଠା କରାଯାଇଛି । ଏହାର ମୁଖ୍ୟ କାର୍ଯ୍ୟକଳାପ ଗୁଡ଼ିକ ହେଲା :

- ବରିଷ୍ଠ ଏବଂ ମଧ୍ୟମସ୍ତରୀୟ ଅଧିକାରୀ / ଚାଷୀ / କ୍ଷେତ୍ର କର୍ମଚାରୀଙ୍କ ପାଇଁ ତାଲିମ ।
- ସମ୍ପ୍ରସାରଣ ସଂସ୍କାର ଯୋଜନା (ATMA - ଆତ୍ମା)ର କାର୍ଯ୍ୟକାରିତା ଏବଂ ତଦାରଖ ।
- ବଳରାମ (BALARAM) ଯୋଜନାର ତଦାରଖ ।
- ସବୁଜ କୃଷି (Green Agriculture) ପ୍ରକଳ୍ପର ପରିଚାଳନା ।
- 'କୃଷି ଓଡ଼ିଶା' ର ଆୟୋଜନ ।
- ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରର ରାଜ୍ୟ ନୋଡାଲ ସଂସ୍ଥା ।
- 'କୃଷି ସମୃଦ୍ଧି ହେଲ୍ପଲାଇନ' କାର୍ଯ୍ୟକାରୀ କରିବାରେ ସହାୟତା ।
- ରାଜ୍ୟ କୃଷି ପରିଚାଳନା ଏବଂ ସମ୍ପ୍ରସାରଣ ପ୍ରଶିକ୍ଷଣ ସଂସ୍ଥା (SAMETI) ଭାବରେ କୃଷି ବିକ୍ରେତାମାନଙ୍କ ପାଇଁ କୃଷି ସମ୍ପ୍ରସାରଣ ସେବାରେ ଡିପ୍ଲୋମା (DAESI) କାର୍ଯ୍ୟକ୍ରମର ତଦାରଖ ।
- କୃଷି ସମ୍ପ୍ରସାରଣ ପରିଚାଳନାରେ ସ୍ନାତକୋତ୍ତର ଡିପ୍ଲୋମା (PGDAEM)ପାଇଁ ନୋଡାଲ୍ ପ୍ରତିଷ୍ଠାନ ।
- ଗୋଷ୍ଠୀ ବେତାର କେନ୍ଦ୍ରଗୁଡ଼ିକର (CRS) ତଦାରଖ ।
- ଗ୍ରାମୀଣ ଯୁବକମାନଙ୍କ ପାଇଁ ଦକ୍ଷତା ତାଲିମ (STRY) କାର୍ଯ୍ୟକ୍ରମର ତଦାରଖ ।

## ସମ୍ପ୍ରସାରଣ ସଂସ୍କାର (Extension Reforms)

ସମ୍ପ୍ରସାରଣ ସଂସ୍କାର ବିଭିନ୍ନ ଯୋଜନା ଏବଂ କ୍ଷେତ୍ର ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଏକ ମଞ୍ଚଭାବରେ କାର୍ଯ୍ୟ କରେ । ଚାଷୀଙ୍କ ଆୟ ବୃଦ୍ଧି କରିବା ଲକ୍ଷ୍ୟରେ ବିଭିନ୍ନ ବିଭାଗମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ପାଇଁ ଏହା ଏକ ସୁଯୋଗ ପ୍ରଦାନ କରେ । ଚାଷୀମାନଙ୍କ ବୈଷୟିକ ଜ୍ଞାନକୌଶଳ ଏବଂ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଏବଂ କାର୍ଯ୍ୟକଳାପ ଗ୍ରହଣ କରାଯାଉଛି । ଚଳିତ ବର୍ଷ ରାଜ୍ୟରେ ୭୦,୦୦୦ରୁ ଅଧିକ ଚାଷୀ ଏହା ଦ୍ୱାରା ଉପକୃତ ହୋଇଛନ୍ତି । ମହିଳାମାନଙ୍କ ଉପରେ ବିଶେଷ ଧ୍ୟାନଦିଆଯାଇ ୨୫୦୦ରୁ ଅଧିକ କୃଷକ ଗୋଷ୍ଠୀକୁ ସହାୟତା ଯୋଗାଇ ଦିଆଯାଇଛି। 'କୃଷି ଓଡ଼ିଶା' କାର୍ଯ୍ୟକ୍ରମରେ ରାଜ୍ୟସ୍ତରରେ ୧୮୦ ଜଣ ସଫଳଚାଷୀ/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହି ଯୋଜନା ଅଧୀନରେ ସମ୍ବର୍ଦ୍ଧିତ କରାଯାଇଛି ।

ଏହାବ୍ୟତୀତ, ମୁଖ୍ୟ କାର୍ଯ୍ୟ କଳାପ ଯଥା - କୃଷକ ଗୋଷ୍ଠୀ ଗଠନ, ଚାଷୀଙ୍କ ପାଇଁ ରାଜ୍ୟ ଭିତରେ ଓ ରାଜ୍ୟ ବାହାରକୁପରିଦର୍ଶନ (ଏକ୍ସପୋଜର ଭିଜିଟ୍), ଆବାସିକ ଓ ଅଣ-ଆବାସିକ ତାଲିମ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ପ୍ରଦର୍ଶନୀ ଚାଷୀଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧି କରିଛି । ଗ୍ରାମାଞ୍ଚଳରେ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଗ୍ରାମରୁ ସହରକୁ ସ୍ଥାନାନ୍ତରଣ ରୋକିବା ପାଇଁ ଚଳିତ ବର୍ଷ ପ୍ରତ୍ୟେକ ଜିଲ୍ଲାରେ 'ଆତ୍ମା' (ATMA) ଅଧୀନରେ ଗ୍ରାମୀଣ ଯୁବକମାନଙ୍କ ପାଇଁ ଦକ୍ଷତା ବିକାଶ ତାଲିମ ଆୟୋଜନ କରାଯାଇଥିଲା ।






## ତାଲିମ କାର୍ଯ୍ୟକ୍ରମ

ବିଗତ ବର୍ଷଗୁଡ଼ିକରେ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ତଥା ବରିଷ୍ଠ ଏବଂ ମଧ୍ୟମସ୍ତରୀୟ ସମ୍ପ୍ରସାରଣ କର୍ମଚାରୀଙ୍କ ପାଇଁ କୃଷି ସମ୍ପ୍ରସାରଣ ପରିଚାଳନା ବିଷୟରେ କ୍ୟାମ୍ପସ ଭିତରେ ଏବଂ ବାହାରେ ବିଭିନ୍ନ ତାଲିମ ଆୟୋଜନ କରିବାରେ 'ଇମେଜ' (IMAGE) ଦକ୍ଷତା ହାସଲ କରିଛି । ବିଭାଗ ଦ୍ୱାରା ସମୟ ସମୟରେ ନିର୍ଦ୍ଧାରିତ ତାଲିମ କ୍ୟାଲେଣ୍ଡର ଅନୁଯାୟୀ ଇମେଜ ଦ୍ୱାରା ତାଲିମ ପରିଚାଳନା କରାଯାଉଛି ।

୨୦୨୫-୨୬ ଆର୍ଥିକ ବର୍ଷରେ, ବ୍ଲକ୍ ସ୍ତରୀୟ ବୈଷୟିକ ଦଳ (BTT) ଆବାହକମାନଙ୍କ ପାଇଁ ରିଫ୍ରେସର ତାଲିମ, ଡିପିଡି (DPD) ଏବଂ ଆକାଉଣ୍ଟାଣ୍ଟ ମାନଙ୍କ ପାଇଁ ସମୀକ୍ଷା-ତଥା-କର୍ମଶାଳା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା (PMFBY) ଉପରେ ରାଜ୍ୟସ୍ତରୀୟ କର୍ମଶାଳା, କୃଷକ ରେଜିଷ୍ଟ୍ରି ଏବଂ ଡିଜିଟାଲ ଫସଲ ସର୍ବେକ୍ଷଣ ଉପରେ ମାଷ୍ଟର ଟ୍ରେନରଙ୍କ ତାଲିମ ଏବଂ ସବୁଜକୃଷି (Green Agriculture) ଉପରେ ରାଜ୍ୟସ୍ତରୀୟ କର୍ମଶାଳା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।



## ମ୍ୟାନେଜ (MANAGE) ସହ ସହଯୋଗୀ କାର୍ଯ୍ୟକ୍ରମ

### କୃଷି ବିକ୍ରେତାମାନଙ୍କ ପାଇଁ କୃଷି ସମ୍ପ୍ରସାରଣ ସେବାରେ ଡିପ୍ଲୋମା (DAESI) :

ହାଇଦ୍ରାବାଦ ସ୍ଥିତ ମ୍ୟାନେଜ (MANAGE) ଦ୍ୱାରା ପ୍ରସ୍ତୁତ ଏହି ଏକ ବର୍ଷିଆ ଡିପ୍ଲୋମା ପାଠ୍ୟକ୍ରମର ଲକ୍ଷ୍ୟ ହେଉଛି ଇନପୁଟ ଡିଲରମାନଙ୍କୁ ଆବଶ୍ୟକ ବୈଷୟିକ ଏବଂ ପରାମର୍ଶଦାତା ଦକ୍ଷତାରେ ପାରଙ୍ଗମ କରିବା, ଯାହା ଦ୍ୱାରା ସେମାନେ ପାରା-ଏକ୍ସଟେନସନ ବୃତ୍ତିଗତ ଭାବରେ କାର୍ଯ୍ୟ କରିପାରିବେ । ଚଳିତବର୍ଷ, ବିଭିନ୍ନ ଜିଲ୍ଲାରେ ନୋଡାଲ ଟ୍ରେନିଂ ଇନଷ୍ଟିଚ୍ୟୁଟ ମାଧ୍ୟମରେ ୨୮୦ ଜଣ ଇନପୁଟ ଡିଲରଙ୍କ ନାମ ଲେଖା ସହ ୭ଟି ବ୍ୟାଚ୍ ଅନୁମୋଦିତ ହୋଇଛି ।

## FAO-GEF ସହାୟତା ପ୍ରାପ୍ତ ସବୁଜ କୃଷି ପ୍ରକଳ୍ପ

ମୟୂରଭଞ୍ଜ, ଗଞ୍ଜାମ ଏବଂ କଳାହାଣ୍ଡି ଜିଲ୍ଲାରେ GEF-6 ଏବଂ GEF-7 ସବୁଜ କୃଷି ପ୍ରକଳ୍ପ ପରିଚାଳନା ପାଇଁ 'ଇମେଜ' ଏକ ଅପରେସନ ପାର୍ଟନର ଭାବରେ ସହଯୋଗ କରୁଛି । ଉଭୟ ପ୍ରକଳ୍ପ ଜୈବ ବିବିଧତା ସଂରକ୍ଷଣ ଏବଂ ଜଳବାୟୁ ସହନଶୀଳ କୃଷି ପାଇଁ କାର୍ଯ୍ୟ କରୁଛନ୍ତି ।

## କୃଷି ସମୃଦ୍ଧି ହେଲ୍ପଲାଇନ୍ (୧୫୫୩୩୩)

କୃଷି ସମୃଦ୍ଧି ହେଲ୍ପଲାଇନ୍ ହେଉଛି ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଏକ ଟୋଲ ଫ୍ରୀ ଫୋନ ନମ୍ବର ଭିତ୍ତିକ ପରାମର୍ଶ ସେବା । 'ଇମେଜ' ଏହି ରାଜ୍ୟସ୍ତରୀୟ ପ୍ରକଳ୍ପର କାର୍ଯ୍ୟକାରିତାର ତଦାରଖ କରୁଛି । ଏହି ପ୍ଲାଟଫର୍ମରେ ୮୦ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକୃତ ହୋଇଛନ୍ତି ଏବଂ ଫସଲ ଚାଷ, ପ୍ରାଣୀସମ୍ପଦ ଏବଂ ମତ୍ସ୍ୟପରିଚାଳନା ଉପରେ ନିର୍ଦ୍ଦିଷ୍ଟ ପରାମର୍ଶ ପାଉଛନ୍ତି ।



କୃଷି ସମୃଦ୍ଧି ହେଲ୍ପଲାଇନ - ପରିସର ଏବଂ ପ୍ରସାର

Toll free

ଟୋଲ୍-ଫ୍ରି ପରାମର୍ଶ ସେବା: ନିଶୁଳ୍କ ଟେଲିଫୋନ୍ ସହାୟତା ।

୮୦+ ଲକ୍ଷ ପଞ୍ଜିକୃତ ଚାଷୀ

ଫସଲ, ପ୍ରାଣୀସମ୍ପଦ ଏବଂ ମତ୍ସ୍ୟଚାଷ ପରାମର୍ଶ: ବିଭିନ୍ନ କୃଷି କ୍ଷେତ୍ର ପାଇଁ ବିଶେଷଜ୍ଞଙ୍କ ପରାମର୍ଶ ।

ରାଜ୍ୟବ୍ୟାପୀ ସେବା: ଓଡ଼ିଶାର ସମସ୍ତ ଅଞ୍ଚଳ ପାଇଁ ଉପଲବ୍ଧ

## ବିକଶିତ କୃଷି ସଂକଳ୍ପ ଅଭିଯାନ (VKSA)

ଭାରତ ସରକାରଙ୍କ ୧୫ ଦିନିଆ ଅଭିଯାନର ଜାତୀୟସ୍ତରୀୟ ଶୁଭାରମ୍ଭ ୨୯.୦୫.୨୦୨୫ ତାରିଖରେ ପୁରୀ ଜିଲ୍ଲା ସାକ୍ଷୀଗୋପାଳର ବୀରଗୋବିନ୍ଦପୁରଠାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନ, ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ତଥା ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ ।

ଏହି ୧୫ ଦିନିଆ ଅଭିଯାନ ମଧ୍ୟରେ, ରାଜ୍ୟବ୍ୟାପୀ ଥିବା ICAR ଅନୁଷ୍ଠାନର କୃଷି ବୈଜ୍ଞାନିକ, OUAT ର KVK ଏବଂ ବିଭାଗୀୟ ଅଧିକାରୀଙ୍କ ମିଳିତ ସହଯୋଗରେ ପ୍ରତିଦିନ ପ୍ରାୟ ୧୮୦ଟି ଚାଷୀ-ବୈଜ୍ଞାନିକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏହି ଦଳ ସହିତ, ବିଭିନ୍ନ ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ 'କୃଷି ରଥ' ଗୁଡ଼ିକ ଗ୍ରାମାଞ୍ଚଳରେ ବୁଲିଥିଲେ ଯାହା ଦ୍ୱାରା ଅଧିକରୁ ଅଧିକ ଚାଷୀଙ୍କ ପାଖରେ ପହଞ୍ଚି ହେବ । ରାଜ୍ୟର ପ୍ରାୟ ୧୨ ଲକ୍ଷ ଚାଷୀ ଏହି ଜ୍ଞାନ ଆହରଣ ଅଭିଯାନରେ ଆଗ୍ରହର ସହ ଅଂଶ ଗ୍ରହଣ କରିଥିଲେ । ଚାଷୀମାନଙ୍କୁ ଆଧୁନିକ ଫସଲ ଉତ୍ପାଦନ ଜ୍ଞାନକୌଶଳ, କୃଷକକଲ୍ୟାଣ ଏବଂ ସଶକ୍ତିକରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଏବଂ କୃଷି ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରାଯାଇଥିଲା । ଏହି ପଦକ୍ଷେପ ପ୍ରଥମଥର ପାଇଁ ନିଆଯାଇଥିଲା ଏବଂ ରାଜ୍ୟରେ କାର୍ଯ୍ୟକ୍ରମର ସଫଳ ପରିଚାଳନାକୁ ଭାରତ ସରକାର ଉଚ୍ଚପ୍ରଶଂସା କରିଥିଲେ ।



# Media

## ଚାଷୀଙ୍କ ଖାତାରେ ପିଏମ୍ କିଷାନ ଟଙ୍କା

### ଦେଶର ୯ହଜାର ଚାଷୀଙ୍କୁ ୧୮ ହଜାର କୋଟି



ଡିଜିଟିଟି ଜୋଗେ କଲେ ସ୍ଥାନାନ୍ତର

### ଓଡ଼ିଶାର ୩୪.୧୨ ଲକ୍ଷ କୃଷକଙ୍କୁ ୭୦୦ କୋଟି



# ଚାଷୀଙ୍କୁ ୧୮ ହଜାର କୋଟି

## ପ୍ରଧାନମନ୍ତ୍ରୀ ପିଏମ କିଷାନର ୨୧ତମ କିସ୍ତି ପ୍ରଦାନ କଲେ




# ଓଡ଼ିଶାର କୃଷି-ଐତିହ୍ୟ ଓ ଶ୍ରୀ ଅନ୍ନ ସଂରକ୍ଷଣକୁ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ପ୍ରଶଂସା



## Organic farming opens new chapter in Sundargarh

ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ଜିଲ୍ଲାପାଳ ସାର ବଣ୍ଟନ ମନିଟରିଂ କରିବେ

ସେପ୍ଟେମ୍ବର ୩୦ ସୁଦ୍ଧା ୯.୫୫.୦୦୦ ଟନ ଆବଶ୍ୟକ

କେନ୍ଦ୍ର ସରକାର ଏହି ପରିମାଣର ସାର ଦେଇଛନ୍ତି

ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ



## Climate Smart Agriculture Alliance formalised in state

STATESMAN NEWS SERVICE



# Dy CM: Odisha leads with SOP for women-friendly farm machinery

PNN & AGENCIES

**Bhubaneswar, Feb 13:** Odisha is the only state which has prepared a standard operating procedure (SOP) to manufacture women-friendly farm machinery, Deputy Chief Minister Kanak Vardhan Singh Deo said here Friday.

He was speaking at the inception workshop on 'Institutionalising the Gender Responsive Cell: Framework and Roadmap'.

The Agriculture and Farmers' Empowerment department, in collaboration with the International Food Policy Research Institute (IFPRI) and with support from the Gates Foundation, organised the workshop here.

It is worth noting that the ...



The workshop marks the next step of operationalising the commitment and ensuring ...

... ers' Empowerment department secretary Sachin Ramchandra Jadhav described the Gender Responsive Cell as a ... form. He said, "The ... resents a shift toward ... ble and evidence-driv... ultural governance." ... ighting the role of re... and academia, Odisha ... ity of Agriculture & ... logy Vice Chancel... vat Kumar Roul said ... responsive agricul... ransformation must be ... ed in rigorous evidence ... tinuous learning.

# World Soil Day: Deputy CM Singh Deo bats for adoption of natural farming

Says healthy soil is the lifeline of agriculture, the foundation of food security

PBD BUREAU/PTI

BHUBANESWAR, DEC 5

ODISHA Deputy Chief Minister KV Singh Deo on Friday appealed to farmers, scientists and other stakeholders to adopt natural and climate-resilient farming techniques to preserve soil fertility for future generations.

Speaking at the state-level celebration of World Soil Day here, observed this year under the theme 'Healthy Soils for Healthy Cities', Singh Deo said ...



... agriculture and farmer empowerment department, said.

The theme focused on how soil health plays a key role in ensuring food security, environ...

... nutrient status, enabling crop-wise recommendations for balanced fertiliser use.

"Together, let us pledge to enrich our soil, strengthen our agriculture, and secure a prosperous future for Odisha," he ...

ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

# ଜଳବାୟୁ-ସହନଶୀଳ କୃଷି କୌଶଳ ପ୍ରଚଳନ କରିବାକୁ ଆହ୍ୱାନ

# Media

## Koraput Coffee a pride of Odisha, says PM





RAJEEV RATHAN ■ Bhubaneswar

Prime Minister Narendra Modi on Sunday praised the growing popularity and distinctive taste of Koraput Coffee during his monthly radio programme Mann Ki Baat describing it as a symbol of Odisha's pride and a powerful example of how tion is also transforming lives."

Calling it a remarkable story of empowerment, Modi said many people, including women, have turned to coffee cultivation and found prosperity and dignity. "There are people in Koraput who left lucrative corporate jobs to pursue their passion for coffee and are

Extending greetings to people across the country on the occasion of Chhath Puja, Modi said the festival reflects the deep unity and warmth within Indian society. "The way women who observe the Chhath fast prepare for this festival with dedication and sincerity is truly inspiring," he remarked.

## ଆଳୁ ଚାଷ ପ୍ରତି ବଢୁଛି ଆଗ୍ରହ



## 'କୃଷି-ଉଦ୍ୟୋଗ ଆନ୍ଦୋଳନର ନେତୃତ୍ୱ ନିଅନ୍ତୁ ଯୁବପିଢ଼ି'

## ସାର ଯୋଗାଣରେ ହେରଫେର କଲେ ନିସ୍ତାର ନାହିଁ: ମୁଖ୍ୟମନ୍ତ୍ରୀ

### ଜିଲ୍ଲା ଓ ବ୍ଲକସ୍ତରରେ କଡ଼ାକଡ଼ି ଯାଞ୍ଚ ନିର୍ଦ୍ଦେଶ

### ଆବଶ୍ୟକ ହେଲେ ଅଧିକ ସାର ପାଇଁ କେନ୍ଦ୍ରକୁ କୁହାଯିବ





## Over 34.12 lakh farmers in State get benefit of PM-Kisan



PBD BUREAU/PTI

## କୃଷି ଓଡ଼ିଶା-୨୦୨୬ ଉଦ୍‌ଯାପିତ

## Export boon for Dhenkanal farmers

SUBHASHISH MOHANTY

Bhubaneswar: For farmers as well as women from the Juang tribe inhabiting Sapiasajya in Odisha's Dhenkanal district,



This export to Ireland was their first in the vegetable category. Last year, they exported 32 tonnes of Amrapali mangoes to Dubai, Abu Dhabi, UK, Germany and Italy.

"We earned nearly ₹22 lakh. We have also got an ex- ... from Dubai for wood apples, ice custard apples,"

Rama Chandra ... he realised the exports. "We are ... than the market produce," he said. ... asajya Agro Pro- ... pany has also en- ... en of the Juang ... fied as one of the ... vulnerable trib- ... packaging farm ... export. ... mmunity members ... r. We decided to ... en from the com- ... e packaging pro- ... ey complete their ... chores, around ... me to our office. ... They

## Chouhan asks agri scientists to develop high-quality millet seeds



"The farmers are always looking for crops which will give them better financial benefits. So, it is a challenge before us to make millet a profitable crop so that the farmers can pivot towards its cultivation"

## ଜଳବାୟୁ ସ୍ଥିରତା ଲାଗି କୃଷି କ୍ଷେତ୍ରରେ ମରୁଡ଼ି ପ୍ରଶମନ ଆରମ୍ଭ



## ଅମୃତ ଅନ୍ନଯୋଜନାରେ କ୍ଷେତ୍ର ପରିଦର୍ଶନ

## ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କଲେ ଉପମୁଖ୍ୟମନ୍ତ୍ରୀ







# କୃଷି ଓ କୃଷକ ସଶକ୍ତିକରଣ ବିଭାଗ

https://www.facebook.com/agriculture.odisha @krushibibhag krushibibhag

**କୃଷି ସୂଚନା ଶାଖା**

ଭୁବନେଶ୍ୱର, ମାର୍ଚ୍ଚ ୨୦୨୬